


ପୃଷ୍ଠା ୧୧ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-86 ♦SATURDAY ♦19 SEPTEMBER 2026 ♦PAGE-12 ♦₹ 7.00 | SAMBALPUR | ♦ବର୍ଷ-୪୪ ♦ସଂଖ୍ୟା-୮୬ ♦ଶନିବାର ♦୧୯ ସେପ୍ଟେମ୍ବର ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦

## ଆଜିଠାରୁ ଏସିଆନ୍ ଗେମ୍ସ

■ ଟୋକିଓ, ୧୮।୯ (ଏଜେନ୍ସି): ଜାପାନର ଆଇଚି-ନାଗୋୟାଠାରେ ଆସନ୍ତାକାଲିଠାରୁ ୨୦ତମ ଏସିଆନ ଗେମ୍ସ ବା ଏସିଆଡ୍ ଆୟୋଜିତ ହେବ। ବିଶ୍ୱର ଦ୍ୱିତୀୟ ସର୍ବବୃହତ୍ କ୍ରୀଡ଼ା ପ୍ରତିଯୋଗିତାଭାବେ ବିବେଚିତ ଏହି ପ୍ରତିଯୋଗିତା ସେପ୍ଟେମ୍ବର ୧୯ରୁ ଆରମ୍ଭ ହୋଇ ଅକ୍ଟୋବର ୪ରେ ଶେଷ ହେବ। ଏସିଆ ମହାଦେଶର ୪୬ଟି ଦେଶରୁ ପାଖାପାଖି ୧୦,୮୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ୧୬ ଦିନ ଧରି ହେବାକୁ ଥିବା ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଚୀନ୍, ଜାପାନ, ଦକ୍ଷିଣ କୋରିଆ, ଇରାନ ଓ ଭାରତ ସର୍ବାଧିକ ପଦକ ଜିତିବା ଲାଗି ଲଢ଼େଇ କରିବେ। ମୋଟ ୪୩ଟି କ୍ରୀଡ଼ା ଶୃଙ୍ଖଳାରେ ୭୧ଟି ବିଭାଗରେ ପ୍ରତିଦ୍ୱନ୍ଦ୍ୱିତା ହେବ। ମୋଟ ୪୬୯ଟି ମେଡାଲ ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ରହିଛି। ଖେଳାଳିଙ୍କ ଲାଗି ରହିବା, ଖାଇବା, ଯାତାୟତ, ଅଭ୍ୟାସ ଲାଗି ଭେନ୍ୟୁ ଓ ଇକ୍ୱିପମେଣ୍ଟର ଅଭାବ ଯୋଗୁଁ ଏସିଆନ ଗେମ୍ସରେ ଅବ୍ୟବସ୍ଥା ଲାଗି ରହିଛି। ବିଶ୍ୱର ଦ୍ୱିତୀୟ ବୃହତ୍ତମ କ୍ରୀଡ଼ା ପ୍ରତିଯୋଗିତା ଅବ୍ୟବସ୍ଥା ଓ ଅରାଜକତା ମଧ୍ୟରେ ଆସନ୍ତାକାଲିଠାରୁ ଆରମ୍ଭ ହେବାକୁ ଯାଉଛି।

ମେଡାଲ ବିଜୟରେ ୫ମ ସ୍ଥାନରେ ରହିଥିବା ଭାରତ ଏଥର ୩୬ଟି କ୍ରୀଡ଼ା ଶୃଙ୍ଖଳାରେ ଅଂଶଗ୍ରହଣ କରିବ। ଏଥିରେ ୪୯୬ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଡୋପ୍ ଟେଷ୍ଟରେ ଧରାପଡ଼ିବା, ଆହତ ହେବା ଯୋଗୁଁ ଏହି ସଂଖ୍ୟା କମିଯିବାର ଆଶଙ୍କା ରହିଛି। ଭାରତର ଶକ୍ତି ହେଉଛି ଆଥଲେଟିକ୍ସ। ଏଥିରେ ସର୍ବାଧିକ୍ ପଦକ ବିଜୟୀ ହେବାର ସମ୍ଭାବନା ରହିଛି। ପୁରୁଷ ଓ ମହିଳା ଦଳଗତ ଖେଳର ହକି ଓ କ୍ରିକେଟ ବ୍ୟତୀତ କବାଡି, ସୁଟିଂ, ଆର୍ଚରୀ, ସିପକଟାକ୍ର, ଲନ୍ ଟେନିସ ଓ ରେସଲିଂରେ ଭାରତ ଅଧିକ ପଦକ ଜିତିବ ବୋଲି ଆଶା କରାଯାଉଛି। ହକି ଖେଳ ଲାଗି ଏହି ପ୍ରତିଯୋଗିତା ବେଶ ଗୁରୁତ୍ୱ ରଖୁଛି। ଏଠାରେ ସ୍ୱର୍ଣ୍ଣପଦକ ବା ଚାମ୍ପିଅନ ହେଲେ ୨୦୨୮ ଅଲିମ୍ପିକ୍ସକୁ ସିଧାସଳଖ ଯୋଗ୍ୟତା ଅର୍ଜନ କରିବ। ଏଭଳି ସୁଯୋଗ ଆର୍ଚରୀର କିଛି ବିଭାଗ, ସ୍କ୍ୱାଶ୍ ଓ ଲନ ଟେନିସରେ ମଧ୍ୟ ରହିଛି। ଭାରତ ପୂର୍ବାପେକ୍ଷା ଏଥର ଭଲ ପ୍ରଦର୍ଶନ କରିବ ବୋଲି ଆଶା କରାଯାଉଛି।



# ପଶ୍ଚିମବଙ୍ଗରେ ହଟଚମଟ

**ନନ୍ଦୀଗ୍ରାମ ମହାସମର**

## ଶୁଭେନ୍ଦୁଙ୍କୁ ଭେଟିବା ପରେ ଓହରିଗଲେ ମମତାଙ୍କ ପ୍ରାର୍ଥୀ

## ମମତାଙ୍କ ସମର୍ଥନ ପରେ କଂଗ୍ରେସ ପ୍ରାର୍ଥୀ ମିଳନ ଗିରଫ

■ ନୂଆଦିଲ୍ଲୀ/କୋଲକାତା, ୧୮।୯ (ଏଜେନ୍ସି): ପଶ୍ଚିମବଙ୍ଗରେ ତୃଣମୂଳ କଂଗ୍ରେସର ଆଭ୍ୟନ୍ତରୀଣ ବିବାଦ ଏବେ ନୂଆ ରାଜନୈତିକ ମୋଡ଼ ନେଇଛି। ଦଳର ନାମ ଓ ନିର୍ବାଚନୀ ଚିହ୍ନକୁ ନେଇ ବିବାଦ ମଧ୍ୟରେ ନିର୍ବାଚନ କମିଶନ ଦୁଇ ଗୋଷ୍ଠୀକୁ ଅଲଗା ନାମ ଓ ଚିହ୍ନ ଦେଇଛନ୍ତି। ମମତା ବାନାର୍ଜୀଙ୍କ ଗୋଷ୍ଠୀ 'ମମତା ଅଲ୍ ଇଣ୍ଡିଆ ତୃଣମୂଳ କଂଗ୍ରେସ' ନାମରେ 'ଫୁଟବଲ ଖେଳାଳି' ଚିହ୍ନରେ ଏବଂ ଅରୂପ ରାୟଙ୍କ ନେତୃତ୍ୱାଧୀନ ଗୋଷ୍ଠୀ 'ଡେମୋକ୍ରାଟିକ୍ ତୃଣମୂଳ କଂଗ୍ରେସ' ନାମରେ 'ଲଫାପା' ଚିହ୍ନରେ ନିର୍ବାଚନ ଲଢ଼ିବ। ଏହି ବ୍ୟବସ୍ଥା ଅକ୍ଟୋବର ୬ରେ ହେବାକୁ ଥିବା ଉପନିର୍ବାଚନ ପାଇଁ ଅନ୍ତରୀଣ ଭାବେ ଲାଗୁ ହେବ। ପଶ୍ଚିମବଙ୍ଗ ସହ ତୃଣମୂଳର ବିଧାୟକ ଥିବା ଅନ୍ୟ ରାଜ୍ୟରେ ବି ଏହି ନିୟମ ଲାଗୁ ହେବ।

ନିର୍ବାଚନ କମିଶନ ଗୁରୁବାର 'ଅଲ୍ ଇଣ୍ଡିଆ ତୃଣମୂଳ କଂଗ୍ରେସ' ନାମ ଏବଂ ଦଳର ପାରମ୍ପରିକ 'ଫୁଲ-ଘାସ' ଚିହ୍ନର ବ୍ୟବହାର ଉପରେ ଅଙ୍କୁଶ ଲଗାଇଛନ୍ତି। ଦଳର ନାମ ଓ ଚିହ୍ନ ଉପରେ ଉଭୟ ଗୋଷ୍ଠୀ ଦାବି କରୁଥିବାରୁ ଏହି ଅନ୍ତରୀଣ ବ୍ୟବସ୍ଥା କରାଯାଇଛି। ମୂଳ ନାମ ଓ ଚିହ୍ନ ଉପରେ ଅଧିକାର କାହାର ରହିବ, ସେନେଇ ଚୂଡ଼ାନ୍ତ ନିଷ୍ପତ୍ତି ପରବର୍ତ୍ତୀ ପର୍ଯ୍ୟାୟରେ ହେବ। ଉଭୟ ଗୋଷ୍ଠୀକୁ ବିକଳ୍ପ ନାମ ଓ ମୁକ୍ତ ଚିହ୍ନର ପସନ୍ଦ ଦେବାକୁ କୁହାଯିବା ପରେ ମମତାଙ୍କ ଦଳକୁ ଫୁଟବଲ ଖେଳାଳି ଏବଂ ତୃଣମୂଳର ବିଦ୍ରୋହୀ ଗୋଷ୍ଠୀକୁ ଲଫାପା ଚିହ୍ନ ପ୍ରଦାନ କରାଯାଇଛି। ୧୯୯୮ରେ କଂଗ୍ରେସଠାରୁ ଅଲଗା ହୋଇ ମମତା ବାନାର୍ଜୀ ତୃଣମୂଳ କଂଗ୍ରେସ ଗଠନ କରିଥିଲେ। ଦୀର୍ଘବର୍ଷ ଧରି ଦଳର ନିର୍ବାଚନୀ ପରିଚୟ ଭାବେ ରହିଥିବା ପାରମ୍ପରିକ ଚିହ୍ନର ବ୍ୟବହାର ଉପରେ ଏଭଳି ପ୍ରତିବନ୍ଧକ ଦଳୀୟ ବିବାଦକୁ ଆହୁରି ଜଟିଳ କରିଛି। ମମତା ଏହି ନିଷ୍ପତ୍ତିକୁ ବିରୋଧ କରି ମୂଳ ନାମ ଓ ଚିହ୍ନ ଉପରେ ନିଜ ଦାବି ଜାରି ରଖିବେ ବୋଲି କହିଛନ୍ତି। ତୃଣମୂଳ କଂଗ୍ରେସ (ଟିଏମସି)ର ନାମ ଓ ଦଳୀୟ ଚିହ୍ନ 'ଫୁଲ ଓ ଘାସ'କୁ ସାମୟିକ ଭାବେ ଫ୍ରିଜ୍ କରିବା ପାଇଁ ନିର୍ବାଚନ ଆୟୋଗଙ୍କ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି ମମତା। ଦଳର ଦୁଇ ଗୋଷ୍ଠୀ ମଧ୍ୟରେ ଚାଲିଥିବା ଅଭ୍ୟନ୍ତରୀଣ ବିବାଦ ମଧ୍ୟରେ ଆସନ୍ତା ଅକ୍ଟୋବର ୬ ଉପନିର୍ବାଚନ ପାଇଁ ନିର୍ବାଚନ ଆୟୋଗ ଏହି ମଧ୍ୟବର୍ତ୍ତୀକାଳୀନ ଆଦେଶ ଜାରି କରିଥିଲେ।

**ସୁପ୍ରିମ୍‌କୋର୍ଟ ଗଲେ ମମତା**

ଅନ୍ୟପକ୍ଷରେ ଏହି ବିବାଦ ମଧ୍ୟରେ ନନ୍ଦୀଗ୍ରାମ ଉପନିର୍ବାଚନ ମଧ୍ୟ ନୂଆ ମୋଡ଼ ନେଇଛି। ମମତା ଗୋଷ୍ଠୀର ପ୍ରାର୍ଥୀ ସଞ୍ଚିତା ପ୍ରଧାନ ଦେ ଶୁକ୍ରବାର ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କୁ ଭେଟିବା ପରେ ▶ପୃଷ୍ଠା-୭



ମମତାଙ୍କ ଗୋଷ୍ଠୀକୁ 'ମମତା ଅଲ୍ ଇଣ୍ଡିଆ ତୃଣମୂଳ କଂଗ୍ରେସ' ନାମ ସହ 'ଫୁଟବଲ ଖେଳାଳି' ଚିହ୍ନ

ବିଦ୍ରୋହୀ ଗୋଷ୍ଠୀକୁ 'ଡେମୋକ୍ରାଟିକ୍ ତୃଣମୂଳ କଂଗ୍ରେସ' ନାମ, 'ଲଫାପା' ଚିହ୍ନ

# ନମାଜ ବେଳେ ଆତ୍ମଘାତୀ ବିସ୍ଫୋରଣ; ୧୬ ମୃତ

■ କୋହାଟ, ୧୮।୯ (ଏଜେନ୍ସି): ପାକିସ୍ତାନର ଖାଇବର ପଖତୁନଖ୍ୱା ପ୍ରଦେଶର କୋହାଟ ଜିଲ୍ଲାରେ ଶୁକ୍ରବାର ନମାଜ ସମୟରେ ମସଜିଦ ନିକଟରେ ବିସ୍ଫୋରଣ ଘଟିଛି। ଏଥିରେ ୧୬ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୫ ଜଣ ପୁଲିସ କର୍ମଚାରୀ ଓ ୧୧ ଜଣ ସାଧାରଣ ନାଗରିକ ରହିଛନ୍ତି ଏବଂ ୫୦ରୁ ଅଧିକ ଲୋକ ଆହତ ହୋଇଛନ୍ତି। ବିସ୍ଫୋରଣର ପ୍ରଭାବରେ ମସଜିଦର ବାହାର ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ସହ ଏକ କାନ୍ଥ ଭୁଶୁଡ଼ି ପଡ଼ିଛି। ସୂଚନା ଅନୁସାରେ, ବିସ୍ଫୋରକ ଭର୍ତ୍ତି ଏକ ଗାଡ଼ି ପୁରୁଣା ପୁଲିସ ଲାଇନ୍ସର ଗେଟ୍‌ରେ ଧକ୍କା ଦେବା ପରେ ବିସ୍ଫୋରଣ ଘଟିଥିଲା। ଘଟଣା ପରେ କୋହାଟ-ହାଙ୍ଗୁ ରାସ୍ତାକୁ ବନ୍ଦ କରାଯାଇଛି। ଆହତଙ୍କ ସଂଖ୍ୟା ବଢ଼ିବାରୁ ହସ୍ପିଟାଲରେ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରାଯାଇଛି। ବିସ୍ଫୋରଣର ପ୍ରକୃତ କାରଣ ଓ ଏହା ପଛରେ କିଏ ରହିଛି, ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ପୁଲିସ ଓ ସୁରକ୍ଷା ଏଜେନ୍ସି ତଦନ୍ତ ଜାରି ରଖିଛନ୍ତି। ଘଟଣାକୁ ନେଇ ଖାଇବର ପଖତୁନଖ୍ୱା ମୁଖ୍ୟମନ୍ତ୍ରୀ ସୋହେଲ ଆଫ୍ରିଦି ବିସ୍ତୃତ ରିପୋର୍ଟ ତଲବ କରିଛନ୍ତି। ନିରୀହ ଲୋକଙ୍କୁ ଟାର୍ଗେଟ୍ କରିବା କୌଣସି ପରିସ୍ଥିତିରେ ଗ୍ରହଣୀୟ ନୁହେଁ ବୋଲି ସେ କହିବା ସହ ଆହତଙ୍କୁ ତୁରନ୍ତ ଚିକିତ୍ସା ଯୋଗାଇବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟପାଳ ଫୈସଲ କରିମ କୁଣ୍ଡି ମଧ୍ୟ ବିସ୍ଫୋରଣକୁ ନିନ୍ଦା କରିଛନ୍ତି। ଗ୍ଲୋବାଲ ଟେରରିଜମ୍ ଇଣ୍ଡେକ୍ସ ୨୦୨୫ ଅନୁସାରେ, ବୁର୍କିନା ଫାସୋ ପରେ ପାକିସ୍ତାନ ବିଶ୍ୱର ଦ୍ୱିତୀୟ ସର୍ବାଧିକ ଆତଙ୍କବାଦ କାର୍ଯ୍ୟକଳାପ ହେଉଥିବା ଦେଶ।



**ଉତ୍ତର ଆଣ୍ଡାମାନରେ ପଶିଲା ଘୂର୍ଣ୍ଣିବଳୟ**

# ଆଜି ସୃଷ୍ଟି ହେବ ଲଘୁଚାପ

■ ଭୁବନେଶ୍ୱର, ୧୮।୯ (ସମିସ): ଉତ୍ତର ଥାଇଲାଣ୍ଡ ଉପରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ଶୁକ୍ରବାର ସନ୍ଧ୍ୟାରେ ଆଣ୍ଡାମାନ ସାଗରକୁ ପ୍ରବେଶ କରିଛି। ଏହାର ପ୍ରଭାବରେ ଶନିବାର ସନ୍ଧ୍ୟା ସୁଦ୍ଧା ଉତ୍ତର ଆଣ୍ଡାମାନ ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଏକ ଲଘୁଚାପ ସୃଷ୍ଟି ହେବ। ଏହି ଲଘୁଚାପ ଧୀରେ ଧୀରେ ଅଧିକ ଘନୀଭୂତ ହେବା ସହ ପରବର୍ତ୍ତୀ ୩-୪ ଦିନ ମଧ୍ୟରେ ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଗତି କରି ଦକ୍ଷିଣ ଓଡ଼ିଶା-ଉତ୍ତର ଆନ୍ଧ୍ରପ୍ରଦେଶ ଉପକୂଳ ଆଡ଼କୁ ଅଗ୍ରସର ହେବାର ସମ୍ଭାବନା ରହିଛି। ଏହି ଲଘୁଚାପ ସୃଷ୍ଟି ପରେ ବାତ୍ୟାରେ ପରିଣତ ହେବ କି ନାହିଁ ତାହା ସ୍ପଷ୍ଟ ହେବା ସହ ସମ୍ଭବତଃ ରବିବାର ବେଳକୁ ସମ୍ପୂର୍ଣ୍ଣ ଚିତ୍ର ଆକଳନ କରାଯିବାର ସମ୍ଭାବନା ରହିଛି।

ଅନ୍ୟପଟେ ଆଇଏମ୍‌ଡି ପକ୍ଷରୁ ଏହାର ଗତିପଥ ଓ ତୀବ୍ରତା ସମ୍ପର୍କରେ ବର୍ତ୍ତମାନ ସୁଦ୍ଧା ଆକଳନ କରାଯାଇ ନ ଥିଲେ ମଧ୍ୟ ଏହା ଅବପାତର ରୂପ ନେବ ବୋଲି ପ୍ରାଥମିକ ଭାବେ କୁହାଯାଇଛି। ତେଣୁ ୨୨ ତାରିଖଠାରୁ ରାଜ୍ୟରେ ଏହାଦ୍ୱାରା ବର୍ଷା ବଢ଼ିବ ବୋଲି ଆଇଏମ୍‌ଡି କହିଛି। ୨୨ରୁ ବର୍ଷା ବଢ଼ି ପରବର୍ତ୍ତୀ ୩ ଦିନ ପର୍ଯ୍ୟନ୍ତ ଜାରି ରହିବାକୁ ଥିବାରୁ ଏବେଠାରୁ ବିଭିନ୍ନ ▶ପୃଷ୍ଠା-୭




**୨୨ରୁ ରାଜ୍ୟରେ ବଢ଼ିବ ବର୍ଷାର ପରିମାଣ**

**ତୀବ୍ରତା ଓ ଗତିପଥକୁ ନେଇ ଅନିଶ୍ଚିତତା**

**ରାଜ୍ୟସଭା ନିର୍ବାଚନରେ କ୍ରସ ଭୋଟିଂ**

# ବାଚସ୍ପତିଙ୍କୁ ହାଇକୋର୍ଟଙ୍କ ଜବାବତଲବ

■ କଟକ, ୧୮।୯ (ସମିସ): ଦଳୀୟ ହୁଇପ ଅମାନ୍ୟ କରି ରାଜ୍ୟସଭା ନିର୍ବାଚନରେ କ୍ରସ୍‌ଭୋଟିଂ କରିଥିବା ୮ ବିଜେଡି ବିଧାୟକଙ୍କ ସଭ୍ୟପଦ ରଦ୍ଦ ପ୍ରସଙ୍ଗରେ ବାଚସ୍ପତିଙ୍କ ନିଷ୍ପତ୍ତିକୁ ଚାଲେଞ୍ଜ କରି ବିଜେଡି ପକ୍ଷରୁ ଦାୟର ଆବେଦନର ଶୁଣାଣି କରିଛନ୍ତି ହାଇକୋର୍ଟ। ଏହି ପ୍ରସଙ୍ଗରେ ଅଦାଲତ ବିଧାନସଭାର ବାଚସ୍ପତିଙ୍କୁ ଜବାବ ତଲବ କରିଛନ୍ତି ଜଷ୍ଟିସ ରାଧାକୃଷ୍ଣ ପଟ୍ଟନାୟକ। ଶୁଣାଣିବେଳେ ବାଚସ୍ପତିଙ୍କ ପକ୍ଷରୁ ଆଡ଼ଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ଜବାବ ଦାଖଲ ପାଇଁ ସମୟ ଲୋଡିବାରୁ ହାଇକୋର୍ଟ ଆସନ୍ତା ୨୯ ତାରିଖରେ ପରବର୍ତ୍ତୀ ଶୁଣାଣି ପୂର୍ବରୁ ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।ସେହିପରି ଆଜି ବିଧାୟକ ଚକ୍ରମଣି କହଁର ଓ ବିଧାୟିକା ସୁବାସିନୀ ଜେନା ପକ୍ଷଭୁକ୍ତ ଥିବା ଦୁଇ ଗୋଟି ପିଟିସନର ପ୍ରାରମ୍ଭିକ ଶୁଣାଣି ହୋଇଥିବା ବେଳେ ବାକି ୬ବିଧାୟକଙ୍କ ବିରୋଧରେ ରୁଜୁ ୬ଟି ମାମଲା ତାଲିକାଭୁକ୍ତ ହେବା ପରେ ଶୁଣାଣି କରାଯିବ ବୋଲି ସୂଚନା ମିଳିଛି।




**ଦୁଇଟି ପିଟିସନ ଉପରେ ପ୍ରାରମ୍ଭିକ ଶୁଣାଣି**

ଗତ ମାର୍ଚ୍ଚ ମାସରେ ଅନୁଷ୍ଠିତ ରାଜ୍ୟସଭା ନିର୍ବାଚନରେ ଦଳୀୟ ହ୍ୱିପ୍ ଉଲ୍ଲଂଘନ କରି ପୂର୍ବରୁ ନିଲମ୍ବିତ ସନାତନ ମହାକୁଡ଼ ଓ ଅରବିନ୍ଦ ମହାପାତ୍ରଙ୍କ ସହ ରମାକାନ୍ତ ଭୋଇ, ସୁବାସିନୀ ଜେନା, ନବକିଶୋର ମଲ୍ଲିକ, ଚକ୍ରମଣୀ କହଁର, ସୌଭିକ ବିଶ୍ୱାଳ ଓ ଦେବୀରଞ୍ଜନ ତ୍ରିପାଠୀ କ୍ରସ ଭୋଟିଂ କରିଥିଲେ। ଦଳୀୟ ଅନୁଶାସନ ଭଙ୍ଗ ଯୋଗୁଁ ଦଳ ପକ୍ଷରୁ ଅନ୍ୟ ୬ ଜଣଙ୍କୁ ଦଳରୁ ନିଲମ୍ବନ କରାଯାଇଥିଲା ଓ ପରେ ଏମାନଙ୍କ ସଭ୍ୟପଦ ରଦ୍ଦ ପାଇଁ ବିଜେଡି ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଏପ୍ରିଲ୍ ୨୭ରେ ବାଚସ୍ପତିଙ୍କୁ ଅନୁରୋଧ କରିଥିଲେ। ଦଳୀୟ ହ୍ୱିପ୍ ନ ମାନି ସ୍ୱେଚ୍ଛାକୃତ ଭାବରେ ଦଳ ବିରୋଧରେ ଯାଇଥିବାରୁ ସମ୍ବିଧାନର ଦଶମ ପରିଚ୍ଛେଦ ଅନୁଯାୟୀ ସେମାନଙ୍କର ସଭ୍ୟପଦ ରଦ୍ଦ କରିବାକୁ ଶ୍ରୀମତୀ ମଲ୍ଲିକ ଦାବି କରିଥିଲେ। ମାତ୍ର ଜୁନ୍ ୨୨ରେ ବାଚସ୍ପତି ଏହି ଆବେଦନକୁ ଖାରଜ କରିଦେଇଥିଲେ। ଏହା ବିରୋଧରେ ବିଜେଡି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ବିଷୟବସ୍ତୁ, ତଥ୍ୟ ପ୍ରମାଣ କିମ୍ବା ଯୁକ୍ତିକୁ ବିଚାର ନକରି ବୈଷୟିକ ବା ପ୍ରକ୍ରିୟାଗତ କାରଣରୁ ଏପରି ପିଟିସନ ଖାରଜ କରାଯାଇଥିଲା ବୋଲି ▶ପୃଷ୍ଠା-୭

**ଦିଲ୍ଲୀରୁ ଫେରିଲେ ନବୀନ**

# ୟୁପିଆଇ ଶୁଳ୍କକୁ ନେଇ ଚିନ୍ତାପ୍ରକଟ



■ ଭୁବନେଶ୍ୱର, ୧୮।୯ (ସମିସ): ଦିଲ୍ଲୀ ଗସ୍ତ ସାରି ଭୁବନେଶ୍ୱର ଫେରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଭୁବନେଶ୍ୱର ଫେରିବା ପରେ ନିକଟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ୟୁପିଆଇ କାରବାର ଉପରେ ଲାଗୁ କରାଯାଇଥିବା ଟିକସ ବ୍ୟବସ୍ଥାକୁ ନେଇ ନବୀନ ଚିନ୍ତା ପ୍ରକଟ କରିଛନ୍ତି। ନବୀନ କହିଛନ୍ତି, କୌଣସି ବି ସ୍ଥିତିରେ ସାଧାରଣ ଲୋକ ଓ ଛୋଟ ବ୍ୟବସାୟୀଙ୍କର କ୍ଷତି ହେବା ଉଚିତ ନୁହଁ। ସେମାନଙ୍କ ସ୍ୱାର୍ଥ ସର୍ବଦା ସୁରକ୍ଷିତ ରହିବା ଦରକାର ବୋଲି ନବୀନ କହିଛନ୍ତି। ସୂଚନା ଥାଉ କି ଗତ ସେପ୍ଟେମ୍ବର ୧ରେ ନବୀନ ଦିଲ୍ଲୀ ଗସ୍ତରେ ଯାଇଥିଲେ। ଏହି ଗସ୍ତ ସମୟରେ ନବୀନ ନିଜ ଦିଲ୍ଲୀସ୍ଥିତ ବାସଭବନରେ ରହିଥିବା ବେଳେ ବହୁ ପ୍ରତିଷ୍ଠିତ ବ୍ୟକ୍ତି ବିଶେଷ ନବୀନଙ୍କୁ ସାକ୍ଷାତ କରିଥିଲେ।

## ଓଲଟ ପାଲଟ



ଭାରତର ଅର୍ଥ ମନ୍ତ୍ରୀ ମାନନୀୟା
ନିର୍ମଳା ସୀତା ରମଣ
ନୋଟ ବନ୍ଦୀ ପରେ କ୍ୟାସ ଲେସ ପ୍ରଥା
ଦେଶରେ କଲ ଭିଆଣ !
ଭାରତୀୟ ଜନ ଗଣ
ତୁମ କଥା ମାନି ୟୁପିଆଇରେ
କଲେ ସବୁ ଦେଣ ନେଣ !
ଦି ହଜାର ପରେ ତଣ୍ଡ ଗଣିବେ
ବେପାରୀଙ୍କୁ କିଆଁ ହାଣ ?
-ଯାଯାବର

**ସହକର୍ମୀଙ୍କୁ ଦୁଷ୍କର୍ମ ଅଭିଯୋଗ**

# ବନ୍ଧାହେଲେ ଅତିରିକ୍ତ ସଚିବ

■ ଭୁବନେଶ୍ୱର, ୧୮।୯ (ସମିସ): ରାତି ଅଧରେ ଜଣେ ଯୁବତୀଙ୍କ ଘରେ ପଶି ହଙ୍ଗାମା କରିବା ପରିବହନ ବିଭାଗର ଅତିରିକ୍ତ ସଚିବ ଅରୁଣ ବିଶ୍ୱାଳଙ୍କୁ ମହଙ୍ଗା ପଡ଼ିଛି। ପରିବହନ ବିଭାଗ ଅଧୀନରେ କାର୍ଯ୍ୟରତ ଏହି ଯୁବତୀଜଣଙ୍କ ଶ୍ରୀ ବିଶ୍ୱାଳଙ୍କ ନାମରେ ଦୁଷ୍କର୍ମ ଅଭିଯୋଗ ଆଣିଛନ୍ତି। ଅଭିଯୋଗ ଭିତ୍ତିରେ ଖାରବେଳନଗର ଥାନା ପୁଲିସ ଶୁକ୍ରବାର ସଚିବ ଶ୍ରୀ ବିଶ୍ୱାଳଙ୍କୁ ଗିରଫ କରିଛି। ଅଭିଯୋଗ ଅନୁଯାୟୀ, ପୀଡ଼ିତା ଯୁବତୀ ଜଣକ ଖାରବେଳନଗର ଥାନା ଅଞ୍ଚଳରେ ପିଜି ହଷ୍ଟେଲରେ ଭଡ଼ାରେ ରହୁଛନ୍ତି। ପରିବହନ ବିଭାଗରେ ଚୁକ୍ତିଭିତ୍ତିରେ ଚାକିରି କରୁଛନ୍ତି। ଅରୁଣ ତାଙ୍କୁ ପ୍ରେମ ନିବେଦନ କରିବା ସହ ବିଭିନ୍ନ ସମୟରେ ନାନା ପ୍ରକାର ଭୟ ଦେଖାଇ ଶାରୀରିକ ସମ୍ପର୍କ ରଖୁଥିଲେ। ଯୁବତୀଙ୍କ ଘରକୁ ଶ୍ରୀ ବିଶ୍ୱାଳ ଗୁରୁବାର ବିଳମ୍ବିତ ରାତିରେ ପ୍ରବେଶ କରି ତାଙ୍କୁ ଟଣାଓଟରା କରିଥିଲେ। ଯୁବତୀ ଜଣଙ୍କ ପୁଲିସକୁ ଖବରଦେଲା ପରେ ପୁଲିସ ତାଙ୍କୁ ସେଠାରୁ ଉଠାଇ ନେଇଥିଲା। ଖାରବେଳନଗର ଥାନା ଅଧିକାରୀ ଦେବେନ୍ଦ୍ର କୁମାର ବିଶ୍ୱାଳ କହିଛନ୍ତି, ପୀଡ଼ିତା ଯୁବତୀ ଜଣକ ▶ପୃଷ୍ଠା-୭



**ମହଙ୍ଗା ପଡ଼ିଲା ରାତି ଅଧରେ ଘରେ ପଶି ହଙ୍ଗାମା କରିବା**

**'ସେମିକନ୍ ଇଣ୍ଡିଆ ୨୦୨୬'ରେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା**

# ନରାଜରେ ହେବ 'ଓଡ଼ିଶା ସିଲିକନ୍ ଭ୍ୟାଲି'

**ଓଡ଼ିଶାକୁ ମିଳିଲା ୨୩୬୦୦ କୋଟିର ନିବେଶ ପ୍ରସ୍ତାବ**

**ଖଣି ଅର୍ଥନୀତିରୁ ଜ୍ଞାନ ଅର୍ଥନୀତି ଆଡ଼କୁ ଓଡ଼ିଶାର ଅଗ୍ରଗତି**

■ ଭୁବନେଶ୍ୱର, ୧୮।୯ (ସମିସ): କଟକର ନରାଜଠାରେ ୮୭୦ ଏକର ପରିମିତ ଜମିରେ 'ଓଡ଼ିଶା ସିଲିକନ୍ ଭାଲି' ନିର୍ମାଣ କରାଯିବ। ଏହାଦ୍ୱାରା ସେଠାରେ ଏକ ବିଶ୍ୱସ୍ତରୀୟ ସେମିକଣ୍ଡକ୍ଟର ହବ୍ ସୃଷ୍ଟି ହୋଇପାରିବ। ନୂଆଦିଲ୍ଲୀ ଠାରେ ଆୟୋଜିତ 'ସେମିକନ୍ ଇଣ୍ଡିଆ ୨୦୨୬' ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ରାଜ୍ୟର ସେମିକଣ୍ଡକ୍ଟର ଏବଂ ଇଲେକ୍ଟ୍ରୋନିକ୍ସ କ୍ଷେତ୍ରର ଭବିଷ୍ୟତ ଓ ନୂତନ ନିବେଶକୁ ଦୃଷ୍ଟିରେ ରଖି ଏହି ଘୋଷଣା କରିଛନ୍ତି। ଦେଶର ସେମିକଣ୍ଡକ୍ଟର ମାନଚିତ୍ରରେ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟ ଭାବେ ପ୍ରତିଷ୍ଠା ହାସଲ କରୁଛି ମୁଖ୍ୟମନ୍ତ୍ରୀ କହିବା ସହ ରାଜ୍ୟରେ ସେମିକଣ୍ଡକ୍ଟର, ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ପ୍ରକଳ୍ପଗୁଡ଼ିକୁ ଏକାଠି କରି ଏକ ବିଶ୍ୱସ୍ତରୀୟ ସେମିକଣ୍ଡକ୍ଟର ହବ୍‌ରେ ପରିଣତ କରିବା ପାଇଁ ଏହି ପ୍ରକଳ୍ପ ହାତକୁ ନିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ନରାଜର ଭୌଗଳିକ ଅବସ୍ଥିତି ଶିଳ୍ପ ପାଇଁ ଅତ୍ୟନ୍ତ ଅନୁକୂଳ ଅଟେ। ଏଠାରୁ ଭୁବନେଶ୍ୱର-କଟକ ସହରାଞ୍ଚଳ କରିଡର ସହ ସୁଗମ ଯୋଗାଯୋଗ ସୁବିଧା ରହିବା ସହ ମହାନଦୀ ନିକଟବର୍ତ୍ତୀ ହୋଇଥିବାରୁ ଆବଶ୍ୟକ ଜଳ ଯୋଗାଣ ମଧ୍ୟ ସହଜ ହୋଇପାରିବ। ଏହାଛଡ଼ା, ପାରାଦୀପ ଏବଂ ଧାମରା ବନ୍ଦର ସହ ସଂଯୋଗ ରହୁଥିବାରୁ ଏହା ଲଜିଷ୍ଟିକ୍ସ ଏବଂ ଯୋଗାଣ ଶୃଙ୍ଖଳା ପାଇଁ ଏକ ମୁଖ୍ୟ କେନ୍ଦ୍ର ପାଲଟିବ। ▶ପୃଷ୍ଠା-୭





# ଦେଶ ବିଦେଶ



## ‘ଭୋଟ ଚୋରି, ସରକାର ଚୋରି, ଏବେ ଦଳ ଚୋରି’ ରାହୁଲଙ୍କ ଟାର୍ଗେଟରେ ବିଜେପି-ନିର୍ବାଚନ ଆୟୋଗ



**■ ଟିଏମ୍‌ସିର ନାମ, ଚିହ୍ନ ଫ୍ରିଜ୍ କରିବା ନେଇ ବଢ଼ିଲା ରାଜନୈତିକ ବିବାଦ**

ନୂଆଦିଲ୍ଲୀ, ୧୮।୯(ଏଜେନ୍ସି): ପଶ୍ଚିମବଙ୍ଗରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ଦଳୀୟ ନାମ ଓ ପାରମ୍ପରିକ ନିର୍ବାଚନୀ ଚିହ୍ନ ‘ଫୁଲ ଓ ଘାସ’କୁ ଅନ୍ତରୀଣ ଭାବେ ଫ୍ରିଜ୍ କରିବା ନିର୍ବାଚନ ଆୟୋଗର ନିଷ୍ପତ୍ତିକୁ ନେଇ ରାଜନୈତିକ ବିବାଦ ତୀବ୍ର ହୋଇଛି। ଏହି ନିଷ୍ପତ୍ତିକୁ ନେଇ ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ନିର୍ବାଚନ ଆୟୋଗ ଓ ବିଜେପିକୁ ତୀବ୍ର ସମାଲୋଚନା କରିଛନ୍ତି। ରାହୁଲ ଗାନ୍ଧୀ ଏକ୍ସରେ ଏକ ପୋଷ୍ଟ କରି ଅଭିଯୋଗ କରିଛନ୍ତି ଯେ ଶିବସେନା, ଏନ୍‌ସିପି ପରେ ଏବେ ଟିଏମ୍‌ସିକୁ ନେଇ ମଧ୍ୟ ସମାନ ଧରଣର ଘଟଣା ଘଟୁଛି। ତାଙ୍କ ଅଭିଯୋଗ ଅନୁଯାୟୀ, ବିଜେପି ଓ ନିର୍ବାଚନ ଆୟୋଗ ମିଶି ରାଜନୈତିକ ଦଳଗୁଡ଼ିକୁ ଭାଙ୍ଗୁଛନ୍ତି ଏବଂ ପରେ ସେମାନଙ୍କ ନିର୍ବାଚନୀ ଚିହ୍ନ ଛଡ଼ାଇ ନିଆଯାଉଛି। ‘ଭୋଟ ଚୋରି, ସରକାର ଚୋରି, ଏବେ ଦଳ ଚୋରି’ ଭଳି ଶବ୍ଦ ବ୍ୟବହାର କରି ସେ ନିର୍ବାଚନୀ ବ୍ୟବସ୍ଥାର ନିରପେକ୍ଷତା ଉପରେ ପ୍ରଶ୍ନ ଉଠାଇଛନ୍ତି। ତେବେ ନିର୍ବାଚନ ଆୟୋଗର ନିଷ୍ପତ୍ତିର ପୃଷ୍ଠଭୂମିରେ ଟିଏମ୍‌ସି ମଧ୍ୟରେ ଦଳୀୟ ନିୟନ୍ତ୍ରଣକୁ ନେଇ ଦୁଇଟି ଗୋଷ୍ଠୀର ଦାବି ରହିଛି। ମମତା ବାନାର୍ଜୀ ଓ ଅରୂପ ରାୟଙ୍କ ନେତୃତ୍ୱାଧୀନ ଦୁଇ ଗୋଷ୍ଠୀ ନିଜକୁ ପ୍ରକୃତ ଟିଏମ୍‌ସି ଭାବେ ଦାବି କରିବା ପରେ ଆୟୋଗ ଏହି ବିବାଦର ଶୁଣାଣି କରୁଛି। ଅନ୍ତରୀଣ ବ୍ୟବସ୍ଥା ଭାବେ ଉଭୟ ଗୋଷ୍ଠୀକୁ ମୂଳ ଦଳର ନାମ ଓ ଚିହ୍ନ ବ୍ୟବହାର ନକରିବାକୁ କୁହାଯାଇଛି। ଅକ୍ଟୋବର ୬ରେ ପଶ୍ଚିମବଙ୍ଗର ନନ୍ଦୀଗ୍ରାମ ଓ ରେଜିନଗର ସମେତ ଉପନିର୍ବାଚନ ହେବାକୁ ଥିବାରୁ ଆୟୋଗର ଏହି ଅନ୍ତରୀଣ ନିଷ୍ପତ୍ତିର ତୁରନ୍ତ ନିର୍ବାଚନୀ ପ୍ରଭାବ ରହିଛି। ଉଭୟ ଗୋଷ୍ଠୀକୁ ବିକଳ୍ପ ଦଳୀୟ ନାମ ଓ ମୁକ୍ତ ନିର୍ବାଚନୀ ଚିହ୍ନ ପାଇଁ ବିକଳ୍ପ ଦେବାକୁ କୁହାଯାଇଥିଲା। ଏହି ଘଟଣାକୁ ନେଇ କଂଗ୍ରେସର ସଂଗଠନ ମହାସଚିବ କେସି ବେଣୁଗୋପାଳ ମଧ୍ୟ ନିର୍ବାଚନ ଆୟୋଗର ନିଷ୍ପତ୍ତିକୁ ସମାଲୋଚନା କରିଛନ୍ତି। କଂଗ୍ରେସ ନେତା ପବନ ଖେଡ଼ା ନିର୍ବାଚନୀ ଅର୍ଥ, ପରିସୀମନ, ଭୋଟର ତାଲିକା ଓ ରାଜନୈତିକ ଦଳ ସମ୍ପର୍କିତ ପ୍ରସଙ୍ଗ ଉଠାଇ ଆୟୋଗର ଭୂମିକା ଉପରେ ପ୍ରଶ୍ନ କରିଛନ୍ତି। ଅନ୍ୟପକ୍ଷରେ, ଏହି ନିଷ୍ପତ୍ତି ଟିଏମ୍‌ସିର ଦୁଇ ଗୋଷ୍ଠୀ ମଧ୍ୟରେ ଚାଲିଥିବା ଦଳୀୟ ନିୟନ୍ତ୍ରଣ ବିବାଦର ଅନ୍ତରୀଣ ପଦକ୍ଷେପ ବୋଲି ନିର୍ବାଚନ ଆୟୋଗର ଆଦେଶରେ ଦର୍ଶାଯାଇଛି। ଶୁକ୍ରବାର ଆୟୋଗ ଦୁଇ ଗୋଷ୍ଠୀକୁ ନୂଆ ନାମ ଓ ଚିହ୍ନ ଆବଣ୍ଟନ କରିଛି; ମୂଳ ଟିଏମ୍‌ସି ନାମ ଓ ଚିହ୍ନ ଉପରେ ଅନ୍ତିମ ନିଷ୍ପତ୍ତି ପରବର୍ତ୍ତୀ ପର୍ଯ୍ୟାୟରେ ହେବ।

## ୮ ଲକ୍ଷ ଲାଞ୍ଚ ନେବାବେଳେ ଧରାପଡ଼ିଲେ ଜିଏସ୍‌ଟି ଅଧିକାରୀ

ବେଙ୍ଗାଲୁରୁ, ୧୮।୯(ଏଜେନ୍ସି): ୮ ଲକ୍ଷ ଟଙ୍କା ଲାଞ୍ଚ ନେବା ଅଭିଯୋଗରେ କେନ୍ଦ୍ରୀୟ ଜିଏସ୍‌ଟିର ଜଣେ ଅଧୀକ୍ଷକଙ୍କୁ ବେଙ୍ଗାଲୁରୁ ସିଟି ଲୋକାୟୁକ୍ତ ଧରିଛି। ଅଭିଯୁକ୍ତ ଅଧିକାରୀ ହେଉଛନ୍ତି ମୋହିତ ପ୍ରତାପ ସିଂହ। ଲୋକାୟୁକ୍ତ ପକ୍ଷରୁ କରାଯାଇଥିବା ଫାନ୍ଦ ଅଭିଯାନ ସମୟରେ ଟଙ୍କା ଗ୍ରହଣ କରୁଥିବା ଦୃଶ୍ୟ କ୍ୟାମେରାରେ ରେକର୍ଡ ହୋଇଥିବା ଜଣାପଡ଼ିଛି। ଲୋକାୟୁକ୍ତଙ୍କ ଅନୁସାରେ, ବ୍ୟବସାୟୀ ସୟଦ ଜମିରଙ୍କ ଉପରେ ବକେୟା କେନ୍ଦ୍ରୀୟ ଜିଏସ୍‌ଟି ମାମଲାରେ ଏକ କଥିତ ମିଥ୍ୟା ଅଭିଯୋଗ ବନ୍ଦ କରିବା ପାଇଁ ସିଂହ ୮ ଲକ୍ଷ ଟଙ୍କା ଦାବି କରିଥିବା ଅଭିଯୋଗ ହୋଇଥିଲା। ଅଭିଯୋଗ ପାଇବା ପରେ ଲୋକାୟୁକ୍ତ ଅଧିକାରୀମାନେ ଜାଲ ବିଛାଇଥିଲେ। କୋରମଙ୍ଗଳାସ୍ଥିତ କେନ୍ଦ୍ରୀୟ ସଦନରେ ନିଜ କାର୍ଯ୍ୟାଳୟ ଭିତରେ ଜଣେ ମଧ୍ୟସ୍ଥଙ୍କ ଜରିଆରେ ଟଙ୍କା ଗ୍ରହଣ କରୁଥିବାବେଳେ ସିଂହଙ୍କୁ ଧରାଯାଇଥିବା ଲୋକାୟୁକ୍ତ କହିଛି।

## ୪ ପାଇଲଟ୍‌ଙ୍କ ସହ ୮ ଜଣଙ୍କୁ ନିଲମ୍ବିତ କଲା ଏୟାର ଇଣ୍ଡିଆ ଏକ୍ସପ୍ରେସ

ନୂଆଦିଲ୍ଲୀ, ୧୮।୯(ଏଜେନ୍ସି): ବିମାନ ଅବତରଣ ପରେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ବାଧ୍ୟତାମୂଳକ ବ୍ରେଥ୍ ଆନାଲାଇଜର୍ ପରୀକ୍ଷା ନକରିବା ଅଭିଯୋଗରେ ଏୟାର ଇଣ୍ଡିଆ ଏକ୍ସପ୍ରେସ୍ ୪ ଜଣ ପାଇଲଟ୍‌ଙ୍କ ସମେତ ୮ ଜଣ କ୍ରୁ ସଦସ୍ୟଙ୍କୁ ୩ ମାସ ପାଇଁ ନିଲମ୍ବିତ କରିଛି। ଅଗଷ୍ଟ ୨ରେ ଏହି କ୍ରୁ ସଦସ୍ୟମାନେ ଦୁବାଇ-ଅମୃତସର ବିମାନରେ କାର୍ଯ୍ୟ କରୁଥିଲେ। ଡିଜିସିଏ ନିୟମ ଅନୁଯାୟୀ, ବିଦେଶରୁ ଆସୁଥିବା ବିମାନର କ୍ରୁ ସଦସ୍ୟଙ୍କୁ ଅବତରଣର ୨ ଘଣ୍ଟା ମଧ୍ୟରେ ବ୍ରେଥ୍ ଆନାଲାଇଜର୍ ପରୀକ୍ଷା କରାଇବାକୁ ପଡ଼ିବ। କିନ୍ତୁ ଅଭିଯୋଗ ଅନୁଯାୟୀ, ଅମୃତସରରେ ବିମାନ ଅବତରଣ ପରେ କ୍ରୁ ସଦସ୍ୟମାନେ ପ୍ରଥମେ ଏକ ହୋଟେଲକୁ ଯାଇଥିଲେ। ପ୍ରାୟ ୨ ଘଣ୍ଟା ୩୫ ମିନିଟ୍ ପରେ ବିମାନବନ୍ଦରକୁ ଫେରି ପରୀକ୍ଷା କରାଇଥିଲେ। ପରୀକ୍ଷାରେ ସମସ୍ତଙ୍କ ଫଳାଫଳ ମଦ୍ୟପାନ ମୁକ୍ତ ଥିଲା। ତଥାପି ନିର୍ଦ୍ଧାରିତ ସମୟ ଅତିକ୍ରମ କରିବାକୁ ନିୟମ ଉଲ୍ଲଂଘନ ଭାବେ ଗ୍ରହଣ କରାଯାଇଛି।

## ଝିଅକୁ ହତ୍ୟା ପରେ ଫ୍ରିଜ୍‌ରେ ରଖି ବାପାର ଆତ୍ମହତ୍ୟା

ଅମରେଲି, ୧୮।୯(ଏଜେନ୍ସି): ଗୁଜରାଟର ଅମରେଲି ଜିଲ୍ଲାରେ ଆର୍ଥିକ ସଙ୍କଟ ଯୋଗୁଁ ଜଣେ ୪୦ ବର୍ଷୀୟ ବ୍ୟକ୍ତି ନିଜ ୫ ବର୍ଷୀୟ ଝିଅକୁ ହତ୍ୟା କରିବା ପରେ ମୃତଦେହକୁ ଫ୍ରିଜ୍‌ରେ ରଖି ନିଜେ ଆତ୍ମହତ୍ୟା କରିଥିବା ପୁଲିସ କହିଛି। ମୃତକ ହେଉଛନ୍ତି ନିର୍ମାଣସ୍ଥଳ ସୁପରଭାଇଜର କିଶୋର ଧନକ। ତାଙ୍କ ଝିଅ ହିମାଂଶୀଙ୍କ ବୟସ ୫ ବର୍ଷ। ପୁଲିସ ଅନୁଯାୟୀ, ବୁଧବାର କିଶୋର ଘରେ ଝିଅଙ୍କ ସହ ଥିଲେ। ସେ ଝିଅର ମୁହଁ ହାତରେ ଚାପି ଶ୍ୱାସରୁଦ୍ଧ କରିଥିବା ଅଭିଯୋଗ ହୋଇଛି। ପରେ ମୃତଦେହକୁ ଫ୍ରିଜ୍‌ରେ ରଖି ସେ ପଙ୍ଖାରେ ଝୁଲିପଡ଼ିଥିଲେ। ଘରୁ ୩ଟି ଆତ୍ମହତ୍ୟା ନୋଟ୍ ମିଳିଛି। ଗୋଟିଏ ନୋଟ୍‌ରେ ବ୍ୟକ୍ତିଗତ ଋଣ ନେଇ ନିର୍ମାଣ କାମରେ ଟଙ୍କା ଲଗାଇଥିବା ଏବଂ ୭.୨୫ ଲକ୍ଷ ଟଙ୍କା ମିଳି ନ ଥିବାରୁ ସେ ଆର୍ଥିକ ସଙ୍କଟରେ ପଡ଼ିଥିବା ଉଲ୍ଲେଖ ରହିଛି। ଝିଅ ନିଜ ପରେ ଯେପରି ଯନ୍ତ୍ରଣା ଭୋଗିବାକୁ ନପଡ଼େ, ସେଥିପାଇଁ ତାଙ୍କୁ ହତ୍ୟା କରିଥିବା ସେ ଅନ୍ୟ ନୋଟ୍‌ରେ ଲେଖିଥିବା ପୁଲିସ କହିଛି।

## ୮ ବାଂଲାଦେଶୀ ନାଗରିକଙ୍କ ସହ ୯ ଜଣଙ୍କୁ ଆଜୀବନ ଜେଲ୍

ହାଇଦରାବାଦ୍, ୧୮।୯(ଏଜେନ୍ସି): ମାନବ ଚାଲାଣ ମାମଲାରେ ହାଇଦ୍ରାବାଦର ଏକ ସ୍ୱତନ୍ତ୍ର ଅଦାଲତ ୯ ଜଣଙ୍କୁ ଆଜୀବନ କାରାଦଣ୍ଡ ଦେଇଛନ୍ତି। ସେମାନଙ୍କ ମଧ୍ୟରେ ୮ ଜଣ ବାଂଲାଦେଶୀ ନାଗରିକ ଅଛନ୍ତି। ୨୦୧୯ରେ ଚାକିରି ଦେବାର ପ୍ରଲୋଭନ ଦେଖାଇ ବାଂଲାଦେଶୀ ମହିଳାଙ୍କୁ ଭାରତ ଆଣିବା ଏବଂ ପରେ ଦେହ ବ୍ୟବସାୟରେ ନିୟୋଜିତ କରାଯାଇଥିବା ମାମଲାରେ ଏହି ରାୟ ଆସିଛି। ଜାତୀୟ ତଦନ୍ତ ସଂସ୍ଥା (ଏନ୍‌ଆଇଏ) ଅନୁଯାୟୀ, ୨୦୧୯ ସେପ୍ଟେମ୍ବରରେ ତେଲଙ୍ଗାନା ପୁଲିସ ହାଇଦ୍ରାବାଦର ଜଲପଲ୍ଲୀ ଅଞ୍ଚଳରେ ଚଢ଼ାଉ କରି ୩ ଜଣ ବାଂଲାଦେଶୀ ମହିଳାଙ୍କୁ ଉଦ୍ଧାର କରିଥିଲା। ପରେ ଏନ୍‌ଆଇଏ ତଦନ୍ତ ହାତକୁ ନେଇଥିଲା। ତଦନ୍ତରେ ଏକ ସଂଗଠିତ ମାନବ ଚାଲାଣ ନେଟୱର୍କର ସନ୍ଧାନ ମିଳିଥିବା ଏନ୍‌ଆଇଏ କହିଛି। ୨୦୨୦ରେ ୧୨ ଜଣଙ୍କ ବିରୋଧରେ ଅଭିଯୋଗପତ୍ର ଦାଖଲ ହୋଇଥିଲା। ଅଦାଲତ ୯ ଜଣଙ୍କୁ ଆଜୀବନ ଦଣ୍ଡ ସହ ମୋଟ ୧.୩୭ ଲକ୍ଷ ଟଙ୍କା ଜରିମାନା କରିଛନ୍ତି।

# ଆମେରିକାର ଦୋମୁହାଁ ନୀତି



**■ ରୁଷ ତେଲ କିଣୁଥିବା ଦେଶ ଉପରେ କଟକଣା**
**■ ରୁଷଠାରୁ କିନ୍ତୁ ନିଜେ ୟୁରାନିୟମ୍ କିଣିବ**

ୱାସିଂଟନ, ୧୮।୯(ଏଜେନ୍ସି): ରୁଷରୁ ତେଲ ଓ ପ୍ରାକୃତିକ ଗ୍ୟାସ କିଣୁଥିବା ଦେଶଗୁଡ଼ିକ ଉପରେ କଠୋର କଟକଣା ଲଗାଇବାକୁ ଆମେରିକା ନୂଆ ପଦକ୍ଷେପ ନେଇଛି। ନୂଆ ଆଇନରେ ରୁଷ ତେଲ ଓ ଗ୍ୟାସ କିଣୁଥିବା ଦେଶଗୁଡ଼ିକ ଉପରେ ୧୦୦ ପ୍ରତିଶତ ପର୍ଯ୍ୟନ୍ତ ଶୁଳ୍କ ଲଗାଇବାର ବ୍ୟବସ୍ଥା ରହିଛି। ଏହାର ପ୍ରଭାବ ଭାରତ ଓ ଚୀନ୍ ଭଳି ରୁଷରୁ ଇନ୍ଧନ କିଣୁଥିବା ଦେଶ ଉପରେ ପଡ଼ିବ। ତେବେ ଏହି କଠୋର ରୁଷ ବିରୋଧୀ ବ୍ୟବସ୍ଥାରେ ପରମାଣୁ ଇନ୍ଧନ ସମ୍ପର୍କରେ ବିଶେଷ ଛାଡ଼ ରହିଛି। ଏହାଦ୍ୱାରା ଯେପରି ଆମେରିକା ନିଜର ପରମାଣୁ କାର୍ଯ୍ୟକ୍ରମ ପାଇଁ ରୁଷଠାରୁ ନିମ୍ନ-ସମୃଦ୍ଧ ୟୁରାନିୟମ୍ କିଣିବା ଜାରି ରଖିପାରିବ। ‘ଲିଣ୍ଡସେ ଓ ଗ୍ରାହାମ୍ ସ୍ୟାଙ୍କ୍ସନିଂ ରୁଷିଆ ଆଣ୍ଡ ଇରାନ୍ ଆକ୍ଟ, ୨୦୨୬’ ଆମେରିକାର ପ୍ରତିନିଧି ସଭାରେ ପାରିତ ହୋଇଛି। ଏହି ଆଇନ ଅନୁସାରେ ରୁଷରୁ ଅଶୋଧିତ ତେଲ କିମ୍ବା ପ୍ରାକୃତିକ ଗ୍ୟାସ କିଣୁଥିବା, କିମ୍ବା ରୁଷକୁ କଟକଣା ଏଡ଼ାଇବାରେ ସହାୟତା କରୁଥିବା ଦେଶଗୁଡ଼ିକର ସାମଗ୍ରୀ ଉପରେ ରାଷ୍ଟ୍ରପତି ୧୦୦% ପର୍ଯ୍ୟନ୍ତ ଶୁଳ୍କ ଲଗାଇପାରିବେ। ଅନ୍ୟପକ୍ଷରେ, ଆଇନର ଏକ ଧାରାରେ ରୁଷରୁ ୟୁରାନିୟମ୍ ଆମଦାନି ଉପରେ ପୂର୍ବରୁ ଥିବା ଆମେରିକୀୟ ନିୟମକୁ ଲାଗୁ କରିବାକୁ କୁହାଯାଇଛି। ଏଥିରେ ରୁଷର ରାଷ୍ଟ୍ରାୟତ୍ତ ପରମାଣୁ ସଂସ୍ଥା ରୋସାଟମ୍ ଏବଂ ଏହାର ସହଯୋଗୀ କିମ୍ବା ଉତ୍ତରାଧିକାରୀ ସଂସ୍ଥାଠାରୁ ଆସୁଥିବା ୟୁରାନିୟମ୍ ମଧ୍ୟ ଅନ୍ତର୍ଭୁକ୍ତ। କିନ୍ତୁ ଅନ୍ୟ ଏକ ଧାରାରେ ଆମେରିକା-ରୁଷ ମଧ୍ୟରେ ନାଗରିକ ପରମାଣୁ ସହଯୋଗ ଚୁକ୍ତି ଅନୁସାରେ ହେଉଥିବା କିଛି କାର୍ଯ୍ୟକୁ ଏହି କଟକଣାରୁ ବାଦ ଦିଆଯାଇଛି। ଆମେରିକାର ପରମାଣୁ ରିଆକ୍ଟର ପାଇଁ ଆବଶ୍ୟକ କେତେକ ନିମ୍ନ-ସମୃଦ୍ଧ ୟୁରାନିୟମ୍ ଆମଦାନି ଏବଂ ଅନୁମତିପ୍ରାପ୍ତ କେତେକ ଚିକିତ୍ସା ଆଇସୋଟୋପ୍ ଆମଦାନି ମଧ୍ୟ ଏହି ଛାଡ଼ରେ ରହିଛି। ଆମେରିକା ରୁଷ ଉପରେ ନିଜର ପରମାଣୁ ଇନ୍ଧନ ନିର୍ଭରଶୀଳତା କମାଇବାକୁ ଚେଷ୍ଟା କରୁଥିଲେ ମଧ୍ୟ ଏହା ତୁରନ୍ତ ସମ୍ଭବ ହୋଇନାହିଁ। ୨୦୨୫ରେ ଆମେରିକାର ନାଗରିକ ପରମାଣୁ କେନ୍ଦ୍ରଗୁଡ଼ିକ ୧୨.୭୧ ନିୟୁତ ଏସ୍‌ଡବ୍ଲ୍ୟୁୟୁ ପରିମାଣର ୟୁରାନିୟମ୍ ସମୃଦ୍ଧୀକରଣ ସେବା ପାଇଥିଲେ। ଏଥିରୁ ରୁଷର ଅଂଶ ପ୍ରାୟ ୨୬%, ଅର୍ଥାତ୍ ୩.୨୮୪ ନିୟୁତ ଏସ୍‌ଡବ୍ଲ୍ୟୁୟୁ ଥିଲା। ପରମାଣୁ ଇନ୍ଧନ ପ୍ରସ୍ତୁତି ପ୍ରକ୍ରିୟା ଜଟିଳ। ୟୁରାନିୟମ୍‌କୁ ରିଆକ୍ଟରରେ ବ୍ୟବହାରଯୋଗ୍ୟ କରିବା ପୂର୍ବରୁ ଏହାର ରୂପାନ୍ତରଣ ଓ ସମୃଦ୍ଧୀକରଣ ଭଳି ଅନେକ ପର୍ଯ୍ୟାୟ ଦେଇ ଯିବାକୁ ପଡ଼େ। ରୁଷ ଦୀର୍ଘ ସମୟ ଧରି ୟୁରାନିୟମ୍ ସମୃଦ୍ଧୀକରଣ କ୍ଷେତ୍ରରେ ନିଜ କ୍ଷମତା ବିକଶିତ କରିଥିବାରୁ ବିଶ୍ୱ ପରମାଣୁ ଇନ୍ଧନ ବଜାରରେ ଏହାର ଗୁରୁତ୍ୱ ରହିଛି। ୨୦୨୪ ମେ’ରେ ଆମେରିକା ରୁଷରୁ ୟୁରାନିୟମ୍ ଉତ୍ପାଦ ଆମଦାନି ଉପରେ ନିଷେଧ ଲଗାଇଥିଲା। ତେବେ କମ୍ପାନିଗୁଡ଼ିକୁ ୨୦୨୮ ଜାନୁଆରି ୧ ପର୍ଯ୍ୟନ୍ତ କେତେକ ପରିସ୍ଥିତିରେ ଛାଡ଼ ପାଇଁ ଆବେଦନ କରିବାର ସୁଯୋଗ ଦିଆଯାଇଛି। ଆମେରିକା ନିଜର ପରମାଣୁ ଇନ୍ଧନ ଯୋଗାଣ ଶୃଙ୍ଖଳକୁ ମଜବୁତ କରିବା ପାଇଁ ୨୭୨ କୋଟି ଡଲାରର ପାଣ୍ଠି ମଧ୍ୟ ଘୋଷଣା କରିଥିଲା। ଆମେରିକା ପ୍ରତିନିଧି ସଭାରେ ବିଲ୍‌ଟି ୨୬୨-୧୫୯ ଭୋଟରେ ପାରିତ ହୋଇଥିବାବେଳେ ସିନେଟ୍‌ରେ ଏହା ୮୬-୧୧ ଭୋଟରେ ଅନୁମୋଦିତ ହୋଇଥିଲା। ଏବେ ଏହା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଅନୁମୋଦନ ପାଇଁ ଯିବ।

## ଯୁଦ୍ଧ ମଧ୍ୟରେ ଆମେରିକା ଯିବେ ଇରାନ ରାଷ୍ଟ୍ରପତି

ୱାସିଂଟନ, ୧୮।୯(ଏଜେନ୍ସି): ଆମେରିକା ଓ ଇରାନ ମଧ୍ୟରେ ଦୀର୍ଘଦିନ ଧରି ସାମରିକ ସଂଘର୍ଷ ଜାରି ରହିଥିବାବେଳେ ଇରାନ ରାଷ୍ଟ୍ରପତି ମସୌଦ ପେଜେସ୍କିଆନ ଆସନ୍ତା ସପ୍ତାହରେ ନ୍ୟୁୟର୍କ ଗସ୍ତ କରିବେ। ସେ ଜାତିସଂଘର ୮୧ତମ ସାଧାରଣ ଅଧିବେଶନରେ ଯୋଗଦେଇ ଉଦ୍‌ବୋଧନ ଦେବେ। ଇରାନର ବୈଦେଶିକ ମନ୍ତ୍ରୀ ଅବ୍ବାସ ଆରାଘଚି ମଧ୍ୟ ତାଙ୍କ ସହ ଯିବେ। ଉଭୟଙ୍କୁ ଆମେରିକା ଭିସା ପ୍ରଦାନ କରିଛି। ଯୁଦ୍ଧ ଆରମ୍ଭ ହେବା ପରେ ପ୍ରଥମଥର ପାଇଁ ଇରାନର ଏହି ଦୁଇ ଶୀର୍ଷ ନେତା ଆମେରିକା ମାଟିରେ ପାଦ ରଖିବେ। ଜାତିସଂଘର ମୁଖ୍ୟାଳୟ ଆମେରିକାରେ ଥିବାରୁ ୧୯୪୭ ମସିହାର ଜାତିସଂଘ ମୁଖ୍ୟାଳୟ ଚୁକ୍ତି ଅନୁଯାୟୀ ସଦସ୍ୟ ଦେଶର ପ୍ରତିନିଧିଙ୍କୁ ଅଧିବେଶନରେ ଯୋଗଦେବା ପାଇଁ ପ୍ରବେଶ ସୁବିଧା ଦେବାର ଦାୟିତ୍ୱ ଆମେରିକାର ରହିଛି। ତେବେ ଇରାନୀ ପ୍ରତିନିଧିମଣ୍ଡଳ ଉପରେ କଟକଣା ଜାରି ରହିବ। ନ୍ୟୁୟର୍କରେ ସେମାନଙ୍କ ଗତିବିଧି କେତେକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ସୀମିତ ରହିବ। ବିଳାସପୂର୍ଣ୍ଣ ସାମଗ୍ରୀ କିଣିବା ଉପରେ ମଧ୍ୟ ପୂର୍ବରୁ ଥିବା କଟକଣା ଲାଗୁ ରହିବ। ଜାତିସଂଘ ଅଧିବେଶନ ସମୟରେ ଆମେରିକା ଓ ଇରାନ ମଧ୍ୟରେ କୌଣସି ଆଲୋଚନା ହେବ କି ନାହିଁ, ତା’ ଉପରେ ମଧ୍ୟ ନଜର ରହିବ। ଏହି ଗସ୍ତ ଏଭଳି ସମୟରେ ହେଉଛି, ଯେତେବେଳେ ଇରାନ ଯୁଦ୍ଧ ସହ ରୁଷ୍-ୟୁକ୍ରେନ ସଂଘର୍ଷ, ପଶ୍ଚିମ ଏସିଆର ଉତ୍ତେଜନା, ତୈଳ ବଜାର ଓ ବିଶ୍ୱ ଅର୍ଥନୀତି ମଧ୍ୟ ପ୍ରମୁଖ ଆଲୋଚନାର ବିଷୟ ହେବ।

## ୟୁରୋପରୁ ହଟିପାରନ୍ତି ୪୦ ହଜାର ଆମେରିକୀୟ ସୈନ୍ୟ

ୱାସିଂଟନ, ୧୮।୯(ଏଜେନ୍ସି): ୟୁରୋପରେ ମୁତୟନ ଥିବା ଆମେରିକୀୟ ସୈନ୍ୟଙ୍କ ସଂଖ୍ୟା ପ୍ରାୟ ୪୦ ହଜାର କମାଇବା ନେଇ ଆମେରିକା ବିଚାର କରୁଛି। ବର୍ତ୍ତମାନ ୟୁରୋପରେ ପ୍ରାୟ ୮୦ ହଜାର ଆମେରିକୀୟ ସୈନ୍ୟ ମୁତୟନ ଅଛନ୍ତି। ତେବେ ପେଣ୍ଟାଗନ ଏପର୍ଯ୍ୟନ୍ତ ଏନେଇ ଚୂଡ଼ାନ୍ତ ନିଷ୍ପତ୍ତି ନେଇନାହିଁ। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦୀର୍ଘଦିନ ଧରି ନାଟୋ ସଦସ୍ୟ ଦେଶଗୁଡ଼ିକୁ ନିଜ ପ୍ରତିରକ୍ଷା ପାଇଁ ଅଧିକ ଅର୍ଥ ଖର୍ଚ୍ଚ କରିବାକୁ ଆହ୍ୱାନ କରୁଛନ୍ତି। ୟୁରୋପ ନିଜ ସୁରକ୍ଷା ପାଇଁ ଆମେରିକା ଉପରେ କମ୍ ନିର୍ଭରଶୀଳ ହେବା ଉଚିତ ବୋଲି ସେ କହିଆସିଛନ୍ତି। ସୈନ୍ୟ ପ୍ରତ୍ୟାହାର ହେଲେ ଜର୍ମାନୀ, ଇଟାଲୀ ଓ ସ୍ପେନ୍ ଅଧିକ ପ୍ରଭାବିତ ହୋଇପାରନ୍ତି। ଜର୍ମାନୀରେ ପ୍ରାୟ ୩୬, ୪୦୦, ଇଟାଲୀରେ ୧୨, ୭୦୦ ଓ ସ୍ପେନରେ ୩, ୮୦୦ ଆମେରିକୀୟ ସୈନ୍ୟ ଅଛନ୍ତି। ଏହି ଦେଶଗୁଡ଼ିକରେ ଆମେରିକାର ପ୍ରମୁଖ ସାମରିକ ଘାଟି ଓ ମୁଖ୍ୟାଳୟ ରହିଛି। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରଠାରୁ ୟୁରୋପରେ ଆମେରିକାର ବଡ଼ ସାମରିକ ଉପସ୍ଥିତି ରହିଛି। ନାଟୋ ସଦସ୍ୟଙ୍କ ସୁରକ୍ଷା, ରୁଷ୍ ବିରୋଧରେ ସାମରିକ କାର୍ଯ୍ୟ ଓ ୟୁକ୍ରେନ୍‌କୁ ସହାୟତାରେ ଆମେରିକୀୟ ସୈନ୍ୟଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଆସିଛି।

## ଲାଭ ପାଇଁ ଚାଲିପାରିବନି ଘରୋଇ ବିଶ୍ୱବିଦ୍ୟାଳୟ



ନୂଆଦିଲ୍ଲୀ, ୧୮।୯(ଏଜେନ୍ସି): ଘରୋଇ ବିଶ୍ୱବିଦ୍ୟାଳୟଗୁଡ଼ିକ କେବଳ ଲାଭ ଉପାର୍ଜନ ଉଦ୍ଦେଶ୍ୟରେ ଚାଲିପାରିବ ନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଶିକ୍ଷା ସମ୍ପର୍କିତ ସାର୍ବଜନୀନ ଉଦ୍ଦେଶ୍ୟ ପୂରଣ କରିବା ଏହାର ମୁଖ୍ୟ ଲକ୍ଷ୍ୟ ହେବା ଉଚିତ ବୋଲି ଜଷ୍ଟିସ୍ ଅହସାନୁଦ୍ଦିନ ଅମାନୁଲ୍ଲା ଓ ଏନ୍‌ଭି ଅଞ୍ଜାରିଆଙ୍କ ଖଣ୍ଡପୀଠ କହିଛନ୍ତି। କୋର୍ଟ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ୬ ସପ୍ତାହ ମଧ୍ୟରେ ବିଶ୍ୱବିଦ୍ୟାଳୟଗୁଡ଼ିକର ଅଡିଟ୍ ହୋଇଥିବା ଆର୍ଥିକ ହିସାବ ଦାଖଲ କରିବାକୁ କହିଛନ୍ତି। ଏଥିରେ ଆୟରୁ ହୋଇଥିବା ଅତିରିକ୍ତ ଅର୍ଥ, ଖର୍ଚ୍ଚ, ବିଭିନ୍ନ ଦେୟ ବାବଦରେ ଆଦାୟ ଅର୍ଥ ଓ କର୍ମଚାରୀଙ୍କ ଦରମାର ବିବରଣୀ ରହିବ। ଏହାସହ ନାମଲେଖା ପ୍ରକ୍ରିୟା, ଶିକ୍ଷକ ଓ ଅଣଶିକ୍ଷକ ନିଯୁକ୍ତି, ଶିକ୍ଷାଦାନର ମାନ, ଶିକ୍ଷକଙ୍କ ନିର୍ଦ୍ଧାରିତ ଓ ବାସ୍ତବ ଶିକ୍ଷାଦାନ ସମୟ ସମ୍ପର୍କରେ ମଧ୍ୟ ତଥ୍ୟ ମଗାଯାଇଛି। ସରକାରଙ୍କଠାରୁ ଜମି ଓ ଅନ୍ୟାନ୍ୟ ସୁବିଧା ପାଇଥିଲେ ତାହାର ବିବରଣୀ ମଧ୍ୟ ଦେବାକୁ ପଡ଼ିବ। ଅମିଟି ବିଶ୍ୱବିଦ୍ୟାଳୟ ସମ୍ପର୍କିତ ଏକ ମାମଲାର ଶୁଣାଣି ବେଳେ କୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି।

## ଓସ୍କାର ପାଇଁ ମରାଠୀ ଫିଲ୍ମ ‘ଗୋନ୍ଧଲ’ ମନୋନୀତ



ମୁମ୍ବାଇ, ୧୮।୯(ଏଜେନ୍ସି): ମରାଠୀ ଫିଲ୍ମ ‘ଗୋନ୍ଧଲ’କୁ ୨୦୨୭ ଓସ୍କାର ପାଇଁ ଭାରତର ଅଫିସିଆଲ୍ ପ୍ରବେଶିକା ଭାବେ ଚୟନ କରାଯାଇଛି। ଫିଲ୍ମ ଫେଡେରେସନ୍ ଅଫ୍ ଇଣ୍ଡିଆ ପକ୍ଷରୁ ଶୁକ୍ରବାର ଏହି ଘୋଷଣା କରାଯାଇଛି। ସନ୍ତୋଷ ଦବାଖର ଲେଖିଥିବା ଓ ନିର୍ଦ୍ଦେଶନା ଦେଇଥିବା ଏହି ଫିଲ୍ମ ୯୯ତମ ଏକାଡେମି ପୁରସ୍କାରର ‘ଇଣ୍ଟରନ୍ୟାସନାଲ୍ ଫିଚର୍ ଫିଲ୍ମ’ ବର୍ଗରେ ଭାରତର ପ୍ରତିନିଧିତ୍ୱ କରିବ। ଗ୍ରାମୀଣ ମହାରାଷ୍ଟ୍ରର ପୃଷ୍ଠଭୂମିରେ ନିର୍ମିତ ‘ଗୋନ୍ଧଲ’ର କାହାଣୀ ଜଣେ ନବବିବାହିତ ଦମ୍ପତିଙ୍କୁ କେନ୍ଦ୍ର କରି ଏକ ପାରମ୍ପରିକ ଧାର୍ମିକ ରୀତିନୀତି ସମୟର ଗୋଟିଏ ରାତିର ଘଟଣାକୁ ନେଇ ଗତିଶୀଳ। ୩୩ଟି ଫିଲ୍ମ ମଧ୍ୟରୁ ଏହାକୁ ଚୟନ କରାଯାଇଛି। ଚୟନ କମିଟିର ଅଧ୍ୟକ୍ଷ ଥିଲେ ପି. ଶେଷାଦ୍ରି। ଏହି ଚୟନ ସହ ‘ଗୋନ୍ଧଲ’ ଓସ୍କାର ପାଇଁ ଭାରତର ଅଫିସିଆଲ୍ ପ୍ରବେଶିକା ହୋଇଥିବା ଚତୁର୍ଥ ମରାଠୀ ଫିଲ୍ମ ହୋଇଛି। ଏହା ପୂର୍ବରୁ ‘ଶ୍ୱାସ’ (୨୦୦୫), ‘ହରିଶ୍ଚନ୍ଦ୍ରାଚି ଫ୍ୟାକ୍ଟ୍ରି’ (୨୦୦୯) ଓ ‘କୋର୍ଟ’ (୨୦୧୫) ଭାରତର ପ୍ରତିନିଧି ଭାବେ ଚୟନ ହୋଇଥିଲା। ‘ଗୋନ୍ଧଲ’ ପାଇଁ ସନ୍ତୋଷ ଦବାଖର ପୂର୍ବରୁ ଇଣ୍ଟରନ୍ୟାସନାଲ୍ ଫିଲ୍ମ ଫେଷ୍ଟିଭାଲ୍ ଅଫ୍ ଇଣ୍ଡିଆରେ ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ‘ସିଲଭର୍ ପିକକ୍’ ପୁରସ୍କାର ପାଇଛନ୍ତି। ୨୦୨୬ ଓସ୍କାର ପାଇଁ ଭାରତ ନୀରଜ ଘାୟୱାନଙ୍କ ‘ହୋମ୍‌ବାଉଣ୍ଡ’କୁ ପଠାଇଥିଲା। ତେବେ ଏହା ଅନ୍ତିମ ମନୋନୟନ ପାଇନଥିଲା। ୯୯ତମ ଏକାଡେମି ପୁରସ୍କାର ୨୦୨୭ ମାର୍ଚ୍ଚ ୧୪ରେ ହଲିଉଡ୍‌ର ଡଲ୍‌ବି ଥିଏଟରରେ ଅନୁଷ୍ଠିତ ହେବ।

## ଦିଲ୍ଲୀରେ ନାବାଳିକାଙ୍କୁ ଗଣଦୁଷ୍କର୍ମ ପରେ ହତ୍ୟା

ନୂଆଦିଲ୍ଲୀ, ୧୮।୯(ଏଜେନ୍ସି): ଦିଲ୍ଲୀର ସ୍ୱରୂପ ନଗର ଅଞ୍ଚଳରେ ୧୭ ବର୍ଷୀୟା ନାବାଳିକାଙ୍କୁ ଗଣଦୁଷ୍କର୍ମ ପରେ ଛୁରି ଭୁସି ହତ୍ୟା କରି ଏକ ଖୋଲା ପଡ଼ିଆରେ ଫିଙ୍ଗି ଦିଆଯାଇଥିବା ଅଭିଯୋଗ ହୋଇଛି। ସେପ୍ଟେମ୍ବର ୧୩ରେ କୁଶକ ରୋଡ୍ ନିକଟ ଚାଷଜମିରୁ ପୀଡ଼ିତାଙ୍କ ମୃତଦେହ ମିଳିଥିଲା। ମୃତଦେହଟି ଅତ୍ୟଧିକ ପଚିଯାଇଥିବାରୁ ପ୍ରାଥମିକ ଭାବେ ଲିଙ୍ଗ ଚିହ୍ନଟ କରିବା ମଧ୍ୟ କଷ୍ଟକର ହୋଇଥିଲା। ପୁଲିସ ଘଟଣାରେ ଚାରିଜଣଙ୍କୁ ଗିରଫ କରିଛି। ସେମାନଙ୍କ ମଧ୍ୟରେ ୧୬ରୁ ୧୭ ବର୍ଷ ବୟସର ତିନିଜଣ ନାବାଳକ ଥିବାବେଳେ ଚତୁର୍ଥ ଅଭିଯୁକ୍ତ ଶିବମ ଓରଫ ସୁଦାମା। ଅଭିଯୁକ୍ତମାନେ ପୀଡ଼ିତାଙ୍କୁ ପୂର୍ବରୁ ଜାଣିଥିବା ପୁଲିସ କହିଛି।

## ଆମେରିକା ଯିବ ଭେନେଜୁଏଲାର ୩୧ ହଜାର କେଜି ସୁନା

ନୂଆଦିଲ୍ଲୀ, ୧୮।୯: ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ଭେନେଜୁଏଲାର ପ୍ରାୟ ୪ ବିଲିୟନ ଡଲାର (ଭାରତୀୟ ମୁଦ୍ରାରେ ପ୍ରାୟ ୪୦ ହଜାର କୋଟି ଟଙ୍କା) ମୂଲ୍ୟର ୩୧ ହଜାର କେଜି ସୁନା ଇଂଲଣ୍ଡରୁ ଆମେରିକା ସ୍ଥାନାନ୍ତର ହେବ। ଭେନେଜୁଏଲା ସରକାର ଓ ବିରୋଧୀ ଶିବିର ମଧ୍ୟରେ ଏନେଇ ଏକ ଚୁକ୍ତି ଚୂଡ଼ାନ୍ତ ହୋଇଥିବା କୁହାଯାଉଛି। ଚୁକ୍ତି ଅନୁସାରେ ଭେନେଜୁଏଲାର କାର୍ଯ୍ୟକାରୀ ସରକାରର ନେତୃତ୍ୱ ନେଉଥିବା ଡେଲସି ରୋଡ୍ରିଗେଜ୍‌ଙ୍କୁ ଏହି ସୁନା ଉପରେ ଆଇନଗତ ନିୟନ୍ତ୍ରଣ ମିଳିପାରେ। ମାତ୍ର ତୁରନ୍ତ ସୁନା ବିକ୍ରି ପାଇଁ ଅନୁମତି ମିଳିବ କି ନାହିଁ, ତାହା ସ୍ପଷ୍ଟ ହୋଇନାହିଁ। ଏହି ସୁନାକୁ ସରକାରୀ ଋଣ ପାଇଁ ଗ୍ୟାରେଣ୍ଟି ଭାବେ ବ୍ୟବହାର କରାଯିବ। ଦେଶର ପୁନର୍ନିର୍ମାଣ ଏବଂ ବଢ଼ୁଥିବା ମୁଦ୍ରାସ୍ଫୀତି ମୁକାବିଲାରେ ଏହି ଅର୍ଥ ବ୍ୟବହାର ହୋଇପାରେ। ଭେନେଜୁଏଲା ଦୀର୍ଘଦିନ ଧରି ବ୍ୟାଙ୍କ ଅଫ୍ ଇଂଲଣ୍ଡରେ ଏହି ୩୧ହଜାର କେଜି ସୁନାକୁ ସଂରକ୍ଷିତ ରଖିଛି। ନିକୋଲାସ ମାଦୁରୋଙ୍କ ସରକାରକୁ ବ୍ରିଟେନ୍ ବୈଧ ସରକାର ଭାବେ ସ୍ୱୀକାର ନ କରିବା ପରେ ଏହି ସୁନାକୁ ନେଇ ଆଇନଗତ ବିବାଦ ଆରମ୍ଭ ହୋଇଥିଲା। ବ୍ରିଟିଶ୍ ଅଦାଲତରେ ମାମଲା ଦୀର୍ଘ ସମୟ ଧରି ଚାଲିଛି। ଜାନୁଆରୀରେ ମାଦୁରୋଙ୍କୁ ଆମେରିକା ଧରିନେବା ପରେ କାର୍ଯ୍ୟକାରୀ ରାଷ୍ଟ୍ରପତି ଡେଲସି ରୋଡ୍ରିଗେଜ୍ ଏହି ସୁନା ମୁକ୍ତ କରିବା ପାଇଁ କିଙ୍ଗ ଚାର୍ଲ୍ସଙ୍କ ନିକଟରେ ମଧ୍ୟ ଅନୁରୋଧ କରିଥିଲେ। ବ୍ୟାଙ୍କ ଅଫ୍ ଇଂଲଣ୍ଡ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ବ୍ରିଟିଶ୍ ଅଦାଲତ ସୁନା ଉପରେ କାହାର ଆଇନଗତ ଅଧିକାର ରହିଛି ସେନେଇ ସ୍ପଷ୍ଟ ନିର୍ଦ୍ଦେଶ ନଦେବା ପର୍ଯ୍ୟନ୍ତ ବ୍ୟାଙ୍କ କୌଣସି ପଦକ୍ଷେପ ନେଇପାରିବ ନାହିଁ। ଅନ୍ୟପକ୍ଷରେ, ନ୍ୟୁୟର୍କ ଫେଡେରାଲ ରିଜର୍ଭ ଓ ଭେନେଜୁଏଲା କର୍ତ୍ତୃପକ୍ଷଙ୍କ ପକ୍ଷରୁ ଏନେଇ ଏପର୍ଯ୍ୟନ୍ତ କୌଣସି ଔପଚାରିକ ପ୍ରତିକ୍ରିୟା ମିଳିନାହିଁ।

## ନିଠାରି ହତ୍ୟାକାଣ୍ଡ ମାମଲା
# ନିର୍ଦ୍ଦୋଷ ସାବ୍ୟସ୍ତ ସୁରିନ୍ଦର କୋଲିଙ୍କ ଆତ୍ମହତ୍ୟା



ହରିଦ୍ୱାର, ୧୮।୯(ଏଜେନ୍ସି): ୨୦୦୬ ମସିହାର ବହୁଚର୍ଚ୍ଚିତ ନିଠାରି ହତ୍ୟାକାଣ୍ଡ ମାମଲାରେ ଅଭିଯୁକ୍ତ ତଥା ପରେ ସୁପ୍ରିମକୋର୍ଟଙ୍କ ଦ୍ୱାରା ସମସ୍ତ ମାମଲାରୁ ନିର୍ଦ୍ଦୋଷ ସାବ୍ୟସ୍ତ ହୋଇଥିବା ସୁରିନ୍ଦର କୋଲିଙ୍କ ମୃତ୍ୟୁ ଘଟିଛି। ହରିଦ୍ୱାରରେ ଏକ ଚା’ ଦୋକାନ ଭିତରୁ ତାଙ୍କ ଝୁଲନ୍ତା ମୃତଦେହ ମିଳିଥିବା ପୁଲିସ କହିଛି। ପ୍ରାଥମିକ ତଦନ୍ତରୁ ଏହା ଆତ୍ମହତ୍ୟା ବୋଲି ସନ୍ଦେହ କରାଯାଉଥିବାବେଳେ ଘଟଣାର ତଦନ୍ତ ଜାରି ରହିଛି। ସୂଚନା ଅନୁସାରେ, କୋଲି ଗତ କିଛି ମାସ ଧରି ହରିଦ୍ୱାରରେ ରହୁଥିଲେ ଏବଂ ଭଡ଼ାରେ ଏକ ଚା’ ଦୋକାନ ଚଳାଉଥିଲେ। ସପ୍ତସରୋବର ରୋଡ୍‌ରେ ଲାଲମାତା ମନ୍ଦିର ସମ୍ମୁଖରେ ଥିବା ଦୋକାନରେ ଜଣେ ବ୍ୟକ୍ତି ଝୁଲିଥିବା ନେଇ ସପ୍ତ ଋଷି ପୁଲିସ ଫାଣ୍ଡିକୁ ସୂଚନା ମିଳିଥିଲା। ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତକଙ୍କୁ ସୁରିନ୍ଦର କୋଲି ବୋଲି ଚିହ୍ନଟ କରିଥିଲା। ଘଟଣାସ୍ଥଳରୁ କୌଣସି ସୁଇସାଇଡ୍ ନୋଟ୍ ମିଳିନଥିବା ପୁଲିସ କହିଛି। ତାଙ୍କ ପରିବାରକୁ ଆଲମୋରାରେ ସୂଚନା ଦିଆଯାଇଛି।

୨୦୦୬ ଡିସେମ୍ବରରେ ଉତ୍ତରପ୍ରଦେଶର ନୋଏଡାସ୍ଥିତ ନିଠାରି ଅଞ୍ଚଳର ଡି-୫ ବଙ୍ଗଳୋ ନିକଟ ଏକ ନାଳ ପଛପଟୁ ୧୬ଟି ମାନବ ଖପୁରୀ, ହାଡ଼ ଓ ପୋଷାକ ପ୍ଲାଷ୍ଟିକ ବ୍ୟାଗ୍‌ରେ ଭର୍ତ୍ତି ଅବସ୍ଥାରେ ମିଳିଥିଲା। ଏହା ପରେ ଘଟଣାଟି ଦେଶବ୍ୟାପୀ ଚର୍ଚ୍ଚାର କାରଣ ହୋଇଥିଲା। ନିଠାରି ଗାଁରେ ଅନେକ ଶିଶୁ ନିଖୋଜ ହେଉଥିବା ନେଇ ପୂର୍ବରୁ ସ୍ଥାନୀୟ ଲୋକେ ଅଭିଯୋଗ କରିଥିଲେ। ଜଣେ ଯୁବତୀ ପାୟଲ ନିଖୋଜ ହେବା ପରେ ତଦନ୍ତ ଆଗକୁ ବଢ଼ିଥିଲା। ତାଙ୍କ ମୋବାଇଲ୍ ଫୋନ୍‌ର ସନ୍ଧାନ କରି ପୁଲିସ ଡି-୫ ବଙ୍ଗଳୋ ପର୍ଯ୍ୟନ୍ତ ପହଞ୍ଚିଥିଲା। ଏହି ଘରଟି ବ୍ୟବସାୟୀ ମୋନିନ୍ଦର ସିଂହ ପାନ୍ଧେରଙ୍କର ଥିଲା ଏବଂ କୋଲି ସେଠାରେ ଘରୋଇ ସହାୟକ ଭାବେ କାମ କରୁଥିଲେ। ଏହା ପରେ କୋଲି ଓ ପାନ୍ଧେରଙ୍କୁ ଗିରଫ କରାଯାଇଥିଲା। ହତ୍ୟା, ଦୁଷ୍କର୍ମ ଓ ପ୍ରମାଣ ନଷ୍ଟ କରିବା ଭଳି ଅଭିଯୋଗରେ ଉଭୟଙ୍କ ବିରୋଧରେ ଏକାଧିକ ମାମଲା ରୁଜୁ ହୋଇଥିଲା। ୨୦୦୭ରୁ ୨୦୧୦ ମଧ୍ୟରେ ସିବିଆଇ ୧୯ଟି ମାମଲା ରୁଜୁ କରିଥିଲା। ବିଭିନ୍ନ ମାମଲାରେ କୋଲିଙ୍କୁ ମୃତ୍ୟୁଦଣ୍ଡ ଦିଆଯାଇଥିଲା। ପାନ୍ଧେରଙ୍କୁ ମଧ୍ୟ କେତେକ ମାମଲାରେ ମୃତ୍ୟୁଦଣ୍ଡ ଓ ଆଜୀବନ କାରାଦଣ୍ଡ ଦିଆଯାଇଥିଲା। ତେବେ ମାମଲାଗୁଡ଼ିକ ହାଇକୋର୍ଟକୁ ଯିବା ପରେ ତଦନ୍ତ ଓ ପ୍ରମାଣ ସମ୍ପର୍କରେ ବିଭିନ୍ନ ଅସଙ୍ଗତି ଓ ପ୍ରକ୍ରିୟାଗତ ତ୍ରୁଟି ସାମ୍ନାକୁ ଆସିଥିଲା। ୨୦୨୩ ଅକ୍ଟୋବରରେ ଆହ୍ଲାବାଦ ହାଇକୋର୍ଟ ଉଭୟଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଥିଲେ। ଅଭିଯୋଗ ପ୍ରମାଣ କରିବା ପାଇଁ ପର୍ଯ୍ୟାପ୍ତ ଓ ବିଶ୍ୱସନୀୟ ପ୍ରମାଣ ନଥିବା ଅଦାଲତ କହିଥିଲେ। ଏହା ବିରୋଧରେ ସିବିଆଇ, ଉତ୍ତରପ୍ରଦେଶ ସରକାର ଓ କେତେକ ପୀଡ଼ିତ ପରିବାର ସୁପ୍ରିମକୋର୍ଟରେ ଆବେଦନ କରିଥିଲେ। ୨୦୨୫ରେ ସୁପ୍ରିମକୋର୍ଟ ମଧ୍ୟ ସୁରିନ୍ଦର କୋଲିଙ୍କୁ ସମସ୍ତ ଅଭିଯୋଗରୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଥିଲେ।

## ଏଫ୍‌ସିଆର୍‌ଏ ବିଲ୍ ନେଇ ପ୍ରଥମ ଜେପିସି ବୈଠକ

ନୂଆଦିଲ୍ଲୀ, ୧୮।୯(ଏଜେନ୍ସି): ବିଦେଶୀ ଅନୁଦାନ ନିୟନ୍ତ୍ରଣ ଆଇନ ସଂଶୋଧନ ପାଇଁ ଅଣାଯାଇଥିବା ‘ବିଦେଶୀ ଅନୁଦାନ (ନିୟନ୍ତ୍ରଣ) ସଂଶୋଧନ ବିଲ୍, ୨୦୨୬’ ଉପରେ ୩୧ ସଦସ୍ୟ ବିଶିଷ୍ଟ ଯୁଗ୍ମ ସଂସଦୀୟ କମିଟିର ପ୍ରଥମ ବୈଠକ ଶୁକ୍ରବାର ନୂଆଦିଲ୍ଲୀରେ ଅନୁଷ୍ଠିତ ହୋଇଛି। ବିଜେପି ସାଂସଦ ସଞ୍ଜୟ ଜୈସୱାଲଙ୍କ ଅଧ୍ୟକ୍ଷତାରେ କମିଟି ବିଲ୍‌ର ବିଭିନ୍ନ ବ୍ୟବସ୍ଥା ଯାଞ୍ଚ କରୁଛି। ଗୃହ ମନ୍ତ୍ରାଳୟ କମିଟିକୁ ପ୍ରସ୍ତାବିତ ସଂଶୋଧନ ସମ୍ପର୍କରେ ଅବଗତ କରିବ। ବିଲ୍‌ରେ ଏନ୍‌ଜିଓ ଓ ଅନ୍ୟ ସଂଗଠନ ପାଉଥିବା ବିଦେଶୀ ଅନୁଦାନ ଉପରେ ନିୟନ୍ତ୍ରଣକୁ ଅଧିକ କଡ଼ା କରିବାର ପ୍ରସ୍ତାବ ରହିଛି। ଏଫ୍‌ସିଆର୍‌ଏ ପଞ୍ଜୀକରଣ କିମ୍ବା ଲାଇସେନ୍ସର ଅବଧି ଶେଷ ହେଲେ ସମ୍ପୃକ୍ତ ସଂଗଠନର ସମ୍ପତ୍ତି ପରିଚାଳନା ଓ ନିଷ୍ପତ୍ତି ପାଇଁ ଏକ ନିର୍ଦ୍ଧାରିତ କର୍ତ୍ତୃପକ୍ଷ ଗଠନର ପ୍ରସ୍ତାବ ମଧ୍ୟ ରହିଛି। ମାର୍ଚ୍ଚ ୨୫ରେ ଲୋକସଭାରେ ବିଲ୍‌ଟି ଆଗତ ହୋଇଥିଲା। ବିରୋଧୀ ଦଳ, କିଛି ସାମାଜିକ ଓ ଧାର୍ମିକ ସଂଗଠନ ଏହାର ବ୍ୟବସ୍ଥା ନେଇ ଚିନ୍ତା ପ୍ରକାଶ କରିବା ପରେ ଅଗଷ୍ଟ ୧୨ରେ ଏହାକୁ ଜେପିସିକୁ ପଠାଯାଇଥିଲା। ୨୦୨୬ ଶୀତ ଅଧିବେଶନର ପ୍ରଥମ ସପ୍ତାହର ଶେଷ ଦିନ ସୁଦ୍ଧା କମିଟି ରିପୋର୍ଟ ଦେବାକୁ ଧାର୍ଯ୍ୟ ହୋଇଛି। ବିରୋଧୀ ଦଳଗୁଡ଼ିକର ଅଭିଯୋଗ, ପ୍ରସ୍ତାବିତ ବ୍ୟବସ୍ଥା ଅଳ୍ପସଂଖ୍ୟକ ସଂସ୍ଥା, ଏନ୍‌ଜିଓ ଓ ବୈଧ ବିଦେଶୀ ଅନୁଦାନ ପାଉଥିବା ସଂଗଠନକୁ ପ୍ରଭାବିତ କରିପାରେ। ତେବେ ସରକାର କହିଛି, ବିଲ୍‌ର ଉଦ୍ଦେଶ୍ୟ କୌଣସି ଧର୍ମକୁ ଲକ୍ଷ୍ୟ କରିବା ନୁହେଁ।

# ଉତ୍କଳ ବିଶ୍ୱବିଦ୍ୟାଳୟ ୨ୟ ସେମିଷ୍ଟାର ପ୍ରଶ୍ନପତ୍ର ଲିକ୍

ଭୁବନେଶ୍ୱର, ୧୮ ।୯ (ସମିସ)

ରାଜ୍ୟରେ ପ୍ରଶ୍ନପତ୍ର ଲିକ୍ ଥମିବାର ନା ନେଉନି। ନିଯୁକ୍ତି ପରୀକ୍ଷା ପରେ ସେମିଷ୍ଟାର ପରୀକ୍ଷାର ପ୍ରଶ୍ନପତ୍ର ମଧ୍ୟ ପରୀକ୍ଷା ପୂର୍ବରୁ ସାମାଜିକ ଗଣମାଧ୍ୟମରେ ଘୂରିବୁଲୁଛି। ସରକାର କଠୋର ଆଇନ୍ ଆଣିଥିବା କହୁଥିଲେ ମଧ୍ୟ ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ଅଭାବରୁ ବାରମ୍ବାର ଏପରି ଘଟଣାର ପୁନରାବୃତ୍ତି ହେଉଛି। ସମ୍ପ୍ରତି ଉତ୍କଳ ବିଶ୍ୱବିଦ୍ୟାଳୟ +୩ ଦ୍ୱିତୀୟ ସେମିଷ୍ଟାର ପରୀକ୍ଷା ପ୍ରଶ୍ନପତ୍ର ଭାଇରାଲ୍ ହେବା ପରେ ପ୍ରଶ୍ନପତ୍ରର ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଘଟଣା ସମ୍ପର୍କରେ ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ଡ. ହୃଷୀକେଶ ନାୟକ ଆଜି ସହିଦ ନଗର ଥାନାରେ ଏତଲା ଦେଇଛନ୍ତି।

ପରୀକ୍ଷା ପାଇଁ ବିଶ୍ୱବିଦ୍ୟାଳୟରୁ ମୁଦ୍ରିତ ପ୍ରଶ୍ନପତ୍ର ସିଲ୍ କରି ସମସ୍ତ କଲେଜକୁ ପଠାଯାଇଥାଏ। ପରୀକ୍ଷାର ୩୦ ମିନିଟ୍ ପୂର୍ବରୁ ପ୍ରଶ୍ନପତ୍ର ଖୋଲିବା ସହ ପିଲାଙ୍କୁ ବଣ୍ଟାଯାଇଥାଏ। ମାତ୍ର ପରୀକ୍ଷା ପୂର୍ବଦିନ ପିଲାଙ୍କ ପାଖରେ ପ୍ରଶ୍ନପତ୍ର ପହଞ୍ଚିଯାଉଥିବା ଅଭିଯୋଗ ହୋଇଛି। ଗତକାଲି କୋର୍-୧ ଓ ଆଜି କୋର୍-

**ଥାନାରେ ଏତଲା ଦେଲେ ପରୀକ୍ଷା ନିୟନ୍ତ୍ରକ**

**ଆବଶ୍ୟକ ହେଲେ ସାଇବର ଥାନାରେ ମଧ୍ୟ ଅଭିଯୋଗ**

୨ ବିଷୟର ପରୀକ୍ଷା ରହିଥିବାବେଳେ ପରୀକ୍ଷା ପୂର୍ବରୁ କିଛି ହ୍ୱାଟସ୍ଆପ୍ ଗ୍ରୁପ୍‌ରେ ଆସିଥିବା ଅଭିଯୋଗ ହେବା ପରେ ଆଜି ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକ ଡ. ନାୟକ ଥାନାରେ ଏତଲା ଦେଇଛନ୍ତି। ଘଟଣା ସମ୍ପର୍କରେ ସେ କହିଛନ୍ତି ଯେ ପ୍ରଶ୍ନପତ୍ର ଲିକ୍ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଗତକାଲି ହୋଇଥିବା ପରୀକ୍ଷାର ପ୍ରଶ୍ନପତ୍ରକୁ ରାତି ପ୍ରାୟ ୧୦ଟା ସମୟରେ ହ୍ୱାଟସ୍ଆପ୍ ଗ୍ରୁପ୍‌ରେ ପକାଯାଇଛି। ତାଙ୍କ ନିକଟରେ ଅଭିଯୋଗ ପହଞ୍ଚିବା ପରେ ଘଟଣାକୁ ଗମ୍ଭୀରତାର ସହ ନେଇ ସତ୍ୟତା ଯାଞ୍ଚ କରିବା ପାଇଁ ଏତଲା ଦିଆଯାଇଛି। ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ପ୍ରଘଟ ହୋଇଛି ନା ପରୀକ୍ଷା ପରେ ହୋଇଛି, କେଉଁ କଲେଜରୁ ପ୍ରଶ୍ନପତ୍ର ଲିକ୍ ହୋଇଛି, କେବଳ ଗୋଟିଏ ନା ତା ପୂର୍ବରୁ ମଧ୍ୟ କେଉଁ କେଉଁ ପରୀକ୍ଷାର ପ୍ରଶ୍ନପତ୍ର ଲିକ୍ ହୋଇଛି, ତାର ତଦନ୍ତ କରିବାକୁ ପୁଲିସ୍‌କୁ ଅନୁରୋଧ କରାଯାଇଛି। ସମାନ ପ୍ରସଙ୍ଗରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏକ ସ୍ୱତନ୍ତ୍ର କମିଟି ଗଠନ କରାଯାଇ ତଦନ୍ତ କରାଯିବ। ଆବଶ୍ୟକ ହେଲେ ସାଇବର ଥାନାରେ ମଧ୍ୟ ଏତଲା ଦିଆଯିବ। ଅଭିଯୋଗରେ ସତ୍ୟତା ଥିବା ଜଣା ପଡ଼ିଲେ ପୁନଃ ପରୀକ୍ଷା କରାଯିବ ବୋଲି ଡ. ନାୟକ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ଶିକ୍ଷାବିତଙ୍କ କହିବା କଥା, ପ୍ରଶ୍ନପତ୍ରର ସୁରକ୍ଷା ବ୍ୟବସ୍ଥା ପର୍ଯ୍ୟାପ୍ତ ନଥିବାରୁ ଲିକ୍ ହେବାର ଆଶଙ୍କା ଶତ-ପ୍ରତିଶତ ରହୁଛି। ମୁଦ୍ରିତ ପ୍ରଶ୍ନପତ୍ର କଲେଜଗୁଡ଼ିକୁ ପଠାଯାଉଥିଲେ ମଧ୍ୟ ଏହାକୁ ପୂର୍ବଦିନରୁ ଖୋଲିଦେଲେ ମଧ୍ୟ ଯାଞ୍ଚ କରିବାର କୌଣସି ବ୍ୟବସ୍ଥା ନାହିଁ। ଘରୋଇ କଲେଜଗୁଡ଼ିକରୁ ପ୍ରଶ୍ନପତ୍ର ଲିକ୍ ଆଶଙ୍କା ଅଧିକ ରହିଛି। ପରୀକ୍ଷାର ବହୁ ପୂର୍ବରୁ ପ୍ରଶ୍ନପତ୍ର ସିଲ୍ ଫାଡ଼ି ପିଲାଙ୍କୁ ଦିଆଗଲେ ମଧ୍ୟ କୌଣସି ଅଭିଯୋଗ ଆସିବାର ଆଶଙ୍କା ପ୍ରାୟତଃ ନାହିଁ। ତେଣୁ ଏହା ମଧ୍ୟ ଏକ ପ୍ରମୁଖ ଗଳାବାଟ ହୋଇପାରେ। ଏଣୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ପ୍ରଶ୍ନପତ୍ରର ସୁରକ୍ଷାକୁ ଆହୁରି କଡ଼ାକଡ଼ି କରିବାର ଆବଶ୍ୟକ ଥିବା ମତପ୍ରକାଶ ପାଇଛି।

# ବଜ୍ରପାତ: ଦିନକରେ ଗଲା ୭ ଜୀବନ

**ମୃତକଙ୍କ ମଧ୍ୟରେ ଅଧିକାଂଶ ଚାଷୀ ଓ ଦିନ ମଜୁରିଆ**

ବରଗଡ଼/ସୋହେଲା/ପୁରୁଷୋତ୍ତମପୁର/ମୋହନା, ୧୮ ।୯ (ସମିସ): ରାଜ୍ୟର ବିଭିନ୍ନ ସ୍ଥାନରେ ଶୁକ୍ରବାର ବଜ୍ରପାତ ଯୋଗୁଁ ଅଘଟଣ ଘଟି ୭ ଜଣଙ୍କ ଜୀବନ ଯାଇଛି। ବରଗଡ଼ ଜିଲ୍ଲାର ସୋହେଲା ଓ ବରଗଡ଼ ଅଞ୍ଚଳରେ ଦୁଇ ଦିନରେ ୪ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଗଞ୍ଜାମ, ଗଜପତି, ବାଲେଶ୍ୱର ଓ କେନ୍ଦ୍ରାପଡ଼ା ଜିଲ୍ଲାରେ ମଧ୍ୟ ବଜ୍ରାଘାତରେ ଜୀବନହାନି ଘଟିଛି। ମୃତକଙ୍କ ମଧ୍ୟରେ ଅଧିକାଂଶ ହେଉଛନ୍ତି ଚାଷୀ, ଚାଷ ଜମିରେ ମଜୁର ଭାବେ କାମ କରୁଥିବା ମହିଳା ଓ ବୃଦ୍ଧ ରହିଛନ୍ତି।

ସୋହେଲା ଥାନା ତବଡ଼ା ପଞ୍ଚାୟତ ଅନ୍ତର୍ଗତ ସୀମାନ୍ତ ପଧାନପାଲି ଗ୍ରାମରେ ଚାଷୀ ସୁରେଶ ପଧାନ (୫୦) ବଜ୍ରାଘାତର ଶିକାର ହୋଇଥିଲେ। ସୁରେଶ ସକାଳୁ ଚାଷ ଜମିକୁ କାମ କରିବାକୁ ଯାଇଥିଲେ। ଦିନ ପ୍ରାୟ ୧୨ଟା ୩୦ରେ ବର୍ଷା ଆରମ୍ଭ ହେବାରୁ ସେ ଏକ ଗଛତଳେ ଆଶ୍ରୟ ନେଇଥିବାବେଳେ ବଜ୍ରପାତ ହୋଇଥିଲା। ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ସୋହେଲା ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ବରଗଡ଼ ପଠାଇଛି। ଗୋଟିଏ ଦିନ ପୂର୍ବରୁ ସୋହେଲା ଥାନା ପାଣିମୋରା ପଞ୍ଚାୟତ କୁସୁର୍ଡ଼ା ଗ୍ରାମରେ ଚାଷ ଜମିରେ କାମ କରୁଥିବା ଦୁଇ ମହିଳା ରିତା ପଧାନ ଓ ଜାହ୍ନବୀ ପଧାନ ବଜ୍ରାଘାତରେ ପ୍ରାଣ ହରାଇଥିଲେ। ସେହିପରି ବରଗଡ଼ କଟାପାଲି ଗ୍ରାମର ଦେବକୀ ଗରିୟା (୪୩) ଅନ୍ୟର ଜମିରେ କାମ କରୁଥିବାବେଳେ ବଜ୍ରାଘାତରେ

**୨ ଦିନରେ ବଜ୍ରପାତରେ ବରଗଡ଼ରେ ୪ଜଣ ମୃତ**

ପ୍ରାଣ ହରାଇଛନ୍ତି। ଏହାକୁ ମିଶାଇ ବରଗଡ଼-ସୋହେଲା ଅଞ୍ଚଳରେ ଦୁଇ ଦିନରେ ୪ ଜଣଙ୍କ ମୃତ୍ୟୁ ଘଟିଛି। ଏହି ଘଟଣାଗୁଡ଼ିକ ମଧ୍ୟରେ ଏକ ମାନବିକ ଉଦାହରଣ ମଧ୍ୟ ସାମ୍ନାକୁ ଆସିଛି। ରିତା ପଧାନ, ଜାହ୍ନବୀ ପଧାନ ଓ ସୁରେଶ ପଧାନଙ୍କ ପରିବାର ଲୋକେ ମୃତକଙ୍କ ଚକ୍ଷୁ ଦାନ କରିଥିବା ଜଣାପଡ଼ିଛି।

ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ବ୍ଲକ ମହାଛାଇ ଗ୍ରାମରେ ମଇଁଷି ଚରାଉଥିବା ସମୟରେ ନିତ୍ୟାନନ୍ଦ ଗୌଡ଼ (୬୦) ବଜ୍ରାଘାତର ଶିକାର ହୋଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ହିଞ୍ଜିଳିକାଟୁ ମେଡିକାଲ ନିଆଯାଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ଗଜପତି ଜିଲ୍ଲା ମୋହନା ବ୍ଲକ ତରାମାଳ ଗ୍ରାମରେ ବଜ୍ରପାତରେ ୭୦ ବର୍ଷୀୟ ଜାବି ମଲ୍ଲିକ ଓ ତାଙ୍କ ବଳଦର ମୃତ୍ୟୁ ଘଟିଛି। ବର୍ଷା ସମୟରେ ଗୁହାଳରେ ବଳଦକୁ ବାନ୍ଧୁଥିବାବେଳେ ହଠାତ୍ ବଜ୍ରପାତ ହୋଇଥିଲା। ବାଲେଶ୍ୱର ଜିଲ୍ଲା ବାଲିଆପାଳ ଥାନା କୁଦମାନସିଂ ଗ୍ରାମର ରଘୁନାଥ ପାତ୍ର (୬୨) ମଧ୍ୟ ବଜ୍ରାଘାତରେ ପ୍ରାଣ ହରାଇଛନ୍ତି। ସେ ନଳିତା ଚାଷ ହୋଇଥିବା ବିଲରୁ ଫେରୁଥିବାବେଳେ ବଜ୍ରପାତର ଶିକାର ହୋଇଥିଲେ। ସେହିପରି କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ କେନ୍ତିଆ ଗ୍ରାମର ପୀତାମ୍ବର ରାଉତ (୬୨) ବାଛୁରୀ ଆଣିବା ପାଇଁ ବିଲକୁ ଯାଇଥିବାବେଳେ ବଜ୍ରାଘାତର ଶିକାର ହୋଇଥିଲେ। ଅନ୍ୟପକ୍ଷରେ, ମୟୂରଭଞ୍ଜ ଜିଲ୍ଲା ଗୋପବନ୍ଧୁନଗର ବ୍ଲକ ଚତୁରୀ ଗ୍ରାମରେ ନୂତନ ମା' ମଙ୍ଗଳା ମନ୍ଦିର ଉପରେ ବଜ୍ରପାତ ହୋଇଛି। ଏଥିରେ ମନ୍ଦିରର କିଛି ଅଂଶ ନଷ୍ଟ ହେବା ସହ ଫାଟ ସୃଷ୍ଟି ହୋଇଛି। ବଜ୍ରପାତ ସମୟରେ ମନ୍ଦିର ବନ୍ଦ ଥିବାରୁ କାହାରି କ୍ଷତି ହୋଇନାହିଁ, ତେବେ ନିକଟରେ ଥିବା କେତେକ ହଂସ ବଜ୍ରପାତରେ ପ୍ରାଣ ହରାଇଛନ୍ତି।

**କ୍ରସ ଭୋଟିଂ କରିଥିବା ବିଧାୟକଙ୍କ ସଭ୍ୟପଦ ରଦ୍ଦ ପ୍ରସଙ୍ଗରେ ବର୍ଷିଲା ବିଜେଡି**

# ବିଧାୟକମାନେ ଲୋକପ୍ରତିନିଧି ରହିବାର ଅଧିକାର ହରାଇଛନ୍ତି

ଭୁବନେଶ୍ୱର,୧୮ ।୯ (ସମିସ)



ରାଜ୍ୟସଭା ନିର୍ବାଚନରେ ବିଜେଡିର ୮ ବିଧାୟକଙ୍କ ସଭ୍ୟ ପଦ ରଦ୍ଦ ମାମଲାରେ ଉଚ୍ଚ ନ୍ୟାୟାଳୟ ପ୍ରତିପକ୍ଷଙ୍କୁ ଜବାବ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହାପରେ କ୍ରସ ଭୋଟିଂ କରିଥିବା ୮ ବିଧାୟକ ଲୋକ ପ୍ରତିନିଧି ଭାବେ ରହିବାର ଅଧିକାର ହରାଇଛନ୍ତି ବୋଲି ବିଜେଡି କହିଛି। ଦଳୀୟ ହୁଇପ୍‌କୁ ଅମାନ୍ୟ କରି ରାଜ୍ୟସଭାରେ କ୍ରସ ଭୋଟିଂ କରିଥିବା ଏହି ୮ ବିଧାୟକ ଅଧିକ ଦିନ ବିଧାୟକ ଭାବେ ରହିବା ଦେଶର ଗଣତାନ୍ତ୍ରିକ ବ୍ୟବସ୍ଥା ପ୍ରତି ଏକ ଆହ୍ୱାନ ବୋଲି ଦଳ ପକ୍ଷରୁ କୁହାଯାଇଛି।

ଶୁକ୍ରବାର ଶଙ୍ଖ ଭବନରେ ଏକ ସାମ୍ବାଦିକ ସମ୍ମିଳନୀରେ ବିଧାୟକ ଡଃ ଅରୁଣ କୁମାର ସାହୁ କହିଛନ୍ତି ଯେ ସମ୍ବିଧାନର ୧୦ମ ଅନୁଚ୍ଛେଦର ବ୍ୟବସ୍ଥା ଅନୁଯାୟୀ ଯେଉଁ ବିଧାୟକମାନେ ଦଳୀୟ ହୁଇପ୍‌କୁ ଅବଜ୍ଞା କରି କ୍ରସ ଭୋଟିଂ କରିବେ, ସେମାନଙ୍କ ସଭ୍ୟ ପଦ ରଦ୍ଦ ହେବ। ବିଧାନସଭାର ବାଚସ୍ପତିଙ୍କ ପାଖରେ ଏହି ବିଧାୟକ ମାନଙ୍କ ପଦକୁ ରଦ୍ଦ କରିବା ଅଧିକାର ରହିଛି। କିନ୍ତୁ ବାଚସ୍ପତିଙ୍କ ନିକଟରେ ବିଜେଡି ତରଫରୁ ଏହି ୮ ବିଧାୟକଙ୍କ ସଭ୍ୟ ପଦ ରଦ୍ଦ ପାଇଁ କରାଯାଇଥିବା ଆବେଦନକୁ ବାଚସ୍ପତି ଅଗ୍ରାହ୍ୟ କରିଦେଇଥିଲେ। ଏହି ବିଧାୟକ ମାନଙ୍କୁ ସୁରକ୍ଷା ଦେଇ ରାଜ୍ୟ ସରକାର କାଳକ୍ଷେପଣ ନୀତି କରୁଛନ୍ତି। ଲୋକ ପ୍ରତିନିଧି ପଦ ବଜାୟ ରଖିବା ପାଇଁ ଏହି ବିଧାୟକ ମାନେ ଅଧିକାର ହରାଇଛନ୍ତି ବୋଲି ଡଃ ସାହୁ କହିଛନ୍ତି। ସେହିପରି ବିଜେଡି ମୁଖ୍ୟସଚେତକ ପ୍ରମିଳା ମଲ୍ଲିକ ଏକ ଭିଡିଓ ବାର୍ତ୍ତା ଜାରି କରି କହିଛନ୍ତି, ୨୯ ତାରିଖ ସୁଦ୍ଧା ଉତ୍ତର ରଖିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ଆଡ୍‌ଭୋକେଟ୍ ଜେନେରାଲ୍ ହାଇକୋର୍ଟଙ୍କୁ ସମୟ ମାଗିଥିଲେ ମଧ୍ୟ କୋର୍ଟ ଏହାକୁ ଅଗ୍ରାହ୍ୟ କରିଛନ୍ତି। ନିଜ ସ୍ୱାର୍ଥ ପାଇଁ ବିଧାୟକମାନେ ଘୋଡ଼ା ବେପାରର ସାମିଲ ହୋଇଥିଲେ। ଏହା ସାମ୍ବିଧାନିକ ନୀତି ନିୟମ ବିରୋଧୀ ବୋଲି ଶ୍ରୀମତୀ ମଲ୍ଲିକ କହିଛନ୍ତି। ଉଲ୍ଲେଖଯୋଗ୍ୟ, ଏହି ୮ ବିଧାୟକଙ୍କ ସଭ୍ୟ ପଦ ରଦ୍ଦ ପାଇଁ କରାଯାଇଥିବା ବିଜେଡିର ଆବେଦନକୁ ବାଚସ୍ପତି ଖାରଜ କରିଦେବା ପରେ ବିଜେଡି ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଛି. ଏହି ମାମଲାର ଶୁଣାଣି କରି ଶୁକ୍ରବାର ଉଚ୍ଚ ନ୍ୟାୟାଳୟ ପ୍ରତିପକ୍ଷଙ୍କୁ ଜବାବ ରଖିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

# ବାଇକ୍ଆରୋହୀଙ୍କ ପେଟରେ ପଶିଗଲା ଡାଳ

କେନ୍ଦ୍ରାପଡ଼ା,୧୮ ।୯ (ସମିସ): ବିପଦ ଯେ ଏମିତି ଅଚାନକ ଆସିପାରେ, ତାହାର ଏକ ଅଭାବନୀୟ ଉଦାହରଣ ଆଜି କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଚନ୍ଦନପୁର-କଂସାର ରାସ୍ତାରେ ଦେଖିବାକୁ ମିଳିଛି। ବାଇକ୍‌ରେ ଯାଉଥିବା ଜଣେ ଯୁବକଙ୍କ ଉପରେ ହଠାତ୍ ଏକ ଇଉକାଲିପଟାସ ଗଛ ଭାଙ୍ଗିପଡ଼ିବାରୁ ଗଛର ଏକ ମୁନିଆ ଡାଳ ତାଙ୍କ ପେଟରେ ପଶି ପିଠିପଟେ ବାହାରିଯାଇଥିବା ଜଣାପଡ଼ିଛି।



ସେ ଏବେ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ସୂଚନା ମୁତାବକ, ବାଇପୁର ଗାଁର ବିଚିତ୍ର ପ୍ରଧାନ ଆଜି ପୂର୍ବାହ୍ନରେ ବାଇକ୍‌ରେ ଚନ୍ଦନପୁର-କଂସାର ରାସ୍ତାରେ ଯାଉଥିଲେ। ଏହି ସମୟରେ ରାସ୍ତାକଡ଼ରେ ଥିବା ଏକ ଇଉକାଲିପଟାସ ଗଛ ହଠାତ୍ ଭାଙ୍ଗି ତାଙ୍କ ଉପରେ ପଡ଼ିଥିଲା। ଗଛର ଏକ ଡାଳ ତାଙ୍କ ଶରୀରରେ ପଶିଯାଇଥିଲା। ବିଚିତ୍ର ରାସ୍ତା ଉପରେ ପଡ଼ି ଯନ୍ତ୍ରଣାରେ ଚିତ୍କାର କରିଥିଲେ। ସେଠାରେ ଥିବା ଲୋକେ ତାଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ତାଙ୍କ ଅବସ୍ଥା ସଂକଟାପନ୍ନ ଥିବାରୁ କଟକକୁ ସ୍ଥାନାନ୍ତର କରାଯାଇଛି। ଶରୀରରେ ଡାଳଟି ଅଟକି ରହିଥିବା ଅବସ୍ଥାରେ ତାଙ୍କୁ କଟକ ପଠାଯାଇଥିବା ଜଣାପଡ଼ିଛି। ଘଟଣାଟି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

**ଏସ୍ଏସ୍‌ବି ଅଧ୍ୟାପକ ନିଯୁକ୍ତି ମାମଲା**

# ଅଦାଲତରେ ପକ୍ଷ ରଖିବାକୁ ଡରୁଛନ୍ତି ସରକାର!

ଭୁବନେଶ୍ୱର, ୧୮ ।୯ (ସମିସ): ୨୦୨୪ ମାର୍ଚ୍ଚ ମାସ ଅର୍ଥାତ୍ ଅଢ଼େଇ ବର୍ଷ ପୂର୍ବରୁ ଅଧ୍ୟାପକ ପଦରେ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ମାତ୍ର ଏବେ ଯାଏଁ ପରୀକ୍ଷା ହୋଇନି। ନିଯୁକ୍ତି ବିଜ୍ଞପ୍ତିରେ ଧାର୍ଯ୍ୟ ମାନଦଣ୍ଡକୁ ନେଇ ହାଇକୋର୍ଟରେ ମାମଲା ହେବା ପରେ ସରକାର ଅହେତୁକ ନୀରବତା ଅବଲମ୍ବନ କରୁଛନ୍ତି। କୋର୍ଟରେ ନିଜର ପକ୍ଷ ନ ରଖିବା ସହ ତାରିଖ ପରେ ତାରିଖ ଗଡ଼ାଉଛନ୍ତି। ଏହାର ପ୍ରତିଆବାଦରେ ଆସନ୍ତାକାଲି ଅର୍ଥାତ୍ ଶନିବାର ଠାରୁ ଆଶାୟୀମାନେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଆନ୍ଦୋଳନକୁ ଓହ୍ଲାଇବେ ବୋଲି କଡ଼ା ଚେତାବନୀ ଦେଇଛନ୍ତି।

**ଆଜିଠୁ ଆଶାୟୀଙ୍କ ଅନିର୍ଦ୍ଦିଷ୍ଟ କାଳ ଆନ୍ଦୋଳନ**

**ବିଧାନସଭା ଘେରଉ ପାଇଁ ପ୍ରସ୍ତୁତି ଆରମ୍ଭ**

ଏସ୍ଏସ୍‌ବି ଅଧ୍ୟାପକ ପାଇଁ ପ୍ରାୟ ୮୫ହଜାର ଆଶାୟୀ ପାଖାପାଖି ୩ ବର୍ଷରୁ ଅଧିକ ସମୟ ହେଲା ପାଠ ପଢୁଛନ୍ତି। ଯୋଗ୍ୟତାକୁ ନେଇ ମାମଲା କୋର୍ଟରେ ବିଚାରଧୀନ ଥିବାରୁ ପରୀକ୍ଷା ହେଉନାହିଁ। ଏପରିକି ବିବାଦର ନିଷ୍କର୍ଷ ବାହାର କରିବା ବଦଳରେ କୋର୍ଟରେ ମାମଲା ଥିବା ଦର୍ଶାଇ ସରକାର ଧରାଛୁଆଁ ଦେଉ ନାହାନ୍ତି। କୋର୍ଟରେ ଶୁଣାଣିବେଳେ ଆଡଭୋକେଟ୍ ଜେନେରାଲ୍ (ଏଜି) ଉପସ୍ଥିତ ରହୁ ନ ଥିବାରୁ ମାମଲାର ଶୁଣାଣି ହୋଇପାରୁ ନଥିବା ଆଶାୟୀମାନେ ଅଭିଯୋଗ କରିଛନ୍ତି। ଆସନ୍ତା ୨୪ ତାରିଖରେ ଏହାର ପରବର୍ତ୍ତୀ ଶୁଣାଣି ଥିବାବେଳେ ଏହି ମାମଲାରେ ପୂର୍ଣ୍ଣଚ୍ଛେଦ ପକାଇବାକୁ ଆଶାୟୀମାନେ ଦାବି କରିଛନ୍ତି। ଏଥିପାଇଁ ଆସନ୍ତାକାଲି ଠାରୁ ସେମାନେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ସେହିପରି ନଭେମ୍ବର ମଧ୍ୟରେ ପରୀକ୍ଷା କରିବା ସହ ତ୍ୱରିତ ନିଯୁକ୍ତି ପ୍ରକ୍ରିୟା ସାରିବା, ୨୦୧୬ରୁ ପ୍ରଚଳିତ ଯୋଗ୍ୟତା ମାନଦଣ୍ଡ ଓ ବ୍ୟବସ୍ଥା ଜାରି ରଖିବା, ଆଡେଡ୍ କଲେଜରେ ଅତିଥି ଅଧ୍ୟାପକ ବଦଳରେ ନିୟମିତ ନିଯୁକ୍ତି ଦେବା, ନିଯୁକ୍ତି କ୍ୟାଲେଣ୍ଡର ପ୍ରକାଶ କରିବା ପରି ୬ ଦଫା ଦାବି ରଖିଛନ୍ତି। ପୂର୍ବରୁ ଆଶାୟୀମାନେ ସମାନ ପ୍ରସଙ୍ଗରେ ଅନଶନରେ ବସିବା ସହ ଆନ୍ଦୋଳନାତ୍ମକ ପନ୍ଥା ଆପଣାଇଛନ୍ତି। ମାତ୍ର କୌଣସି ସୁଫଳ ମିଳୁ ନଥିବାରୁ ଆଗାମୀ ବିଧାନସଭା ଅଧିବେସନ ସମୟରେ ସରକାରଙ୍କୁ ରାସ୍ତାରେ ଘେରିବାକୁ ଯୋଜନା କରିଛନ୍ତି। କର ବା ମର ନ୍ୟାୟରେ ଲଢ଼େଇ କରାଯିବ ବୋଲି ଆଶାୟୀ ପରମେଶ୍ୱର ବଳ କଡ଼ା ଚେତାବନୀ ଦେଇଛନ୍ତି।

# ପ୍ରେମକୁ ବିରୋଧ କରି କଙ୍ଗାରୁ କୋର୍ଟ



ସାରସକଣା, ୧୮ ।୯ (ସମିସ): ପ୍ରେମ ସମ୍ପର୍କକୁ ନେଇ କଙ୍ଗାରୁ କୋର୍ଟ। ଯୁବକ ଓ ଦୁଇ ପିଲାର ମାଆଙ୍କୁ ବାନ୍ଧି ଅକଥନୀୟ ଅତ୍ୟାଚାର। ଭିଡିଓ ଭାଇରାଲ ପରେ ଦୁଇଦିନ ପରେ ଗ୍ରାମବାସୀ ମୟୂରଭଞ୍ଜ ଜିଲ୍ଲା ଝାରପୋଖରିଆ ପୁଲିସକୁ ଜିମା ଦେଇଛନ୍ତି। ସାରସକଣା ବ୍ଲକ ଯୋକା ପଞ୍ଚାୟତରେ କଙ୍ଗାରୁ କୋର୍ଟର ଏକ ବର୍ବର ଚିତ୍ର ସାମ୍ନାକୁ ଆସିଛି। ଯାହାର ଭିଡିଓ ଏବେ ସାମାଜିକ ଗଣମାଧ୍ୟମରେ ତୀବ୍ର ଗତିରେ ଭାଇରାଲ ହେବାରେ ଲାଗିଛି। ସୂଚନା ମୁତାବକ, ରତିଲା ଗ୍ରାମର ଜଣେ ଯୁବକଙ୍କ ସହ ଯୋକା ଗ୍ରାମର ଜଣେ ଦୁଇଟି ସନ୍ତାନ ଥିବା ମହିଳାଙ୍କ ମଧ୍ୟରେ ଇନଷ୍ଟାଗ୍ରାମ ଜରିଆରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଉଭୟ ଭେଟାଭେଟି ହେଉଥିବାବେଳେ ଗ୍ରାମବାସୀ ସେମାନଙ୍କୁ କାବୁ କରି ଗଛରେ ଦଉଡ଼ି ବାନ୍ଧି ଅଟକ ରଖିଥିଲେ। ଗ୍ରାମ ମୁଖିଆ ଓ ପାରମ୍ପରିକ ମାଝିମାନଙ୍କୁ ଡାକି କଙ୍ଗାରୁ କୋର୍ଟ ବସାଇ ଜେରା କରିବା ସହ ଅକଥନୀୟ ନିର୍ଯାତନା ଦେଇଥିଲେ। ଦୁଇଦିନ ଧରି ସେମାନଙ୍କୁ ଏଭଳି ଅଟକ ରଖାଯାଇଥିବାବେଳେ ଘଟଣାସ୍ଥଳରେ ଉପସ୍ଥିତ କିଛି ଲୋକ ଏହାର ଭିଡିଓ କରି ଭାଇରାଲ କରିବା ପରେ ଅଞ୍ଚଳରେ ତୀବ୍ର ଚାଞ୍ଚଲ୍ୟ ଖେଳିଯାଇଥିଲା। ଭିଡିଓ ଭାଇରାଲ ହେବା ପରେ ଗ୍ରାମବାସୀ ଦୁଇଦିନ ପରେ ଉଭୟଙ୍କୁ ଝାରପୋଖରିଆ ପୁଲିସ ଜିମାରେ ଦେଇଛନ୍ତି। ଅନ୍ୟପକ୍ଷରେ ପୁଲିସ ଉଭୟଙ୍କୁ ନିଜ ହେପାଜତକୁ ନେବା ସହ ଆଇନକୁ ହାତକୁ ନେଇ କଙ୍ଗାରୁ କୋର୍ଟ ବସାଇ ଅତ୍ୟାଚାର କରିଥିବା ବ୍ୟକ୍ତିଙ୍କ ବିରୋଧରେ ତଦନ୍ତ ଆରମ୍ଭ କରିଛି।

**୧୧୧୧ କୋଟିର ଋଣ ଠକେଇ**

# ଏଆର୍‌ଏସ୍‌ଏସ୍‌ରେ ଇଡି ଚଢ଼ଉ

ଭୁବନେଶ୍ୱର, ୧୮ ।୯ (ସମିସ): ଋଣ ଠକେଇ ଏବଂ ଆର୍ଥିକ ଅନିୟମିତତା ଅଭିଯୋଗରେ ଠିକାସଂସ୍ଥା ଏଆର୍‌ଏସ୍‌ଏସ୍‌ର କାର୍ଯ୍ୟାଳୟ ସମେତ ହାଇଦ୍ରାବାଦସ୍ଥିତ ଏଏମ୍‌ଆର୍ ଗ୍ରୁପ୍‌ର ବିଭିନ୍ନ ସ୍ଥାନରେ ଇଡି ପକ୍ଷରୁ ଚଢ଼ାଉ କରାଯାଇଛି। ଚଢ଼ାଉ ସମୟରେ ଇଡି ପ୍ରାୟ ୬.୩୫ କୋଟି ଟଙ୍କାର ସମ୍ପତ୍ତି ଜବତ କରିଥିବା ଜଣାପଡ଼ିଛି।

**୬.୩୫ କୋଟି ଟଙ୍କାର ସମ୍ପତ୍ତି ଜବତ**

ଜବତ ସମ୍ପତ୍ତି ମଧ୍ୟରେ ୧.୫୦ କୋଟି ଟଙ୍କାର ବ୍ୟାଙ୍କ ଜମା, ପ୍ରାୟ ୧.୯୫ କୋଟି ଟଙ୍କା ମୂଲ୍ୟର ସୁନା ଗହଣା ଏବଂ ୨.୯୦ କୋଟି ଟଙ୍କାର ଡିମାଟ୍ ସିକ୍ୟୁରିଟିଜ୍ ରହିଛି। ଏଥିସହ ଋଣ ସମ୍ପର୍କିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର, ରେକର୍ଡ ଖାତା ଓ ଡିଜିଟାଲ୍ ଡିଭାଇସ୍ ମଧ୍ୟ ତଦନ୍ତକାରୀ ଅଧିକାରୀମାନେ ଜବତ କରିଛନ୍ତି। ଅଭିଯୋଗ ଅନୁସାରେ ଏଏମ୍‌ଆର୍‌ଏଲ୍ ହେଲ୍ଥ ସିଟି ଲିମିଟେଡ୍ ଏବଂ ଏଆର୍‌ଏସ୍‌ଏସ୍ ପକ୍ଷରୁ କୋଲକାତାସ୍ଥିତ ଏକ ଋଣ ପ୍ରଦାନକାରୀ ସଂସ୍ଥା 'ସେଲ୍ସ'ଠାରୁ ମୋଟ୍ ୧୧୧୧ କୋଟି ଟଙ୍କା ଋଣ ନିଆଯାଇଥିଲା। ଋଣ ନେବା ସମୟରେ କେତେକ ଅନିୟମିତତା ହୋଇଥିବା ଇଡ଼ି ସନ୍ଦେହ କରୁଛି ଓ ଅନ୍ୟପକ୍ଷରେ ଋଣ ପରିଶୋଧ କ୍ଷେତ୍ରରେ ମଧ୍ୟ କମ୍ପାନୀ ଠକକତା କରିଛି । ଇଡିର ପ୍ରାଥମିକ ତଦନ୍ତ ଅନୁସାରେ ଋଣ ନେବା ଏବଂ ଏହାର ବ୍ୟବହାର କ୍ଷେତ୍ରରେ ବ୍ୟାପକ ଅନିୟମିତତା ହୋଇଥିବା ସନ୍ଦେହ କରାଯାଉଛି। ଋଣ ଅର୍ଥ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟରେ ବ୍ୟବହାର ନହୋଇ ଅନ୍ୟତ୍ର ବିନିଯୋଗ କରାଯାଇଥିବା ନେଇ ମଧ୍ୟ ତଦନ୍ତରୁ ସୂଚନା ମିଳିଥିବା କୁହାଯାଇଛି। ତେଣୁ ଚଢ଼ାଉରୁ ମିଳିଥିବା ଦସ୍ତାବିଜ ଓ ଡିଜିଟାଲ୍ ତଥ୍ୟକୁ ଆଧାର କରି ଇଡି ଆଗକୁ ତଦନ୍ତ ଜାରି ରଖିବ ବୋଲି ଜଣାପଡ଼ିଛି।

**ପୁରୀ ବାର୍ ସଭାପତିଙ୍କୁ ଆକ୍ରମଣ ଧମକ ଘଟଣା**

# ରାଜ୍ୟ ଆଇନଜୀବୀ ପରିଷଦର କାରଣ ଦର୍ଶାଅ ନୋଟିସ

କଟକ, ୧୮ ।୯ (ସମିସ): ପୁରୀ ବାର ଆସୋସିଏସନର ସଭାପତିଙ୍କୁ ମରଣାନ୍ତକ ଆକ୍ରମଣ ପାଇଁ ଧମକଚମକ ପ୍ରଦାନ କରିଥିବା ଘଟଣାରେ ଯୁଗ୍ମ ସମ୍ପାଦକ ତପନ କୁମାର ବାରିକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛି ରାଜ୍ୟ ଆଇନଜୀବୀ ପରିଷଦ। ୧୫ ଦିନ ମଧ୍ୟରେ ଜବାବ ଦାଖଲ ପାଇଁ ନିର୍ଦ୍ଦେଶ ଦିଆଯିବା ସହ ଅନ୍ୟାଦେଶ ପର୍ଯ୍ୟନ୍ତ ଶ୍ରୀ ବାରିକଙ୍କୁ ପୁରୀ କୋର୍ଟ ପରିସର ଓ ପୁରୀ ବାର ଆସୋସିଏସନ ପରିସରରେ ନିଷେଧ କରାଯାଇଛି। ପୁରୀ ବାର୍‌ର ଜରୁରିକାଳୀନ ସାଧାରଣ ବୈଠକରେ ସର୍ବସମ୍ମତି ପ୍ରସ୍ତାବକୁ ଗ୍ରହଣ କରି ଆଇନଜୀବୀ ପରିଷଦର ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀଙ୍କ ନିର୍ଦ୍ଦେଶକ୍ରମେ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ପୂର୍ବରୁ ବାର ଆସୋସିଏସନର ଜଣେ ସଦସ୍ୟା ମହିଳା ଆଇନଜୀବୀଙ୍କ ଅଭିଯୋଗପତ୍ରକୁ ଗ୍ରହଣ କରି ବାର ଆସୋସିଏସନର ସଦସ୍ୟ ପଦରୁ ଶ୍ରୀ ବାରିକଙ୍କୁ ନିଲମ୍ବନ କରିବାପାଇଁ ନିଷ୍ପତ୍ତି ନିଆଯାଇଥିଲା। ନିଲମ୍ବନ ନିଷ୍ପତ୍ତି ଦ୍ୱାରା ଉତକ୍ଷିପ୍ତ ହୋଇ ବାର ଆସୋସିଏସନର ସଭାପତିଙ୍କୁ ଅଶ୍ରାବ୍ୟ ଭାଷା ପ୍ରୟୋଗ କରିବା ସହିତ ଜୀବନରୁ ମାରିଦେବା ପାଇଁ ଧମକ ଦେଇଥିଲେ ଶ୍ରୀ ବାରିକ। ଏହାକୁ ନେଇ ଶ୍ରୀ ବାରିକଙ୍କ ବିରୋଧରେ ସଭାପତି ପୁରୀ ଟାଉନ ଥାନାରେ ଗତ ୮ ତାରିଖରେ ଅଭିଯୋଗ କରିଛନ୍ତି।

# ଗାଡ଼ି ଯାଞ୍ଚ ବେଳେ ହାତୀଦାନ୍ତ ଜବତ

ଅନୁଗୋଳ,୧୮ ।୯ (ସମିସ): ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ପୁଲିସ ପକ୍ଷରୁ ଗାଡ଼ି ଯାଞ୍ଚ ବେଳେ ଜଣେ ବ୍ୟକ୍ତିଙ୍କ ନିକଟରୁ ହାତୀଦାନ୍ତ ଜବତ କରାଯାଇଛି। ପୁଲିସ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗିରଫ କରି ତଦନ୍ତ ଚଳାଇଛି। ଗିରଫ ଅଭିଯୁକ୍ତ ହେଲେ ବାଗଡ଼ିଆ ଅଞ୍ଚଳର ସୁକାନ୍ତ ପ୍ରଧାନ ଓରଫ ରଞ୍ଜନ।



ଗୁରୁବାର ରାତିରେ ପୁଲିସ ବାଗଡ଼ିଆ ଛକରେ ଗାଡ଼ି ଯାଞ୍ଚ କରୁଥିଲା। ଏହି ସମୟରେ ଏକ

**ଜଣେ ଗିରଫ, ବାଇକ୍ ଜବତ**

ବାଇକ୍‌ରେ ସୁକାନ୍ତ ଯାଉଥିବା ବେଳେ ତାଙ୍କ ଗାଡ଼ି ମଧ୍ୟ ଯାଞ୍ଚ କରାଯାଇଥିଲା। ତାଙ୍କ ନିକଟରୁ ପ୍ରାୟ ୩ କିଲୋ ୧୮ ଗ୍ରାମ ଓଜନର ହାତୀ ଦାନ୍ତ ଜବତ ହୋଇଥିଲା। ସୁକାନ୍ତ ଏହି ହାତୀଦାନ୍ତ ରଖିବା କିମ୍ବା ପରିବହନ ପାଇଁ କୌଣସି ବୈଧ କାଗଜପତ୍ର ଦେଖାଇ ପାରି ନ ଥିଲେ। ପୁଲିସ ହାତୀଦାନ୍ତ ସହ ବାଇକ୍ ଜବତ କରିଛି। ଏ ସମ୍ପର୍କରେ ବନ ବିଭାଗକୁ ଅବଗତ କରାଯାଇଛି। ବନ୍ୟଜନ୍ତୁ ସୁରକ୍ଷା ଆଇନ ଅନୁସାରେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ପୁଲିସ କହିଛି। ଏହି ହାତୀଦାନ୍ତ କାରବାର ଦୀର୍ଘଦିନ ହେବ ବନବିଭାଗ ଓ ପୁଲିସ କର୍ମଚାରୀଙ୍କ ଜାଣତରେ ହେଉଥିବା ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ ହେଲେ ସତ ପଦାକୁ ଆସିବ ବୋଲି ମତ ପ୍ରକାଶ ପାଇଛି।

**ଅକ୍ଟୋବର ୨ରୁ ଦୁବାଇ ଉଡ଼ାଣ ଆଶା, ଆବୁଧାବୀ ନିଷ୍ପତ୍ତି ହୋଇନାହିଁ**

# କେବେ ଉଡ଼ିବ ବ୍ୟାଙ୍କକ୍, ସିଙ୍ଗାପୁରକୁ ବିମାନ?

ଭୁବନେଶ୍ୱର,୧୮ ।୯ (ସମିସ): ରାଜଧାନୀ ଭୁବନେଶ୍ୱରରେ ଥିବା ଓଡ଼ିଶାର ପ୍ରଥମ ବିମାନ ବନ୍ଦରକୁ ଆନ୍ତର୍ଜାତିକ ବିମାନ ବନ୍ଦରର ମାନ୍ୟତା ମିଳିଥିଲେ ମଧ୍ୟ ଏବେ ଭୁବନେଶ୍ୱରରୁ ସିଧାସଳଖ ବିଦେଶକୁ କୌଣସି ବିମାନ ଚଳାଚଳ କରୁନାହିଁ। ବିଦେଶରେ ରହୁଥିବା ଓଡ଼ିଆମାନେ ଭୁବନେଶ୍ୱରରୁ ଅଧିକ ସଂଖ୍ୟକ ଆନ୍ତର୍ଜାତିକ ବିମାନ ଚଳାଚଳ ପାଇଁ ବାରମ୍ବାର ଦାବି କରିଆସୁଥିଲେ ବି କେହି କର୍ଣ୍ଣପାତ କରୁନାହାନ୍ତି। ଇତିମଧ୍ୟରେ ଅକ୍ଟୋବର ୨ରୁ ଦୁବାଇ ବିମାନ ଚଳାଚଳ ହେବ ବୋଲି ଆଶା କରାଯାଉଛି, ମାତ୍ର ଆବୁଧାବୀକୁ ଉଡ଼ାଣ ଅନିଶ୍ଚିତ ରହିଛି।

ଦେଶର ବିମାନ ବନ୍ଦରଗୁଡ଼ିକ ଭିତରେ ଭୁବନେଶ୍ୱର ବେଶ୍ ପୁରୁଣା। ୧୯୯୮ ମସିହାରେ ଏହି ବିମାନ ବନ୍ଦରକୁ ବିଜୁ ପଟ୍ଟନାୟକଙ୍କ ନାମରେ ନାମିତ କରାଯାଇଥିଲା ଏବଂ ୨୦୧୩ ମସିହାରେ ଏହାକୁ ଆନ୍ତର୍ଜାତିକ ବିମାନ ବନ୍ଦରର ମାନ୍ୟତା ମିଳିଥିଲା। କିଛିବର୍ଷ ପାଇଁ ଭୁବନେଶ୍ୱରର ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନ ବନ୍ଦରରୁ ଦୁବାଇ, ଆବୁଧାବି, ବ୍ୟାଙ୍କଙ୍ଗ, ସିଙ୍ଗାପୁର, ବାଲି ପ୍ରଭୃତି ବିଦେଶ ବିମାନ ବନ୍ଦରଗୁଡ଼ିକୁ ଯାତ୍ରୀବାହୀ ବିମାନ ଯାତାୟାତ କରୁଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଏହି ବିମାନ ବନ୍ଦରରୁ ବିଦେଶକୁ ଯାତ୍ରୀବାହୀ ବିମାନ ସେବା ଗୋଟିଏ ପରେ ଗୋଟିଏ ବନ୍ଦ ହୋଇଗଲା। ଭୁବନେଶ୍ୱରରେ ଥିବା ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନ ବନ୍ଦରରୁ ବିଦେଶକୁ ଯାତ୍ରୀବାହୀ ବିମାନ ଯାତାୟାତ ବନ୍ଦ ହୋଇଯାଇଥିବାବେଳେ ଏଠାରୁ ପ୍ରାୟ ୬୦ କିଲୋମିଟର ଦୂରରେ ଥିବା ଶ୍ରୀକ୍ଷେତ୍ର ପୁରୀରେ ଶ୍ରୀଜଗନ୍ନାଥ ଆନ୍ତର୍ଜାତିକ ବିମାନ ବନ୍ଦର ନିର୍ମାଣ ପାଇଁ କିଛିବର୍ଷ ହେବ କସରତ ଚାଲିଛି। ଏଥିପାଇଁ ବି ପ୍ରାରମ୍ଭିକ ପର୍ଯ୍ୟାୟରେ ଜମି ଅଧିଗ୍ରହଣ ହୋଇଥିବାବେଳେ ଚିଲିକା ଓ ବଙ୍ଗୋପସାଗରର ଜଳଜୀବ ଓ ପଶୁପକ୍ଷୀଙ୍କ ଉପରେ ତା'ର କ'ଣ ପ୍ରଭାବ ପଡ଼ିବ ସେଥିଘେନି ଚୂଡ଼ାନ୍ତ ମଞ୍ଜୁରୀ ମିଳିନାହିଁ। ଏହାଛଡ଼ା ଶ୍ରୀକ୍ଷେତ୍ର ଉପର ଦେଇ ଆନ୍ତର୍ଜାତିକ ବିମାନ ଚଳାଚଳ କଲେ ଶ୍ରୀମନ୍ଦିର ଉପରେ ତା'ର କି ପ୍ରକାର ପ୍ରଭାବ ପଡ଼ିବ ତାହାର ବି ଆକଳନ କରାଯାଇ ନାହିଁ। ଓଡ଼ିଶାରେ ପୁଞ୍ଜି ନିବେଶ ପାଇଁ ସିଙ୍ଗାପୁର, ଦୁବାଇ ଆଦିରେ ହୋଇଥିବା ନିବେଶକ ସମ୍ମିଳନୀରେ ଆଗ୍ରହ ପ୍ରକାଶ ପାଇଥିବା କୁହାଯାଉଛି। କିନ୍ତୁ ସେଠାରୁ ଓଡ଼ିଶାକୁ ସିଧାସଳଖ ଯାତ୍ରୀବାହୀ ବିମାନ ଚଳାଚଳ କରୁନାହିଁ।

ଏବେ ଭୁବନେଶ୍ୱର ବିମାନ ବନ୍ଦରରୁ ଇଣ୍ଡିଗୋ, ଏୟାର ଇଣ୍ଡିଆ ଏକ୍ସପ୍ରେସ୍, ଏୟାର ଇଣ୍ଡିଆ, ଇଣ୍ଡିଆ-୧ ଏୟାର, ଆକାଶ ଏୟାର, ଷ୍ଟାର୍ ଏୟାର ଆଦି ସଂସ୍ଥା ଯାତ୍ରୀବାହୀ ବିମାନ ଚଳାଚଳ କରାଉଛନ୍ତି। ଏଠାରୁ ଏବେ ନୂଆଦିଲ୍ଲୀ, ମୁମ୍ବାଇ, ବେଙ୍ଗାଲୁରୁ, କୋଲକାତା, ଚେନ୍ନାଇ, ହାଇଦ୍ରାବାଦ୍, ପୁନେ, ଅହମ୍ମଦାବାଦ୍, ଗୌହାଟୀ, ପାଟନା, ରାଞ୍ଚି, ରାୟପୁର, ଜାମସେଦପୁର, ଲକ୍ଷ୍ନୌ, ରାଜସ୍ଥାନର ଜୟପୁର, ସୁରଟ, ବାରଣାସୀ, ଆହଲ୍ଲାବାଦ୍ ଆଦି ସ୍ଥାନକୁ ବିମାନ ଚଳାଚଳ କରୁଛି। ଏହାଛଡ଼ା ରାଜ୍ୟ ଭିତରେ ଏତ୍‌କେଲା, ଜୟପୁର, ରାଉରକେଲା, ଝାରସୁଗୁଡ଼ା ଆଦିକୁ ଯାତ୍ରୀବାହୀ ବିମାନ ଚଳାଚଳର ମଧ୍ୟ ସୁବିଧା ଅଛି। ବିଜୁ ପଟ୍ଟନାୟକ ଭୁବନେଶ୍ୱର ଆନ୍ତର୍ଜାତିକ ବିମାନ ବନ୍ଦରରୁ ବିଦେଶକୁ ଯାତ୍ରୀବାହୀ ବିମା୍ନ ସେବା କାହିଁକି ବନ୍ଦ ରହିଛି ତା'ର ତର୍ଜମା କରାଯାଇ ବିଦେଶର ଯେଉଁସବୁ ରାଷ୍ଟ୍ରରେ ଅଧିକ ସଂଖ୍ୟକ ଓଡ଼ିଆ ରହୁଛନ୍ତି ଏବଂ ଓଡ଼ିଶାରେ ଯେଉଁସବୁ ରାଷ୍ଟ୍ର ପୁଞ୍ଜି ନିବେଶ ପାଇଁ ଆଗ୍ରହୀ ସେଠାକୁ କିଭଳି ଯାତ୍ରୀବାହୀ ବିମାନ ସେବା ବ୍ୟବସ୍ଥା ହେବ ସେ ଦିଗରେ ଦୃଷ୍ଟି ଦେବାକୁ ଦାବି ହେଉଛି। ବିଶେଷକରି ଦୁବାଇ, ଆବୁଧାବି ଆଦିରେ କାର୍ଯ୍ୟରତ ଓଡ଼ିଆମାନେ ଅଭିଯୋଗ କରୁଛନ୍ତି ଯେ ଭୁବନେଶ୍ୱରକୁ ସେଠାରୁ ଯାତ୍ରୀବାହୀ ବିମାନ ଯାତାୟାତ ବନ୍ଦ ହେବା ଫଳରେ ଗୋଟିଏଥର ଭୁବନେଶ୍ୱରରୁ ଦୁବାଇ କିମ୍ବା ଆବୁଧାବି ଯିବା ପାଇଁ ସେମାନଙ୍କୁ କଲିକତା, ହାଇଦ୍ରାବାଦ୍, ମୁମ୍ବାଇ, ବେଙ୍ଗାଲୁରୁ, ଦିଲ୍ଲୀ ଆଦି ବାଟ ଦେଇ ଗସ୍ତ କରିବା ଫଳରେ ୧୦ରୁ ୨୦ ହଜାର ଟଙ୍କା ପର୍ଯ୍ୟନ୍ତ ଅଧିକ ଖର୍ଚ୍ଚ କରିବାକୁ ପଡୁଛି ଏବଂ ଏଥିଲାଗି ବି ଘଣ୍ଟାଘଣ୍ଟା ସମୟ ବରବାଦ୍ ହେଉଛି। ଦେଶର ବହୁ ରାଜ୍ୟର ରାଜଧାନୀରୁ ବିଦେଶକୁ ଯାତ୍ରୀବାହୀ ବିମାନ ସେବା ଥିବାବେଳେ ଓଡ଼ିଶା କାହିଁକି ଏଥିରୁ ବାଦ୍ ପଡିଛି ବୋଲି ବି ପ୍ରଶ୍ନ ଉଠୁଛି।

# ସିନାପାଲିରେ ଦେବଶିଳ୍ପୀ ବିଶ୍ୱକର୍ମାଙ୍କୁ ଆରାଧନା



**ସିନାପାଲି, ୧୮।୯ (ସମିସ):** ସିନାପାଲି ଅଞ୍ଚଳର ବିଭିନ୍ନ ସ୍ଥାନରେ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା ଅନୁଷ୍ଠିତ ହେଉଛି। ସିନାପାଲି ସହରର ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ ସମେତ ରାଜମିସ୍ତ୍ରୀ ସଙ୍ଘ, ଡ୍ରାଇଭର ସଂଘ ସମେତ ଅନେକ କାରିଗର ସମାଜ ତରଫରୁ ପୂଜା ଚାଲିଛି। ସୁଉଚ୍ଚ ତୋରଣ ସାଙ୍ଗକୁ ଆଲୋକମାଳାରେ ବିଭିନ୍ନ ମଣ୍ଡପ ଝଲସୁଛି। କେତେକ ସ୍ଥାନରେ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ହେଉଛି। ନୃତ୍ୟ ପ୍ରତିଯୋଗିତା ସାଙ୍ଗକୁ ସୁଦୂର କଳାହାଣ୍ଡି ଓ ଛତିଶଗଡ଼ ସମେତ ପଶ୍ଚିମ ଓଡ଼ିଶାର ନାମୀଦାମୀ ନାଟକ ମଞ୍ଚସ୍ଥ ହେଉଛି। ଗୋଡାଳ ଗ୍ରାମଠାରେ ମଧ୍ୟ ବିଶ୍ୱକର୍ମାଙ୍କ ପୂଜା ଅନୁଷ୍ଠିତ ହେଉଥିବା ବେଳେ ସିଙ୍ଗଝର, ହାତୀବନ୍ଧା, ନିଳଜି, ଗଣ୍ଡାବାହାଲି ସମେତ ଅନେକ ସ୍ଥାନରେ ଦେବଶିଳ୍ପୀଙ୍କ ପୂଜା ହେଉଛି।

### ନିରବରେ ଅବକାରୀ ବିଭାଗ; ମୁଜେଲାରେ ଆତଙ୍କ

# ଦେଶୀମଦ ପିଇ ୩ ମାସରେ ୩ ଜଣଙ୍କ ମୃତ୍ୟୁ ଅଭିଯୋଗ

**ସିନାପାଲି, ୧୮।୯ (ସମିସ)**

ନୂଆପଡ଼ା ସଦର ବ୍ଲକ ଅନ୍ତର୍ଗତ ଯୋଙ୍କ ଥାନା ଅଧୀନ ଭାଷାଟାଲ ପଞ୍ଚାୟତର ମୁଜେଲା ଗ୍ରାମରେ ଆତଙ୍କ ଖେଳିଗଲାଣି। ଦେଶୀ ମଦ ପାଉଚ ବିକ୍ରିକୁ ନେଇ ଗୁରୁତର ଅଭିଯୋଗ ସାମ୍ନାକୁ ଆସିଛି। ଗତ ତିନି ମାସ ମଧ୍ୟରେ ଗ୍ରାମର ତିନି ଜଣଙ୍କ ଏହି ଦେଶୀ ମଦ ପାଉଚ୍ ପିଇ ମୃତ୍ୟୁ ଘଟିଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ମୃତକମାନେ ହେଲେ ପ୍ରତିମ ଗିରି ଗୋସ୍ୱାମୀ, ଶିବଗିରି ଗୋସ୍ୱାମୀ ଓ ରୂପସିଂ ବାରିକ।

ସେମାନଙ୍କ ପରିବାରବର୍ଗଙ୍କ ଅଭିଯୋଗ ଅନୁଯାୟୀ, ଦେଶୀମଦ ପାଉଚ ସେବନ କରିବା ପରେ ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ଖରାପ ହୋଇଥିଲା। ପରେ ୩ ଜଣଙ୍କ ମୃତ୍ୟୁ ଘଟିଥିବାରୁ ଏହା ବିଷାକ୍ତ ମଦ ସେବନ ଯୋଗୁଁ ଘଟିଥିବା ପରିବାର ଲୋକେ ସନ୍ଦେହ କରିଛନ୍ତି।

ଏପରି ଏକାଧିକ ମୃତ୍ୟୁ ଘଟଣାକୁ ନେଇ ମୁଜେଲା ଗ୍ରାମରେ ଏବେ ଭୟର ବାତାବରଣ। ତିନିଟି ପରିବାର ସେମାନଙ୍କ ରୋଜଗାରିଆ ସଦସ୍ୟଙ୍କୁ ହରାଇ ବେସାହାରା ହୋଇପଡ଼ିଥିବାବେଳେ ଗ୍ରାମରେ ଦେଶୀମଦ ପାଉଚ ବେଧଡ଼କ ବିକ୍ରି ହେଉଥିବାରୁ ପୁଣି ପରବର୍ତ୍ତୀ କାହା ପାଳି ବୋଲି ସ୍ଥାନୀୟ ଲୋକଙ୍କ ମଧ୍ୟରେ ଆତଙ୍କ ଖେଳିଗଲାଣି। ମାତ୍ର ମୁଣ୍ଡ ପରେ ମୁଣ୍ଡ ଗଡୁଥିବାବେଳେ ଅବକାରୀ ବିଭାଗ ନିଘୋଡ଼ ନିଦରେ ଶୋଇଛି ବୋଲି ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି।

ମଦ ବିକ୍ରି ଉପରେ ବିଭାଗର ନିୟନ୍ତ୍ରଣ ନଥିବାରୁ ଏପରି ଘଟିଥିବା ଲୋକେ କହୁଥିବାବେଳେ ଅବାଧ ଦେଶୀ ମଦ ବିକ୍ରି ବିରୋଧରେ ତୁରନ୍ତ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ଏଥିସହ ଗତ ତିନି ମାସ ମଧ୍ୟରେ ଘଟିଥିବା ୩ଟି ମୃତ୍ୟୁ ଘଟଣାର ତଥ୍ୟ ଯାଞ୍ଚ କରିବାକୁ ମଧ୍ୟ ଦାବି ହେଉଛି। ନୂଆପଡ଼ା ଜିଲ୍ଲା ଅବକାରୀ ବିଭାଗ ମଧ୍ୟ ମୁଜେଲା ଗ୍ରାମରେ ଦେଶୀ ବିଷାକ୍ତ ମଦ ପାଉଚ ବିକ୍ରି ନେଇ ଅଭିଯୋଗର ତଦନ୍ତ କରିବା ଆବଶ୍ୟକ ବୋଲି ସ୍ଥାନୀୟ ଲୋକେ ମତ ପ୍ରକାଶ କରିଛନ୍ତି। ମଦ କେଉଁଠାରୁ ଆସୁଛି, କିଏ ବିକ୍ରି କରୁଛି ଏବଂ ଏହା ବିଷାକ୍ତ ନୁହେଁ ତ ଓ ଏହାର ସେବନ ସହ ତିନି ମୃତ୍ୟୁର କୌଣସି ସମ୍ପର୍କ ରହିଛି କି ନାହିଁ, ସେସବୁ ଦିଗରେ ତଦନ୍ତ ହେବା ଆବଶ୍ୟକ ବୋଲି ଅଞ୍ଚଳବାସୀ ଓ ମୃତକଙ୍କ ପରିବାର ଦାବି କରିଛନ୍ତି। ତେବେ ତିନିଜଣଙ୍କ ମୃତ୍ୟୁର ପ୍ରକୃତ କାରଣ ଅଧିକୃତ ଚିକିତ୍ସା ରିପୋର୍ଟ ଓ ତଦନ୍ତ ପରେ ହିଁ ସ୍ପଷ୍ଟ ହେବ।

# ଗିଗିନା କାନାରା ବ୍ୟାଙ୍କ ଚୋରି ଘଟଣାରେ ୪ ଗିରଫ

**କେସିଙ୍ଗା, ୧୮।୯ (ସମିସ):** କେସିଙ୍ଗା ଥାନା ଅନ୍ତର୍ଗତ ଗିଗିନା ସ୍ଥିତ କାନାରା ବ୍ୟାଙ୍କ ଶାଖାରେ କିଛି ଦିନ ତଳେ ହୋଇଥିବା ଚୋରି ଘଟଣାର ପର୍ଦ୍ଦାଫାଶ କରିଛି ପୁଲିସ। ଏହି ମାମଲାରେ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହ ଚୋରି ହୋଇଥିବା ସାମଗ୍ରୀ ଜବତ କରାଯାଇଥିବା କେସିଙ୍ଗା ଏସଡିପିଓ ସନ୍ଦୀପ କୁମାର ମାଝୀ ପ୍ରେସ

## ଚୋରି ସାମଗ୍ରୀ ଜବତ



ନୋଟ ମାଧ୍ୟମରେ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ଗତ ସେପ୍ଟେମ୍ବର ୧୧ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ କ୍ରମାଗତ ପାର୍ବଣ ଛୁଟି ଥିବାରୁ ରପ୍ରା ପାଖ ଗିଗିନା କାନାରା ବ୍ୟାଙ୍କ ଶାଖା ବନ୍ଦ ରହିଥିଲା। ୧୬ ତାରିଖ ସକାଳେ ବ୍ୟାଙ୍କ ଖୋଲିବା ପରେ ବ୍ୟାଙ୍କର ତିନୋଟି ସ୍କାଏଲାଇଟ୍, ସର୍ଭର କ୍ୟାବିନ୍ ଓ ସିସିଟିଭି କ୍ୟାବିନ୍ ଭଙ୍ଗା ଯାଇଥିବା ଦେଖିବାକୁ ମିଳିଥିଲା। ଏଥିସହିତ ବ୍ୟାଙ୍କରୁ ଦୁଇଟି ଟାବଲେଟ୍ ଚୋରି ହୋଇଥିବା ମଧ୍ୟ ଜଣାପଡ଼ିଥିଲା। ଏ ନେଇ ବ୍ୟାଙ୍କର ଶାଖା ପରିଚାଳକ କେସିଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅଧିକାରୀ ଘଟଣାସ୍ଥଳ ପରିଦର୍ଶନ କରିବା ସହ ସନ୍ଧାନୀ କୁକୁର ଏବଂ ସାଇଣ୍ଟିଫିକ୍ ଟିମ୍ ସହାୟତା ନେଇ ଅଭିଯୁକ୍ତମାନଙ୍କୁ ଚିହ୍ନଟ କରିଥିଲେ। ପୁଲିସ ଚଢ଼ଉ କରି କେସିଙ୍ଗା ଥାନା ଅନ୍ତର୍ଗତ ସିନାଙ୍ଗ ଗ୍ରାମର ୪ ଜଣ ଯୁବକ ରାଜକୁମାର ମାଝୀ (୨୬), ବାଳକୃଷ୍ଣ ମାଝୀ (୨୨), ତ୍ରିଲୋଚନ ମାଝୀ (୨୨) ଏବଂ ଦ୍ୱିତୀକୃଷ୍ଣ ନାଗ (୨୬)ଙ୍କୁ କାବୁ କରିଥିଲା। ପୁଲିସ ସେମାନଙ୍କ ନିକଟରୁ ଚୋରି ଯାଇଥିବା ଦୁଇଟି ଟାବଲେଟ୍, ଭଙ୍ଗା ଅବସ୍ଥାରେ ଗୋଟିଏ ସିସିଟିଭି ଡ୍ରାଇଭ୍ ଏବଂ ଗୋଟିଏ ସର୍ଭର ଜବତ କରିଛି। ଅଭିଯୁକ୍ତମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସଡିପିଓ ପ୍ରକାଶ କରିଛନ୍ତି।

# ନବନିର୍ମିତ ପ୍ରଶାସନିକ ଗୃହ ଉଦ୍‌ଘାଟିତ




**କେସିଙ୍ଗା, ୧୮।୯ (ସମିସ):** କେସିଙ୍ଗା ବ୍ଲକ ପରିସରରେ ୫୨ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ନୂତନ ପ୍ରଶାସନିକ ଗୃହ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ କେସିଙ୍ଗା ସାଂସଦ ମାଳବିକା ଦେବୀଙ୍କ ଦ୍ୱାରା ଉଦ୍‌ଘାଟିତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ଚନ୍ଦନ ସେନାପତି, ବିଡ଼ିଓ ଜନ୍ମେଜୟ ସ୍ୱାଇଁ ଓ ଏବିଡ଼ିଓ ସିଦ୍ଧେଶ୍ୱର ମେହେର ପ୍ରମୁଖ ମଞ୍ଚାସୀନ ଥିଲେ। ଅଧ୍ୟକ୍ଷ ନିଜ ଅଭିଭାଷଣରେ କେସିଙ୍ଗା ନିର୍ବାଚନମଣ୍ଡଳୀ ଫେରାଇ ଆଣିବାରେ ସାଂସଦଙ୍କ ସହଯୋଗ କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରୋହିତ ଭୋଇ, ପୀଙ୍କୁ ପରିଡ଼ା, ମଗନ ସିନ୍ଦୂର, ମଣ୍ଟୁ ବର୍ମା, ନମିତା ରାଣୀ ସାହୁ, ସରିତା ସିନ୍ଦୂରଙ୍କ ସମେତ ଅନ୍ୟାନ୍ୟ ବିଜେପି କର୍ମକର୍ତ୍ତା ଓ ବ୍ଲକ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ପୂର୍ବ ଶତ୍ରୁତାରୁ ଶାବଳ ମାଡ଼; ଯୁବକ ଗୁରୁତର

**କୋକସରା, ୧୮।୯ (ସମିସ):** କୋକସରା ଥାନା ଅନ୍ତର୍ଗତ ଚିତାମୁଣ୍ଡା ଗ୍ରାମରେ ପୂର୍ବ ଶତ୍ରୁତାକୁ ନେଇ ଜଣେ ଯୁବକଙ୍କୁ ଲୁହା ଶାବଳରେ ଆକ୍ରମଣ କରାଯାଇଛି। ଶାବଳ ମାଡ଼ରେ ଯୁବକଙ୍କ ମୁଣ୍ଡରେ ଗୁରୁତର ଆଘାତ ଲାଗିଥିବାବେଳେ ଏନେଇ ନେଇ କୋକସରା ଥାନାରେ ଲିଖିତ ଅଭିଯୋଗ ହୋଇଛି। ଆକ୍ରମଣର ଶିକାର ହୋଇଥିବା ଯୁବକ ଜଣକ ହେଲେ ଚିତାମୁଣ୍ଡା ଗ୍ରାମର ଚନ୍ଦ୍ରମଣି ପୁଞ୍ଜି।

ଅଭିଯୋଗ ଅନୁଯାୟୀ, ଗୁରୁବାର ଅପରାହ୍ନରେ ଚନ୍ଦ୍ରମଣି ନିଜ ଚାଷ ଜମିକୁ ବାଇକ୍ ଯୋଗେ ଯାଉଥିବାବେଳେ ପୂର୍ବରୁ ସ୍ଥାନୀୟ ସ୍କୁଲ ନିକଟରେ ଛକି ରହିଥିବା ସେହି ଗ୍ରାମର ଅରବିନ୍ଦ ହଂସ ଅତର୍କିତ ଏକ ଶାବଳରେ ତାଙ୍କ ମୁଣ୍ଡକୁ ପାହାରେ ପକାଇଥିଲେ। ଫଳରେ ଚନ୍ଦ୍ରମଣି ଚେତାଶୂନ୍ୟ ହୋଇ ତଳେ ପଡ଼ିଯାଇଥିଲେ। ଅରବିନ୍ଦଙ୍କ ସମେତ ଗ୍ରାମର ଅନ୍ୟ କେତେଜଣ ଯୁବକ ଏଥିରେ ସହଯୋଗ କରିଥିବା ଅଭିଯୋଗରେ ଦର୍ଶାଯାଇଛି। ପରିବାର ଲୋକେ ଚନ୍ଦ୍ରମଣିଙ୍କୁ ଉଦ୍ଧାର କରି ପ୍ରଥମେ କୋକସରା ଡାକ୍ତରଖାନା ଓ ପରେ ଅବସ୍ଥା ଗୁରୁତର ହେବାରୁ ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଚନ୍ଦ୍ରମଣିଙ୍କ ସ୍ତ୍ରୀ ହେମନ୍ତି ପୁଞ୍ଜିଙ୍କ ଏତଲା କ୍ରମେ କୋକସରା ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ରାଷ୍ଟ୍ରୀୟ ସଫେଇ କର୍ମଚାରୀ ଆୟୋଗ ଉପାଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧନା

**କଲମପୁର, ୧୮।୯ (ସମିସ):** ଗ୍ରାମାଞ୍ଚଳରୁ ଯାଇ ଜାତୀୟ ସ୍ତରରେ ପଦବୀ ପାଇବା ଏତେ ସହଜ ନୁହେଁ। ମା' ମାଣିକେଶ୍ୱରୀଙ୍କ ଆଶୀର୍ବାଦ ଓ ଆପଣଙ୍କ ସ୍ନେହ ତଥା କଠିନ ପରିଶ୍ରମ ସମେତ ରାଷ୍ଟ୍ରୀୟ ନେତୃମଣ୍ଡଳୀଙ୍କ ଅକୁଣ୍ଠ ସହଯୋଗ ଯୋଗୁଁ ସମ୍ଭବ ହୋଇ ପାରିଛି, ଏଇ ମାଟିର ଋଣ ଶୁଝିବାର ସୁଯୋଗ ମିଳିଛି ବୋଲି କହିବା ସହ ଉପସ୍ଥିତ ଅଧିକାରୀମାନଙ୍କୁ ସ୍ୱଚ୍ଛ ଭାବେ କାର୍ଯ୍ୟ ନିର୍ବାହ କରିବାକୁ ପରାମର୍ଶ ଦେଇଛନ୍ତି ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ ବିଭାଗ ରାଷ୍ଟ୍ରୀୟ ସଫେଇ



କର୍ମଚାରୀ ଆୟୋଗର ଉପାଧ୍ୟକ୍ଷ କୈଶବ ବିହାରୀ। କଲମପୁର ବ୍ଲକ ଆଗାମୀ ଦିନରେ କୃଷି ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ରୋଲ ମଡେଲ ହେବାକୁ ଯାଉଛି, ଏଥିପାଇଁ ଆପଣ ମାନଙ୍କ ସହଯୋଗର ଆବଶ୍ୟକ ବୋଲି ଆଜି କଳାହାଣ୍ଡି ଜିଲ୍ଲା କଲମପୁର ବ୍ଲକ ଗସ୍ତବେଳେ ଶ୍ରୀ ବିହାରୀ ବ୍ଲକ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ମତବ୍ୟକ୍ତ କରିଥିଲେ। ଏଥିରେ ବିଡ଼ିଓ ବିଜୟ ମାଣ୍ଡାଙ୍ଗି, ଉପାଧ୍ୟକ୍ଷ ଚିନ୍ତାମଣି ବେହେରା, ଶିକ୍ଷାବିତ ସୁଦର୍ଶନ ଦାସ ସମାଜସେବୀ ଗଙ୍ଗାଧର ବେଶ୍ରା, ଡୋଳାମଣୀ ସାହୁ, ସମାଜସେବିକା କୌଶଲ୍ୟା ବିହାରୀ, ସମିତି ସଭ୍ୟା ପୁଷ୍ପାଞ୍ଜଳି ନାଏକ, କଲମପୁର ବିଜେପି ମଣ୍ଡଳ ସଭାପତି ହିତେଶ ପାତ୍ର, ବିଜମରା ମଣ୍ଡଳ ସଭାପତି ସରିତା ସରାଫ, ବିଜୟ ପଣ୍ଡା, ସୁମତି ଛତ୍ରିଆ, ଅଭି ନିଆଲ, ମାଙ୍ଗେଲାଲ ବାଗ, ପୁଣ୍ଡରିକାକ୍ଷ ନାଏକ ପ୍ରମୁଖ ଉପସ୍ଥିତ ରହିଥିବା ବେଳେ ବିପିଏମ ରିଗାନ୍ୟୁୟସ ଏକ୍କା ମଞ୍ଚ ପରିଚାଳନା କରିଥିଲେ। ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଶ୍ରୀ ବିହାରୀ କଲମପୁର ବ୍ଲକ ପ୍ରସଙ୍ଗରେ ବିଡ଼ିଓଙ୍କ ସହିତ ଆଲୋଚନା କରି କଲମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କରିଥିଲେ। ସେଠାରେ ସଫେଇ କର୍ମଚାରୀ ମାନଙ୍କ ବିଭିନ୍ନ ସମସ୍ୟା ପଚାରି ବୁଝିବା ସମେତ ଉପସ୍ଥିତ ଡାକ୍ତର ଜ୍ୟୋତି କୃଷ୍ଣ ମାଝୀ ସୋନାଲି ପଣ୍ଡାଙ୍କ ସହିତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସମ୍ପର୍କରେ ଆଲୋଚନା କରିଥିଲେ। କଲମପୁର ବ୍ଲକ ମିନଗୁର ପଞ୍ଚାୟତ ଅନ୍ତର୍ଗତ ସର୍ଗିପଡ଼ା ବାସିନ୍ଦା ହେଉଛନ୍ତି ରାଷ୍ଟ୍ରିୟ ଉପାଧ୍ୟକ୍ଷ ଶ୍ରୀ ବିହାରୀ। ଏଥିପାଇଁ କଲମପୁର ବିଜେପି ତଥା ଗ୍ରାମବାସୀ ପକ୍ଷରୁ ଶ୍ରୀ ବିହାରୀଙ୍କୁ ବିପୁଳ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।

# କୋମନାରେ ଜିଲ୍ଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି



**କୋମନା, ୧୮।୯ (ସମିସ):** କୋମନା ବ୍ଲକ ପରିସରରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ମଧୁସୂଦନ ଦାଶ ଏବଂ ଆରକ୍ଷୀ ଅଧୀକ୍ଷକ ଅମ୍ରିତପାଲ ସିଂହ ଯୋଗଦେଇ ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଶିବିରରେ ମୋଟ ୨୫ଟି ଅଭିଯୋଗ (୨୧ଟି ବ୍ୟକ୍ତିଗତ ଏବଂ ୪ଟି ଗୋଷ୍ଠୀଗତ) ଦାଖଲ ହୋଇଥିଲା। ଜିଲ୍ଲାପାଳ ଓ ଏସ୍‌ପି ଅଭିଯୋଗ ଶୁଣିବା ସହ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ସେଗୁଡ଼ିକର ଶୀଘ୍ର ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ରାଜକୁମାରୀ ବେହେରାଙ୍କୁ ରେଡକ୍ରସ ପାଣ୍ଠିରୁ ୧୦ହଜାର ଟଙ୍କାର ସହାୟତା ପ୍ରଦାନ କରାଯାଇଥିଲା। ଏହି ଅବସରରେ ସ୍ୱଚ୍ଛ ସାଥୀମାନଙ୍କୁ ପରିଚୟପତ୍ର ଓ ଶାଢ଼ି ବଣ୍ଟନ କରାଯାଇଥିଲା। ଅଭିଯୋଗ ଶିବିର ସହିତ ସମାନ୍ତରାଳ ଭାବେ ବ୍ଲକ ପରିସରରେ ବରିଷ୍ଠ ନାଗରିକଙ୍କ ପାଇଁ ଏକ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ଶିବିର ଏବଂ ଆୟୁଷ୍ମାନ ଆରୋଗ୍ୟ ଶିବିର ମଧ୍ୟ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ବନଖଣ୍ଡ ଅଧିକାରୀ ଅଜିଜ ଖାନ, ଉପଜିଲ୍ଲାପାଳ ସୁର୍ମି ସୋରେନ, ସିଡିଏମ୍‌ଓ ଡା. ଇଶାନୀ ମିତ୍ର, ବ୍ଲକ ଅଧ୍ୟକ୍ଷା ଅନୁସୂୟା କୁମ୍ଭାର, ଉପାଧ୍ୟକ୍ଷ ଜୟଦେବ ପ୍ରଧାନ ଏବଂ ଜିଲ୍ଲା ପରିଷଦ ସଦସ୍ୟ ମୁରଲୀଧର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ଉପଜିଲ୍ଲାପାଳ ଶେଖ ନସୀମ ଓ ତହସିଲଦାର ସୌରଭ କୁମାର ବିଶି ଶିବିର ପରିଚାଳନାରେ ସହଯୋଗ କରିଥିବାବେଳେ ସମସ୍ତ ଜିଲ୍ଲା ଓ ବ୍ଲକସ୍ତରୀୟ ଅଧିକାରୀ ଏବଂ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ଧର୍ମପ୍ରାଣା ମହିଳାଙ୍କ ପରଲୋକ

**କୋକସରା, ୧୮।୯ (ସମିସ):** କୋକସରା ବ୍ଲକ ସଦର ମହକୁମାର ସରୋଜିନୀ ପ୍ରଧାନୀ (୭୬)ଙ୍କ ଗୁରୁବାର ପରଲୋକ ଘଟିଛି। ମୃତ୍ୟୁଶଯ୍ୟା ନିକଟରେ ସ୍ୱାମୀ ବିଭୂତି ଭୂଷଣ ପ୍ରଧାନୀଙ୍କ ସହିତ



ତାଙ୍କ ୨ ପୁଅ, ବୋହୂ ଓ ଝିଅ, ଜ୍ୱାଇଁ, ନାତିନାତୁଣୀ ଉପସ୍ଥିତ ଥିଲେ। ଗାଁ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିବାବେଳେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ବଡ଼ ପୁଅ ଲକ୍ଷ୍ମୀ ନାରାୟଣ ପ୍ରଧାନୀ ଓ ସାନପୁଅ ରାମ ନାରାୟଣ ପ୍ରଧାନୀ ମୁଖାଗ୍ନି ଦେଇଥିଲେ।

# ଆଶୀର୍ବାଦର ଦୀପ ତଥା ସେବାସେତୁ ଅଭିଯାନ




**ସିନାପାଲି, ୧୮।୯ (ସମିସ):** ସିନାପାଲି ବ୍ଲକ ମିଶନଶକ୍ତି ଆନୁକୂଲ୍ୟରେ ଆଶୀର୍ବାଦର ଦୀପ ତଥା ସେବା ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ ସ୍ଥାନୀୟ ଶିବ ମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। ସିନାପାଲି ଆଇସିଡିଏସ୍ ସିଡିପିଓ ଉର୍ମିଳା ମହାପାତ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ପୂର୍ବତନ ବିଜେପି ଜିଲ୍ଲା ସଭାପତି ସୁବ୍ରତ ଠାକୁର, ଶିବ ମୁଣ୍ଡ ଯୋଗଦାନ କରିଥିବା ବେଳେ ମିଶନଶକ୍ତି ବିପିସି ରାଜେଶ ସାହୁ, ଓଏଲଏମ ଅଧିକାରୀ ମିଥୁନ କୁମାର ତାଣ୍ଡି, ଆଇସିଡିଏସ୍ ସୁପରଭାଇଜର ପ୍ରମୁଖ ଯୋଗଦାନ କରିଥିଲେ।

# କଂଗ୍ରେସର କାର୍ଯ୍ୟକାରିଣୀ ବୈଠକ ଓ ମିଶ୍ରଣ ପର୍ବ



**ଥୁଆମୂଳ ରାମପୁର, ୧୮।୯ (ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ କଂଗ୍ରେସ ପକ୍ଷରୁ କୋଷାବରା ଗ୍ରାମସ୍ଥିତ ହାଲୋ ପଏଣ୍ଟଠାରେ ଏକ କାର୍ଯ୍ୟକାରିଣୀ ବୈଠକ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି। ବ୍ଲକ କଂଗ୍ରେସ ସଭାପତି ଦେବେନ୍ଦ୍ର ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ସଭାରେ ନବନିଯୁକ୍ତ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସମ୍ପାଦକ ମୁରଲୀଧର ନାୟକ ଓ ସାଧାରଣ ସମ୍ପାଦିକା ଦ୍ରୌପଦୀ ମାଝୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଉପସଭାପତି ରାଧେକୃଷ୍ଣ ଧଙ୍ଗଡ଼ାମାଝୀ ଓ ବ୍ଲକ ସାଧାରଣ ସମ୍ପାଦକ କୁଞ୍ଜବିହାରୀ ନାଏକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବୈଠକରେ ଜୋନ-୧ ସଭାପତି ଉଗ୍ରସେନ ନାଏକ, ଜୋନ-୨ ସଭାପତି ତ୍ରିନାଥ ନାଏକ, ଆଇନଜୀବୀ ମନୋରଞ୍ଜନ ନାଏକ, ବ୍ଲକ ଯୁବ କଂଗ୍ରେସ ସଭାପତି ରୁକ୍ତା ମାଝୀ, ସାଧାରଣ ସମ୍ପାଦକ ଧର୍ମେନ୍ଦ୍ର ନାଏକ, ଏସ୍‌ସି ସେଲ୍‌ଫ ସଭାପତି ଅଗ୍ନି ନାଏକ, ଓବିସି ସେଲ୍‌ଫ ସଭାପତି ଅମିନ୍ଦ୍ର ନାୟକ, ସେବାଦଳ ସଭାପତି ହେମନ୍ତ ନାଏକ, ବ୍ଲକ ମହିଳା କଂଗ୍ରେସ ସଭାପତି ରାଜକୁମାରୀ ଧଙ୍ଗଡ଼ାମାଝୀ ଓ ଏସ୍‌ଟି ସେଲ୍‌ଫ ସଭାପତି ତଲସିଂ ମାଝୀଙ୍କ ସମେତ ବିଭିନ୍ନ ଗ୍ରାମପଞ୍ଚାୟତର ସଭାପତି ଓ ଦଳୀୟ କର୍ମକର୍ତ୍ତା ଯୋଗଦେଇଥିଲେ। ଏହି ଅବସରରେ ତଲଝାପି ଗ୍ରାମପଞ୍ଚାୟତ ଅଞ୍ଚଳର ବିଭିନ୍ନ ଗ୍ରାମରୁ ୨୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଅନ୍ୟଦଳ ଛାଡ଼ି କଂଗ୍ରେସରେ ଯୋଗଦେଇଥିବା ବ୍ଲକ କଂଗ୍ରେସ ପକ୍ଷରୁ କୁହାଯାଇଛି। ସେମାନେ ତଲଝାପି ଗ୍ରାମପଞ୍ଚାୟତ କଂଗ୍ରେସ ସଭାପତିଙ୍କ ନେତୃତ୍ୱରେ ଦଳରେ ସାମିଲ ହୋଇଥିବା ଜଣାପଡ଼ିଛି। ବୈଠକରେ ଆଗାମୀ ଗ୍ରାମପଞ୍ଚାୟତ ନିର୍ବାଚନକୁ ନେଇ ଦଳୀୟ ସଂଗଠନ ଓ ପ୍ରସ୍ତୁତି ସମ୍ପର୍କରେ ଆଲୋଚନା ହୋଇଥିଲା। ନବନିଯୁକ୍ତ ରାଜ୍ୟସ୍ତରୀୟ ପଦାଧିକାରୀଙ୍କୁ ନେଇ ମଧ୍ୟ କର୍ମକର୍ତ୍ତାମାନେ ଆଲୋଚନା କରିଥିଲେ। ଏହି ଅବସରରେ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କୁ ବ୍ଲକ କଂଗ୍ରେସ ପକ୍ଷରୁ ଧନ୍ୟବାଦ ଜଣାଯାଇଥିଲା।

# ଆର୍‌ଏସ୍‌ପିରେ 'ପ୍ରହରୀ ଏଆଇ' ନିୟୋଜିତ

**ରାଉରକେଲା, ୧୮।୯ (ସମିସ)**

କାର୍ଯ୍ୟସ୍ଥଳର ସୁରକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ଲକ୍ଷ୍ୟରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଓ ଡିଜିଟାଲ ପ୍ରଯୁକ୍ତିର ଉପଯୋଗ ଦିଗରେ ରାଉରକେଲା ଇସ୍ପାତ କାରଖାନାର ଡିଜିଟାଲାଇଜେସନ୍ ବିଭାଗ ପକ୍ଷରୁ ଇନ୍-ହାଉସ୍ ଭାବେ ବିକଶିତ ଓ ନିୟୋଜିତ ହୋଇଛି 'ପ୍ରହରୀ ଏଆଇ' (ଇଣ୍ଟ୍ରୁସନ ଡିଟେକ୍ସନ ୱିଥ ଡିଜିଟାଲ ଫେନସିଂ', ଏକ ଏଆଇ ଆଧାରିତ ଭିଡିଓ ଆନାଲିଟିକ୍ସ ସମାଧାନ।



ଡିଜିଟାଲାଇଜେସନ୍ ବିଭାଗ ଦ୍ୱାରା ଏହି ସମାଧାନର ପରିକଳ୍ପନା, ବିକାଶ ଓ କାର୍ଯ୍ୟାନ୍ୱୟନ କରାଯାଇଛି। ଏହା ଏନପିଏମ୍ ଏବଂ ଡିଜିଟାଲାଇଜେସନ ବିଭାଗର ସିଜିଏମ ଆର୍. କେ. ମୁଦୁଲି ଏବଂ ସିଆଣ୍ଡଆଇଟି ବିଭାଗର ଭାରପ୍ରାପ୍ତ ମହାପ୍ରବନ୍ଧକ ସୁମିତା ଭଟ୍ଟାଚାର୍ଯ୍ୟଙ୍କ ମାର୍ଗଦର୍ଶନରେ ବିକଶିତ ହୋଇଛି।

'ପ୍ରହରୀ ଏଆଇ' ଏଆଇ ସକ୍ଷମ ଭିଡିଓ ଆନାଲିଟିକ୍ସ ପ୍ରଯୁକ୍ତିର ଉପଯୋଗ କରି ନିର୍ଦ୍ଧାରିତ ସୁରକ୍ଷିତ କିମ୍ବା ପ୍ରତିବନ୍ଧିତ ଅଞ୍ଚଳଗୁଡ଼ିକରେ ନିରନ୍ତର ନଜର ରଖିଥାଏ। ସ୍ଥାନୀୟ ପରିସ୍ଥିତି ଓ ଆବଶ୍ୟକତା ଅନୁଯାୟୀ ବର୍ତ୍ତମାନର ସିସିଟିଭି କ୍ୟାମେରା କିମ୍ବା ନୂତନ ଭାବେ ସ୍ଥାପିତ କ୍ୟାମେରା ମାଧ୍ୟମରେ ଏହି ବ୍ୟବସ୍ଥା କାର୍ଯ୍ୟ କରେ। ଚିହ୍ନଟ କରାଯାଇଥିବା ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳଗୁଡ଼ିକ ଚାରିପାଖରେ 'ଡିଜିଟାଲ ଫେନ୍ସିଂ' ସୃଷ୍ଟି କରାଯାଇଛି। ଏହି ଡିଜିଟାଲ ସୀମା ମଧ୍ୟରେ ଅନଧିକୃତ ପ୍ରବେଶ ହେଲେ ବ୍ୟବସ୍ଥାଟି ତାହାକୁ ବାସ୍ତବ ସମୟରେ ସ୍ୱୟଂଚାଳିତ ଭାବେ ଚିହ୍ନଟ କରିଥାଏ, ଫଳରେ ତୁରନ୍ତ ସୁରକ୍ଷାମୂଳକ ପଦକ୍ଷେପ ନିଆଯାଇପାରେ।

ବର୍ତ୍ତମାନ 'ପ୍ରହରୀ ଏଆଇ'କୁ ନ୍ୟୁ ପ୍ଲେଟ୍ ମିଲ୍ ର ଦୁଇଟି ସ୍ଥାନ ଯଥା ଡିଭାଇଡିଂ ସିଅର୍ ଏରିଆ ଓଡି ଏସଟିଏସ ଏରିଆ ଏବଂ ବ୍ଲାଷ୍ଟ ଫର୍ନେସ୍-୫ର ୟୁ-ସିଲ ଏରିଆରେ ସଫଳତାର ସହିତ ନିୟୋଜିତ କରାଯାଇଛି। ଏହାର ଅଂଶ ଭାବେ ସାଇଟ୍‌ରେ ଏକ ଅଡିଓ ବଜର୍ ମଧ୍ୟ ସ୍ଥାପନ କରାଯାଇଛି। ଡିଜିଟାଲ ଭାବେ ଚିହ୍ନିତ ଅଞ୍ଚଳ ମଧ୍ୟରେ କୌଣସି ଅନୁପ୍ରବେଶ ହେଲେ ଏହି ବଜର୍ ତୁରନ୍ତ ସତର୍କ କରାଇବ।

ସକାଳ
THE SAKALA

ସମ୍ପାଦକୀୟ



ଏ ଜଗତରେ ସବୁଠାରୁ ଶକ୍ତିଶାଳୀ ଦୁଇ ଯୋଦ୍ଧା ହେଉଛନ୍ତି - ଧୈର୍ଯ୍ୟ ଓ ସମୟ।
-ଲିଓ ଟଲଷ୍ଟୟ

# ୧୦୦% ଟାରିଫ୍ ଧମକ: ଭାରତ ପାଇଁ ଆମେରିକାର ନୂଆ ଚାପ

ଆନ୍ତର୍ଜାତିକ କୂଟନୀତିରେ ବାଣିଜ୍ୟ ଏବେ କେବଳ ଅର୍ଥନୀତିର ବିଷୟ ହୋଇ ରହିନାହିଁ; ଏହା ଭୂ-ରାଜନୈତିକ ଚାପର ଏକ ପ୍ରମୁଖ ଅସ୍ତ୍ରରେ ପରିଣତ ହୋଇଛି। ରୁଷିଆରୁ ତେଲ ଓ ଗ୍ୟାସ୍ କିଣୁଥିବା ଦେଶଗୁଡ଼ିକ ଉପରେ ୧୦୦ ପ୍ରତିଶତ ପର୍ଯ୍ୟନ୍ତ ଶୁଳ୍କ ଲଗାଇବା ପାଇଁ ଆମେରିକୀୟ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ କ୍ଷମତା ଦେବା ଉଦ୍ଦେଶ୍ୟରେ ଆମେରିକୀୟ କଂଗ୍ରେସରେ ବିଲ୍ ପାସ୍ ହେବା ଏହି ନୂଆ ପରିସ୍ଥିତିକୁ ସାମ୍ନାକୁ ଆଣିଛି। ବିଲ୍‌ଟି ଏବେ ଟ୍ରମ୍ପଙ୍କ ଅନୁମୋଦନ ଅପେକ୍ଷାରେ ରହିଛି।

ଏହି ପ୍ରସ୍ତାବର ମୂଳ ଲକ୍ଷ୍ୟ ରୁଷିଆର ତୈଳ ଓ ଗ୍ୟାସ୍ ବିକ୍ରିରୁ ଆସୁଥିବା ରାଜସ୍ୱକୁ ଚାପରେ ରଖିବା। ବର୍ତ୍ତମାନର ଆମଦାନି ପରିମାଣ ଆଧାରରେ ରୁଷିଆର ତୈଳ ଓ ଗ୍ୟାସ୍‌ର ବଡ଼ କ୍ରେତା ଭାବେ ଭାରତ, ଚୀନ, ଆଜରବାଇଜାନ, ହଙ୍ଗେରୀ ଓ ସ୍ଲୋଭାକିଆର ନାମ ଆସୁଛି। ଅର୍ଥାତ୍ ଭାରତ ଏକାକୀ ନୁହେଁ, ଅନ୍ୟ ଦେଶମାନେ ମଧ୍ୟ ଏହି ଆମେରିକୀୟ ଚାପର ପରିଧିରେ ରହିଛନ୍ତି।

ତେବେ ଏଠାରେ ସବୁଠାରୁ ବଡ଼ ପ୍ରଶ୍ନ ହେଉଛି—ଭାରତ ପାଇଁ ଏହାର ଅର୍ଥ କ'ଣ? ପ୍ରଥମତଃ, ୧୦୦ ପ୍ରତିଶତ ଶୁଳ୍କ ଏକ ସମ୍ଭାବ୍ୟ ସର୍ବୋଚ୍ଚ ସୀମା; ଏହା ସ୍ୱୟଂଚାଳିତ ଭାବରେ ଭାରତୀୟ ସାମଗ୍ରୀ ଉପରେ ଲାଗୁ ହୋଇଯାଉନାହିଁ। ବିଲ୍ ଆଇନରେ ପରିଣତ ହେବା ପରେ ରାଷ୍ଟ୍ରପତିଙ୍କ ପାଖରେ ଏହି ଶୁଳ୍କ ଲଗାଇବା କିମ୍ବା ଛାଡ଼ ଦେବାର ବିବେଚନାଧୀନ କ୍ଷମତା ରହିବ।

ଦ୍ୱିତୀୟତଃ, ଏହା କେବଳ ଭାରତ-ଆମେରିକା ବାଣିଜ୍ୟର ପ୍ରଶ୍ନ ନୁହେଁ; ଏହା ଭାରତର ଶକ୍ତି-ନିରାପତ୍ତା ସହ ମଧ୍ୟ ଜଡ଼ିତ। ଭାରତ ବିଶ୍ୱର ତୃତୀୟ ବୃହତ୍ତମ ତୈଳ ଆମଦାନିକାରୀ ଦେଶ। ରୁଷିଆରୁ ମିଳୁଥିବା ତୈଳ ଭାରତୀୟ ରିଫାଇନାରୀଗୁଡ଼ିକୁ ଏକ ବିକଳ୍ପ ଯୋଗାଣ ଉତ୍ସ ଦେଇଛି। ଏହି ଯୋଗାଣରେ ବଡ଼ ପରିବର୍ତ୍ତନ ଆସିଲେ ଆନ୍ତର୍ଜାତିକ ତୈଳ ବଜାର, ଦେଶୀୟ ଇନ୍ଧନ ମୂଲ୍ୟ ଏବଂ ଶିଳ୍ପ ଉପରେ ପ୍ରଭାବ ପଡ଼ିବାର ସମ୍ଭାବନା ରହିଛି। ଭାରତ ସରକାର ମଧ୍ୟ କହିଛନ୍ତି ଯେ ଦେଶର ଶକ୍ତି ନିରାପତ୍ତା ଓ ଜାତୀୟ ସ୍ୱାର୍ଥ ଅନୁଯାୟୀ ତୈଳ ଯୋଗାଣର ବିବିଧୀକରଣ ଜାରି ରହିବ।



ତୃତୀୟତଃ, ଏହି ବିବାଦ ଭାରତ-ଆମେରିକା ବାଣିଜ୍ୟ ଆଲୋଚନାକୁ ମଧ୍ୟ ପ୍ରଭାବିତ କରିପାରେ। ଆମେରିକା ଭାରତର ଏକ ପ୍ରମୁଖ ରପ୍ତାନି ବଜାର। ତେଣୁ ଅତ୍ୟଧିକ ଟାରିଫ୍ ଲାଗୁ ହେଲେ ଭାରତୀୟ ରପ୍ତାନିକାରୀ, ବିଶେଷକରି ଆମେରିକୀୟ ବଜାର ଉପରେ ନିର୍ଭରଶୀଳ କ୍ଷେତ୍ରଗୁଡ଼ିକ, ଚାପରେ ପଡ଼ିପାରନ୍ତି। ଅନ୍ୟପଟେ ଆମେରିକାର ଆମଦାନିକାରୀଙ୍କ ପାଇଁ ମଧ୍ୟ ଭାରତୀୟ ସାମଗ୍ରୀ ମହଙ୍ଗା ହେବାର ଆଶଙ୍କା ରହିବ।

ଏଠାରେ ଭାରତ ପାଇଁ ଚ୍ୟାଲେଞ୍ଜ ହେଉଛି—ଆମେରିକା ସହିତ ସମ୍ପର୍କକୁ ସୁଦୃଢ଼ ରଖିବା ସହ ନିଜର ଶକ୍ତି ଆବଶ୍ୟକତା ଓ ରଣନୈତିକ ସ୍ୱାଧୀନତାକୁ କିପରି ସୁରକ୍ଷିତ ରଖାଯିବ। ନୂଆଦିଲ୍ଲୀ ଇତିମଧ୍ୟରେ ଏହି ପ୍ରସଙ୍ଗରେ ୱାଶିଂଟନ୍ ସହ ଆଲୋଚନା କରିଥିବା ଏବଂ ନିଜର ବାଣିଜ୍ୟିକ ଓ ଅର୍ଥନୈତିକ ସ୍ୱାର୍ଥର ସୁରକ୍ଷା ପାଇଁ ଆବଶ୍ୟକ ପଦକ୍ଷେପ ନେବ ବୋଲି ସ୍ପଷ୍ଟ କରିଛି।

ବାସ୍ତବରେ, ଟାରିଫ୍ ଯୁଦ୍ଧରେ କେବଳ ଗୋଟିଏ ପକ୍ଷର ହିତ ସୁରକ୍ଷିତ ରହେ ନାହିଁ। ଆମେରିକା ଯଦି ଭାରତୀୟ ସାମଗ୍ରୀ ଉପରେ ଭାରୀ ଶୁଳ୍କ ଲଗାଏ, ତେବେ ଭାରତୀୟ ରପ୍ତାନିକାରୀଙ୍କ ସହ ଆମେରିକୀୟ ଆମଦାନିକାରୀ ଓ ଗ୍ରାହକମାନେ ମଧ୍ୟ ଏହାର ପରୋକ୍ଷ ପ୍ରଭାବ ଅନୁଭବ କରିପାରନ୍ତି। ସେହିପରି ରୁଷିଆରୁ ତୈଳ କ୍ରୟକୁ କେନ୍ଦ୍ର କରି ନିଆଯାଉଥିବା ପଦକ୍ଷେପ ବିଶ୍ୱ ତୈଳ ଯୋଗାଣ ଓ ମୂଲ୍ୟକୁ ମଧ୍ୟ ପ୍ରଭାବିତ କରିପାରେ।

ଏହି ପରିସ୍ଥିତିରେ ଭାରତ ପାଇଁ ତତ୍କାଳିକ ଆବଶ୍ୟକତା ହେଉଛି ଭାବପ୍ରବଣ ପ୍ରତିକ୍ରିୟା ନୁହେଁ, ବରଂ ଦୃଢ଼ କୂଟନୀତି ଓ ବାଣିଜ୍ୟିକ ଆଲୋଚନା। ଏକପଟେ ଆମେରିକା ସହିତ ସମ୍ବାଦର ଦ୍ୱାର ଖୋଲା ରଖିବା, ଅନ୍ୟପଟେ ରୁଷିଆ ସମେତ ବିଭିନ୍ନ ଉତ୍ସରୁ ଶକ୍ତି ଯୋଗାଣକୁ ସନ୍ତୁଳିତ ରଖିବା—ଏହି ଦୁଇଟି ଦିଗ ଭାରତୀୟ ନୀତିର ପ୍ରମୁଖ ପରୀକ୍ଷା ହେବ।

ଶେଷ ପର୍ଯ୍ୟନ୍ତ ପ୍ରଶ୍ନଟି କେବଳ '୧୦୦ ପ୍ରତିଶତ ଟାରିଫ୍ ଲାଗିବ କି ନାହିଁ' ନୁହେଁ। ପ୍ରଶ୍ନ ହେଉଛି—ବିଶ୍ୱ ଅର୍ଥନୀତି ଯେତେବେଳେ ଭୂ-ରାଜନୈତିକ ଚାପର ମଧ୍ୟରେ ଗତି କରୁଛି, ସେତେବେଳେ ଭାରତ କିପରି ନିଜର ଶକ୍ତି ସୁରକ୍ଷା, ରପ୍ତାନି ସ୍ୱାର୍ଥ ଓ ରଣନୈତିକ ସ୍ୱାଧୀନତାକୁ ଏକାସାଙ୍ଗରେ ସୁରକ୍ଷିତ ରଖିବ। ଆଗାମୀ ଦିନରେ ଏହାର ଉତ୍ତର କୂଟନୀତିର ଟେବୁଲ୍‌ରେ ହିଁ ଖୋଜିବାକୁ ପଡ଼ିବ।

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ

# ଋଣ ଫାଶରେ ମଧ୍ୟବିତ୍ତ ବର୍ଗ

**ସନ୍ତୋଷ କୁମାର ମିଶ୍ର**

ଭାରତରେ ମଧ୍ୟବିତ୍ତ ବର୍ଗ ମୁଖ୍ୟତଃ ବଜାରରେ ଚାହିଦା ସୃଷ୍ଟି କରନ୍ତି। ବଜାରରେ ଦ୍ରବ୍ୟ ଓ ସେବାର ଉପଯୁକ୍ତ ଚାହିଦା ସୃଷ୍ଟି ହେଲେ ସରକାର ସଠିକ ପରିମାଣରେ ରାଜସ୍ୱ ଟିକସ ଆକାରରେ ଲାଭ କରନ୍ତି ଓ ନିଯୁକ୍ତି ସୃଷ୍ଟି ହୁଏ। ଦେଶର ଆର୍ଥିକ ଅଭିବୃଦ୍ଧି ହାର ବୃଦ୍ଧି ପାଏ, ଜନ ହିତରେ ସରକାରୀ ପୁଞ୍ଜି ବିନିଯୋଗ ବୃଦ୍ଧି ହୁଏ। ପ୍ରାୟ ଏକ ଦଶକ ପୂର୍ବେ ମଧ୍ୟବିତ୍ତ ବର୍ଗ ନିଜର ସଞ୍ଚୟ ଅର୍ଥରୁ ଦ୍ରବ୍ୟ କ୍ରୟ କରୁଥିଲେ। କିନ୍ତୁ ଭାରତରେ ଧୀରେ ଧୀରେ ଋଣ ସହଜରେ ଉପଲବ୍ଧ ହେବାକୁ ଲାଗିଲା। ରାଷ୍ଟ୍ରାୟତ ଓ ଘରୋଇ ବ୍ୟାଙ୍କ ସହିତ ଅଣ ବ୍ୟାଙ୍କିଙ୍ଗ ବିତ୍ତୀୟ ସଂସ୍ଥାମାନେ ମଧ୍ୟ ଋଣ ସହଜରେ ପ୍ରଦାନ କରିଲେ। ଏହା ସହିତ ସ୍ୱର୍ଣ୍ଣ ଋଣ ଓ ବିଭିନ୍ନ ପ୍ରକାରର ମୋବାଇଲ ଆପ ମାଧ୍ୟମରେ ଅତି କମ ସମୟ ମଧ୍ୟରେ ଲୋକମାନେ ଘରେ ରହି ଋଣ ପ୍ରାପ୍ତ କରି ପାରୁଛନ୍ତି। ଏହା ଦ୍ୱାରା ଭାରତରେ ଅତି କ୍ଷୁଦ୍ର ଘରୋଇ ଋଣର ଚାହିଦା ବୃଦ୍ଧି ପାଇବାରେ ଲାଗିଛି।

ଗତ ଜୁନ ୩୦ ତାରିଖରେ ରିଜର୍ଭ ବ୍ୟାଙ୍କ ପକ୍ଷରୁ ପ୍ରକାଶିତ କରାଯାଇଥିବା ଫାଇନାନ୍ସିଆଲ୍ ଷ୍ଟାବିଲିଟି ରିପୋର୍ଟ ଅନୁସାରେ ଭାରତରେ ଘରୋଇ ଋଣର ଅଭିବୃଦ୍ଧି ପରିଲକ୍ଷିତ ହୋଇଛି। ୨୦୨୧ ମାର୍ଚ୍ଚ ସୁଦ୍ଧା ଭାରତର ମୋଟ ଘରୋଇ ଉତ୍ପାଦ(ଜିଡିପି)ରେ ମୋଟ ଘରୋଇ ଋଣର ଅଂଶ ୩୯.୨ ଶତାଂଶ ଥିବା ବେଳେ ୨୦୨୩ ଜୁନ ମାସରେ ଏହା ବୃଦ୍ଧି ପାଇ ୪୨ ପ୍ରତିଶତ ହୋଇଥିଲା ବେଳେ ୨୦୨୫ ସେପ୍ଟେମ୍ବର ମାସରେ ଏହା ୪୫.୫ ଶତାଂଶ ହୋଇଛି। ଋଣର ପରିମାଣ ବୃଦ୍ଧି ପାଉଛି, ଏହା ଏକ ଭଲ ସଙ୍କେତ କିନ୍ତୁ ଏହି ଋଣରେ ଗୃହ ଋଣ ଅପେକ୍ଷା ଅଣ ଗୃହ ଋଣ ବା ଚାହିଦା ସୃଷ୍ଟି କରାଇବା ଋଣ ଯଥା ଦାମିକା ମୋବାଇଲ୍ ଓ ଇଲେକ୍‌ଟ୍ରୋନିକ୍ସ ଉପକରଣ ଓ ଆସବାବ କ୍ରୟ, ବିଦେଶ ଯାତ୍ରା ଇତ୍ୟାଦି ବୃଦ୍ଧି ପାଇଛି। ୨୦୧୯-୨୦ ଆର୍ଥିକ ବର୍ଷରେ ଘରୋଇ ଋଣରେ ଅଣ ଗୃହ ଋଣର ଅଂଶ ୫୦ ଶତାଂଶ ଥିଲା। ମାର୍ଚ୍ଚ ୨୦୨୫ ରେ ଏହା ବୃଦ୍ଧି ପାଇ ୫୪.୯ ପ୍ରତିଶତ ଥିବା ବେଳେ ୨୦୨୬ ମାର୍ଚ୍ଚ ସୁଦ୍ଧା ଏହା ୫୮.୪ ପ୍ରତିଶତରେ ପହଞ୍ଚିଛି। ସିଆରଆଇଏଫ୍ ହାଇ ମାର୍କ ନାମକ ଏକ ଅଣ ବ୍ୟାଙ୍କିଙ୍ଗ ଆର୍ଥିକ ସଂସ୍ଥା ପକ୍ଷରୁ କରାଯାଇଥିବା ସର୍ବେକ୍ଷଣ ଅନୁସାରେ ୨୦୨୬ ମାର୍ଚ୍ଚ ସୁଦ୍ଧା ଭାରତରେ ମୋଟ ଖୁଚୁରା ଋଣର ଆକାର ପ୍ରାୟ ୧୭୦.୨ ଲକ୍ଷ କୋଟି ଟଙ୍କା ଥିଲା। ପୂର୍ବ ଆର୍ଥିକ ବର୍ଷ ତୁଳନାରେ ଅଭିବୃଦ୍ଧି ହାର ୧୬.୬ ପ୍ରତିଶତ ରହିଛି। ଚାହିଦା ସୃଷ୍ଟି କରାଇବା ଋଣର ଆକାର ୧୧୮ ଲକ୍ଷ କୋଟି ଟଙ୍କାରୁ ଅଧିକ ରହିଛି। ଏହାର ଅଭିବୃଦ୍ଧି ହାର ୧୫.୩ ଶତାଂଶ ରହିଛି। ସେହିପରି ବ୍ୟକ୍ତିଗତ ଋଣରେ ମଧ୍ୟ ବ୍ୟାପକ ଅଭିବୃଦ୍ଧି ପରିଲକ୍ଷିତ ହୋଇଛି। ୨୦୧୯ ମାର୍ଚ୍ଚ ସୁଦ୍ଧା ମୋଟ ବ୍ୟକ୍ତିଗତ ଋଣର ଆକାର ୫.୫୩ ଲକ୍ଷ କୋଟି ଟଙ୍କା ଥିଲା। ୨୦୨୬ ମାର୍ଚ୍ଚ ସୁଦ୍ଧା ଏହାର ଆକାର ସାଢ଼େ ସତର ଲକ୍ଷ କୋଟି ଟଙ୍କାରୁ ଅଧିକ। ପ୍ରତିବର୍ଷ ହାରାହାରି ଅଭିବୃଦ୍ଧି ହାର ୧୭ ଶତାଂଶରୁ ଅଧିକ। ଅଣ ବ୍ୟାଙ୍କିଙ୍ଗ ଆର୍ଥିକ ସଂସ୍ଥା ପକ୍ଷରୁ ପ୍ରଦାନ କରାଯାଉଥିବା ଖୁଚୁରା ଋଣର ଆକାର ୨୦୨୫ ସେପ୍ଟେମ୍ବର ମାସ ସୁଦ୍ଧା ୫.୪୫ ଲକ୍ଷ କୋଟି ଟଙ୍କା ରହିଛି। ୨୦୧୯ ମାର୍ଚ୍ଚ ମାସ ସୁଦ୍ଧା ଏହାର ଆକାର ୨.୧୩ ଲକ୍ଷ କୋଟି ଟଙ୍କା ଥିଲା। ହାରାହାରି ପ୍ରତି ବର୍ଷ ଖୁଚୁରା ଋଣର ଅଭିବୃଦ୍ଧି ହାର ସାଢ଼େ ପନ୍ଦର ଶତାଂଶରୁ ଅଧିକ ରହୁଛି।

ଭାରତରେ ଖୁଚୁରା ଋଣର ଅଭିବୃଦ୍ଧି ପଛରେ ରହିଛି ସୂଚନା ପ୍ରଯୁକ୍ତି ବିଜ୍ଞାନର ଭୂମିକା। କରୋନା ମହାମାରୀ ପରେ ଯେତେବେଳେ ଅର୍ଥନୀତି ଧୀରେ ଧୀରେ ସଚଳ ହେବାକୁ ଆରମ୍ଭ କରିଲା ସେତେବେଳେ ଅନେକ ଗୁଡ଼ିଏ ଅଣ ବ୍ୟାଙ୍କିଙ୍ଗ ଆର୍ଥିକ ସଂସ୍ଥା ଡିଜିଟାଲ ବ୍ୟବସ୍ଥା (ଫିନ୍ ଟେକ୍) ମାଧ୍ୟମରେ ଅତି ସହଜରେ ଲୋକ ମାନଙ୍କୁ ଋଣ ଉପଲବ୍ଧ କରାଇବାରେ ସକ୍ଷମ ହେଲେ। କରୋନା ମହାମାରୀ ପୃଷ୍ଠଭୂମିରେ ଲୋକ ମାନଙ୍କ ଆୟ ଓ ସଞ୍ଚୟ ଉଭୟ ଟଳମଳ ହେଉଥିବା ବେଳେ ସହଜ ଋଣ ଏକ ଅଭ୍ୟାସରେ ପରିଣତ ହୋଇଗଲା। ବର୍ତ୍ତମାନ ଭାରତରେ ଫିନ୍ ଟେକ୍‌ର ଆକାର ସାଢ଼େ ଷୋହଳ ହଜାର କୋଟି ଟଙ୍କାରୁ ଅଧିକ। ୨୦୨୨ ଏପ୍ରିଲ ମାସରୁ ୨୦୨୬ ମାର୍ଚ୍ଚ ମାସ ମଧ୍ୟରେ ଫିନ୍ ଟେକ୍ ଅର୍ଥନୀତି ମାଧ୍ୟମରେ ମୋଟ ୨.୧୫ ଲକ୍ଷ କୋଟି ଟଙ୍କା ଋଣ ପ୍ରଦାନ କରାଯାଇଛି। ମୋଟ ୧୩.୨ କୋଟି ଟି ଋଣ ମଞ୍ଜୁର ହୋଇଥିଲା। ହାରାହାରି ମୁଣ୍ଡ ପିଛା ଋଣ ପରିମାଣ ମାତ୍ର ୧୬,୨୩୮ ଟଙ୍କା। ଏହି ସବୁ ଋଣ ଲୋକ ମାନଙ୍କ ଦୈନିକ ଖର୍ଚ୍ଚ ପୂରଣ କରିବା ପାଇଁ ସହାୟତା କରୁଛି। ଫିନ୍ ଟେକ୍ ମାଧ୍ୟମରେ ଋଣ କରୁଥିବା ଗ୍ରାହକ ମାନଙ୍କ ମଧ୍ୟରୁ ୬୫ ଶତାଂଶ ଗ୍ରାହକ ମାନଙ୍କ ବୟସ ୩୫ ବର୍ଷରୁ କମ ରହିଛି। ଫିନ ଟେକ୍ ଅର୍ଥନୀତିର ବାର୍ଷିକ ଅଭିବୃଦ୍ଧି ହାର ହାରାହାରି ୪୧ ଶତାଂଶରୁ ଅଧିକ। ଏହି ବ୍ୟବସ୍ଥା ମଧ୍ୟରେ ଏକ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ପ୍ରଦାନର ଅଂଶ ପ୍ରାୟ ୫୭ ପ୍ରତିଶତ। ଫିନ୍ ଟେକ୍ ଅର୍ଥନୀତିରୁ ଋଣ ଆଣିବା ଓ ବ୍ୟୟ କରିବା ସମସ୍ତ ପ୍ରକ୍ରିୟା ଡିଜିଟାଲ ହେଉ ଥିବାରୁ ଖର୍ଚ୍ଚକୁ ନିୟନ୍ତ୍ରଣ କରିବା ସମ୍ଭବ ହେଉନାହିଁ ବୋଲି ଅନେକ ମନୋବିଜ୍ଞାନ ଗବେଷଣାରୁ ଜଣା ପଡ଼ିଛି। ଫିନ୍ ଟେକ୍ ଅର୍ଥନୀତିରେ ଅତି କ୍ଷୁଦ୍ର ଋଣ ଯେପରି ବୃଦ୍ଧି ପାଇବାରେ ଲାଗିଛି ଋଣ ପରିଶୋଧରେ ମଧ୍ୟ ଅନିୟମିତତା ଅଭିଯୋଗ ବୃଦ୍ଧି ପାଇଛି। ୨୦୨୪ ମାର୍ଚ୍ଚ ମାସ ସୁଦ୍ଧା ଏକ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ପରିଶୋଧରେ ବିଫଳତା ୪.୫ ଶତାଂଶ ଥିବା ବେଳେ ୨୦୨୬ ମାର୍ଚ୍ଚ ମାସ ଶେଷ ସୁଦ୍ଧା ଏହା ୬.୪ ପ୍ରତିଶତରେ ପହଞ୍ଚିଛି। ଅତି କ୍ଷୁଦ୍ର ଋଣ ପରିଶୋଧରେ ଅବହେଳା ଭାରତର ଅର୍ଥନୀତି ପାଇଁ କୌଣସି ପ୍ରକାରର ସମସ୍ୟା ସୃଷ୍ଟି କରିବା ପାଇଁ ସକ୍ଷମ ନୁହେଁ କିନ୍ତୁ ଏହା ମାଧ୍ୟମରେ ମଧ୍ୟବିତ୍ତ ପରିବାରର ଆର୍ଥିକ ଅନଟନକୁ ଅତି ସହଜରେ ଆକଳନ କରାଯାଇ ପାରେ।




ଭାରତୀୟ ପରିବାର ନିଜର ସଞ୍ଚୟ ଅର୍ଥରୁ ସ୍ୱର୍ଣ୍ଣ କ୍ରୟ କରି ଭବିଷ୍ୟତ ପାଇଁ ରଖନ୍ତି। ବିଶ୍ୱ ସ୍ୱର୍ଣ୍ଣ ପରିଷଦ ପକ୍ଷରୁ ପ୍ରଦାନ କରାଯାଇଥିବା ତଥ୍ୟ ଅନୁସାରେ ଭାରତରେ ଗୋଟିଏ ଆର୍ଥିକ ବର୍ଷରେ ୭୦୦ ରୁ ୮୦୦ ମେଟ୍ରିକ ଟନ ସ୍ୱର୍ଣ୍ଣ ବିକ୍ରି ହୁଏ। ଭାରତ ସରକାର ବଜାର ଚାହିଦାର ପ୍ରାୟ ୯୦ ଶତାଂଶ ସ୍ୱର୍ଣ୍ଣ ଆମଦାନୀ କରନ୍ତି। ବୈଦେଶିକ ମୁଦ୍ରା ପାଣ୍ଠି ଉପରେ ଚାପ କମାଇବା ପାଇଁ ସରକାର ଏକ ଦଶନ୍ଧି ଧରି ଗୋଲ୍ଡ ବଣ୍ଡ ଯୋଜନା ଚଳାଇଥିଲେ ମଧ୍ୟ ଏହାର ସୁଫଳ ମିଳିଲା ନାହିଁ। ଭାରତୀୟ ମାନେ ସ୍ୱର୍ଣ୍ଣକୁ କେବଳ ଧାତୁ ଭାବରେ କିଣିବା ପାଇଁ ପସନ୍ଦ କରନ୍ତି। ଭାରତୀୟ ପରିବାର ରେ ପ୍ରାୟ ପଚିଶ ହଜାର ଟନ ସ୍ୱର୍ଣ୍ଣ ଗଚ୍ଛିତ ରହିଛି ବୋଲି ଆକଳନ କରାଯାଇଛି। ଭାରତରେ ଯେଉଁ ସମ୍ପତ୍ତିକୁ କଦାପି ବନ୍ଧକ ରଖିବା ପାଇଁ ଚିନ୍ତା କରାଯାଏ ନାହିଁ ତାହା ବର୍ତ୍ତମାନ ମଧ୍ୟବିତ୍ତ ବର୍ଗ ପାଇଁ ଅତି ସହଜରେ ବଡ଼ ଋଣ ପ୍ରାପ୍ତ କରିବାର ଅନ୍ୟ ଏକ ମୁଖ୍ୟ ମାଧ୍ୟମ। ୨୦୧୯ ମାର୍ଚ୍ଚ ସୁଦ୍ଧା ବ୍ୟାଙ୍କମାନେ ସ୍ୱର୍ଣ୍ଣ ବନ୍ଧକ ରଖି ୨୪୬୭୧ କୋଟି ଟଙ୍କା ଋଣ ପ୍ରଦାନ କରିଥିଲେ। ୨୦୨୬ ମାର୍ଚ୍ଚ ସୁଦ୍ଧା ଏହା ବୃଦ୍ଧି ପାଇ ୪.୬୨ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ୨୦୨୦ ମାର୍ଚ୍ଚ ସୁଦ୍ଧା ଅଣ ବ୍ୟାଙ୍କିଙ୍ଗ ଆର୍ଥିକ ସଂସ୍ଥା ପକ୍ଷରୁ ସ୍ୱର୍ଣ୍ଣ ବନ୍ଧକ ଋଣର ପରିମାଣ ୭୫୪୫୧ କୋଟି ଟଙ୍କା ଥିଲା କିନ୍ତୁ ୨୦୨୫ ସେପ୍ଟେମ୍ବର ବେଳକୁ ଏହା ବୃଦ୍ଧି ପାଇ ୨.୬୨ ଲକ୍ଷ କୋଟି ଟଙ୍କା ହୋଇଛି। ରିଜର୍ଭ ବ୍ୟାଙ୍କଙ୍କ ବିଶ୍ଳେଷଣ ଅନୁସାରେ ସ୍ୱର୍ଣ୍ଣ ବନ୍ଧକ ଋଣର ଚାହିଦା ବର୍ତ୍ତମାନ ଋଣ ଧାରକ ମାନଙ୍କ ଦ୍ୱାରା ସୃଷ୍ଟି ହୋଇଛି। ଅର୍ଥାତ ସ୍ୱର୍ଣ୍ଣ ଋଣ ଅର୍ଥରେ ଅନ୍ୟ ଛୋଟ ଛୋଟ ଋଣ ପରିଶୋଧ କରାଯାଉଛି।

ମଧ୍ୟବିତ୍ତ ଶ୍ରେଣୀ ଋଣରେ ବୁଡ଼ି ଯାଉଥିବା ବେଳେ ସଞ୍ଚୟ ମଧ୍ୟ ହ୍ରାସ ପାଇଛି। କରୋନା ମହାମାରୀ ପୂର୍ବରୁ ଭାରତୀୟ ପରିବାର ଯେତିକି ସଞ୍ଚୟ କରୁଥିଲା ବର୍ତ୍ତମାନ ଅର୍ଥନୀତି ଭଲ ସ୍ଥିତିରେ ଥିଲେ ମଧ୍ୟ ସଞ୍ଚୟ ସେହି ସ୍ତରକୁ ଯାଇ ପାରୁ ନାହିଁ। ୨୦୧୯-୨୦ ଆର୍ଥିକ ବର୍ଷରେ ଘରୋଇ ସଞ୍ଚୟ ଜିଡ଼ିପିର ୮ ଶତାଂଶ ଥିଲା ଓ ମହାମାରୀ ସମୟରେ ଏହା ୪.୯ ପ୍ରତିଶତକୁ ଖସି ଆସିଥିଲା। ୨୦୨୪-୨୫ ଆର୍ଥିକ ବର୍ଷରେ ଏହା ବୃଦ୍ଧି ପାଇ ୬ ଶତାଂଶରେ ରହିଛି। ଏହା ସହ ଲୋକ ମାନଙ୍କ ପାଖରେ ଭଲ ଋଣ କରିବାର ମଧ୍ୟ ଆଗ୍ରହ ଓ ସୁଯୋଗ ନାହିଁ। ୨୦୨୬ ମାର୍ଚ୍ଚ ସୁଦ୍ଧା ମୋଟ ୪୪.୪ ଲକ୍ଷ କୋଟି ଟଙ୍କା ଗୃହ ଋଣ ପ୍ରଦାନ କରାଯାଇଛି। ଗୃହ ଋଣ ପରିମାଣରେ ୯.୪ ପ୍ରତିଶତ ବୃଦ୍ଧି ଦେଖିବାକୁ ମିଳିଛି। ଗୃହ ଋଣ ଆବେଦନରେ ମାତ୍ର ୨.୫ ପ୍ରତିଶତ ବୃଦ୍ଧି ପାଇଛି। ଗୃହ ଋଣର ଆକାର ବୃଦ୍ଧି ପାଇ ଥିଲେ ମଧ୍ୟ ଆବେଦନକାରୀମାନଙ୍କ ସଂଖ୍ୟା ବିଶେଷ ଭାବରେ ବଢ଼ି ନାହିଁ।

ରିଜର୍ଭ ବ୍ୟାଙ୍କର ବିଶ୍ଳେଷଣ ଅନୁସାରେ ଧନୀ ଦେଶ ତୁଳନାରେ ଜିଡିପି ଓ ଘରୋଇ ଋଣ ଅନୁପାତ ବିଶେଷ ଖରାପ ସ୍ଥିତିରେ ନାହିଁ। କିନ୍ତୁ ବର୍ତ୍ତମାନର ଋଣ ଯଦି ଭବିଷ୍ୟତର ସଞ୍ଚୟକୁ ପ୍ରଭାବିତ କରିବ ତେବେ ବ୍ୟକ୍ତିଗତ ଆର୍ଥିକ ସଙ୍କଟ ଅବଶ୍ୟମ୍ଭାବୀ। ଋଣ କରିବା କିଛି ଖରାପ କାର୍ଯ୍ୟ ନୁହେଁ। କିନ୍ତୁ ଋଣକୁ ସର୍ବଦା ଗଠନମୂଳକ କାର୍ଯ୍ୟରେ କିମ୍ବା ନିଜର ଭବିଷ୍ୟତକୁ ସୁରକ୍ଷିତ ରଖିବା ପାଇଁ ବ୍ୟବହାର କରାଯିବା ଆବଶ୍ୟକ। ବିଶେଷ ଭାବରେ ଆଜିର ଯୁବ ବର୍ଗ ନିଜର ମୌଳିକ ଆବଶ୍ୟକତା, ଆୟ ସହିତ ଭବିଷ୍ୟତକୁ ଦୃଷ୍ଟିରେ ରଖି ଋଣ ଆଣିବା ଉଚିତ। ଏହି ଋଣ ଯେପରି ଏକ ନିଶୁଣି ପରି ବ୍ୟକ୍ତିଗତ ଆର୍ଥିକ ଉନ୍ନତି ଦିଗରେ ସହାୟକ ହେବ ସେଥିପ୍ରତି ସଚେତନ ରହିବା ଆବଶ୍ୟକ। ଅଯଥା ଖର୍ଚ୍ଚ, ମିଥ୍ୟା ସାମାଜିକ ଆଭିଜାତ୍ୟର ପ୍ରଦର୍ଶନ ପାଇଁ ଯୁବ ବର୍ଗ ଯେପରି ଋଣ ଯନ୍ତାରେ ନ ପଡ଼ନ୍ତି ସେଥି ପ୍ରତି ଯତ୍ନବାନ ରହିବା ଆବଶ୍ୟକ।

ବେଲେଶ୍ୱର, ପୋଷ୍ଟ – ନୟାବଜାର,
ଜିଲ୍ଲା – କଟକ - ୭୫୩୦୦୪
ଦୂରଭାଷ - ୯୪୩୭୧୨୮୪୬୪
Email: msantosh64@yahoo.com

# ବିପର୍ଯ୍ୟସ୍ତ ପ୍ରକୃତିର ପ୍ରତିଶୋଧ

**ଡକ୍ଟର ମାନସ ରଞ୍ଜନ ଶତପଥୀ**

ଏକବିଂଶ ଶତାବ୍ଦୀରେ ଜଳବାୟୁ ପରିବର୍ତ୍ତନ କେବଳ ଏକ ପରିବେଶଗତ ସମସ୍ୟା ହୋଇ ରହିନାହିଁ; ବରଂ ଏହା ଏକ 'ଅଣ-ପାରମ୍ପରିକ ସୁରକ୍ଷା ବିପଦ' ଭାବେ ଉଭା ହୋଇଛି। ପାରମ୍ପରିକ ଯୁଦ୍ଧରେ ସୀମା ବିବାଦ କିମ୍ବା ସାମରିକ ଶକ୍ତିର ପ୍ରୟୋଗ ହେଉଥିବା ବେଳେ, ଏହି ଅଦୃଶ୍ୟ ଯୁଦ୍ଧରେ ପରିବେଶ ଅବକ୍ଷୟ ଏବଂ ସମ୍ପଦର ଅଭାବ ମାନବ ସମାଜରମୌଳିକ ସ୍ଥିରତାକୁ ବିପନ୍ନ କରୁଛି। ଏହା ଏକ 'ଥ୍ରେଟ୍ ମଲ୍ଟିପ୍ଲାୟର୍' ଭାବେ କାର୍ଯ୍ୟ କରୁଛି, ଯାହା ବିଦ୍ୟମାନ ସାମାଜିକ, ଆର୍ଥିକ ଏବଂ ଶାସନଗତ ଦୁର୍ବଳତାକୁ ଅଧିକ ଜଟିଳ କରିଦେଉଛି। 'ଦକ୍ଷିଣ ଏସିଆ ବିଶ୍ୱର ସବୁଠାରୁ ଜଳବାୟୁ- ସମ୍ବେଦନଶୀଳ ଅଞ୍ଚଳ ମଧ୍ୟରୁ ଅନ୍ୟତମ। ଏଠାକାର ବୃଦ୍ଧି ପାଉଥିବା ତାପମାତ୍ରା, ଅନିୟମିତ ମୌସୁମୀ ଏବଂ ଗ୍ଲାସିୟରର ଦ୍ରୁତ ତରଳିବା କେବଳ ଜଳ ସୁରକ୍ଷାକୁ ବ୍ୟାହତ କରୁନାହିଁ, ବରଂ ଏହା ଆଞ୍ଚଳିକ ସ୍ଥିରତା, ରାଜନୈତିକ ସନ୍ତୁଳନ ଏବଂ ଜନସଂଖ୍ୟାର ବାଧ୍ୟତାମୂଳକ ସ୍ଥାନାନ୍ତରଣ ପାଇଁ ଏକ ମୁଖ୍ୟ କାରକ ସାଜିଛି'। ଏହି ପରିବେଶ ଅବକ୍ଷୟ ଆମର ପାରମ୍ପରିକ ଜୀବନଶୈଳୀକୁ ବିପର୍ଯ୍ୟସ୍ତ କରୁଛି, ଯାହା ଫଳରେ ଖାଦ୍ୟ ସୁରକ୍ଷା ଠାରୁ ଆରମ୍ଭ କରି ଶକ୍ତି ଉତ୍ପାଦନ ପର୍ଯ୍ୟନ୍ତ ସବୁକିଛି ପ୍ରଭାବିତ ହେଉଛି। ଏହି ସଙ୍କଟର ଗଭୀରତାକୁ ବୁଝିବା ପାଇଁ ଆମକୁ ପ୍ରଥମେ ଋତୁଚକ୍ରରେ ଘଟୁଥିବା ବୈଜ୍ଞାନିକ ପରିବର୍ତ୍ତନ ଗୁଡ଼ିକୁ ଅନୁଧ୍ୟାନ କରିବାକୁ ହେବ।

ବିଶ୍ୱ ତାପମାତ୍ରା ବୃଦ୍ଧି ଯୋଗୁଁ ଦକ୍ଷିଣ ଏସିଆର ମୌସୁମୀ ବାୟୁର ଗତିପଥ ଏବଂ ବୃଷ୍ଟିପାତର ଢାଞ୍ଚାରେ ବ୍ୟାପକ ପରିବର୍ତ୍ତନ ପରିଲକ୍ଷିତ ହେଉଛି। ଏହି ପରିବର୍ତ୍ତନ ବିଶେଷ କରି ସିନ୍ଧୁ ,ଗଙ୍ଗା ଏବଂ ବ୍ରହ୍ମପୁତ୍ର ନଦୀ ଅବବାହିକା ଉପରେ ନିର୍ଭର କରୁଥିବା କୋଟି କୋଟି ଜନତାଙ୍କ ଜୀବିକାକୁ ବିପଦରେ ପକାଇଛି। ବାୟୁମଣ୍ଡଳର ତାପମାତ୍ରା ବଢ଼ିବା ଦ୍ୱାରା ବାଷ୍ପୀଭବନ



ପ୍ରକ୍ରିୟା ତ୍ୱରାନ୍ୱିତ ହେଉଛି, ଯାହା ଭୂପୃଷ୍ଠର ଜଳ ସମ୍ପଦକୁ ଦ୍ରୁତ ଗତିରେ ହ୍ରାସ କରୁଛି। ହିନ୍ଦୁକୁଶ-ହିମାଳୟ ଅଞ୍ଚଳର ଗ୍ଲାସିୟରଗୁଡ଼ିକ ଅତ୍ୟଧିକ ବେଗରେ ତରଳୁଛି। ଏହା ସ୍ୱଳ୍ପ ମିଆଦ ଭିତ୍ତିରେ ଭୟଙ୍କର ବନ୍ୟା ସୃଷ୍ଟି କରୁଥିବା ବେଳେ ଦୀର୍ଘ ମିଆଦି ଭିତ୍ତିରେ ନଦୀଗୁଡ଼ିକୁ ଶୁଷ୍କ କରିଦେବାର ଭୟ ରହିଛି। ସ୍ୱଚ୍ଛ ଜଳର ଅଭାବ ଯୋଗୁଁ ବିଭିନ୍ନରାଷ୍ଟ୍ର ମଧ୍ୟରେ ସମ୍ପଦର ବ୍ୟବହାରକୁ ନେଇ ରଜନୈତିକ ଓ ସାମାଜିକ ଅଶାନ୍ତି ବୃଦ୍ଧି ପାଉଛି। ମେଘ ବିସ୍ଫୋରଣ ଭଳି ଚରମ ପାଣିପାଗ ଘଟଣାଗୁଡ଼ିକ ବୃଦ୍ଧି ପାଇବା ଯୋଗୁଁ ଭିତ୍ତିଭୂମି ଓ ଜନଜୀବନର ଅପୂରଣୀୟ କ୍ଷତି ହେଉଛି। ଏହା କୃଷି ଭିତ୍ତିକ ଅର୍ଥନୀତି ଉପରେ ପ୍ରଚଣ୍ଡ ଆଘାତ ଦେଉଛି, ଯାହା ଆଞ୍ଚଳିକ ସ୍ଥିରତା ପାଇଁ ଏକ ବଡ଼ ଚ୍ୟାଲେଞ୍ଜ।

ଆଧୁନିକୀକରଣ ଏବଂ ଶିଳ୍ପାୟନ ନାମରେ କଟାଯାଉଥିବା ପୁରାତନ ବୃକ୍ଷମାନେ ପରିବେଶୀୟ ସନ୍ତୁଳନ ରକ୍ଷା କରିବାରେ ଅପରିହାର୍ଯ୍ୟ। ଏହି ବୃକ୍ଷମାନେ ବାୟୁମଣ୍ଡଳରୁ ଅଙ୍ଗାରକାମ୍ଳ ଶୋଷଣ କରିବାର ଯେଉଁ କ୍ଷମତା ରଖନ୍ତି, ତାହା ନୂତନ ବୃକ୍ଷରୋପଣ ଦ୍ୱାରା ତୁରନ୍ତ ସମ୍ଭବ ନୁହେଁ। ଏକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଅନୁଯାୟୀ, ଗୋଟିଏ ବିଶାଳ ପୁରାତନ ବୃକ୍ଷ ବର୍ଷକ ମଧ୍ୟରେ ବାୟୁମଣ୍ଡଳରୁ ଯେତିକି ଅଙ୍ଗାରକାମ୍ଳ ଶୋଷଣ କରେ, ତାହା ଏକ ସମ୍ପୂର୍ଣ୍ଣ ମଧ୍ୟମ ଧରଣର ବୃକ୍ଷରେ ଥିବା ମୋଟ ଅଙ୍ଗାରକାମ୍ଳ ସହ ସମାନ। ସ୍ୱଚ୍ଛ ଆଣ୍ଡାମାନ ନିକୋବର ଦ୍ୱୀପରେ ଅଧୁନା ୮୧,୦୦୦ କୋଟି ଟଙ୍କାର ବୃହତ ଭିତିଭୂମି ଆଧୁନିକୀକରଣ କାର୍ଯ୍ୟକ୍ରମ, ବୃଦ୍ଧି ପାଉଥିବା ପର୍ଯ୍ୟଟନ ତଥା ବେପରୁଆ ବୃକ୍ଷ ଛେଦନ କାରଣରୁ ଏବେ ଉତ୍ତାପ ବୃଦ୍ଧି ହୋଇ ପରିବେଶଗତ ସମସ୍ୟାରେ ଉପନୀତ । ବୃକ୍ଷ କଟାଯିବା ଦ୍ୱାରା କେବଳ ପରିବେଶ ନୁହେଁ, ବରଂ ମୃତ୍ତିକାର ଜୈବିକ ଗୁଣ ନଷ୍ଟ ହେଉଛି। ଏହି ସବୁଜ ସମ୍ପଦର କ୍ଷତି ଆମକୁ ଉପକୂଳବର୍ତ୍ତୀ ଅଞ୍ଚଳରେ ଅଧିକ ଅସୁରକ୍ଷିତ କରିଦେଉଛି।

ଓଡ଼ିଶାର କେନ୍ଦ୍ରୀୟ ଉପକୂଳ ଅଞ୍ଚଳ ବର୍ତ୍ତମାନ ବିଶ୍ୱର ସବୁଠାରୁ ବିପଜ୍ଜନକ ସ୍ଥିତିରେ ରହିଛି। ସୂତ୍ର ଆଧାରିତ ବୈଜ୍ଞାନିକ ବିଶ୍ଳେଷଣରୁ ଜଣାପଡ଼ିଛି ଯେ ସାମୁଦ୍ରିକ ଜଳସ୍ତର ବୃଦ୍ଧି ଏବଂ ପରିବେଶ ଅବକ୍ଷୟ ଯୋଗୁଁ ଓଡ଼ିଶାର ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକର ଅସୁରକ୍ଷିତତା ବହୁ ଗୁଣ ବଢ଼ି ବିପଦଶଙ୍କୁଳ ହୋଇଯାଇଛି। ପରିବେଶ ଅବକ୍ଷୟ କିପରି ବାତ୍ୟାର ପ୍ରଭାବକୁ ଦ୍ୱିଗୁଣିତ କରୁଛି, ତାହାର ଚିତ୍ର ଓଡ଼ିଶାର ବାରମ୍ବାର ଆସୁଥିବା ବାତ୍ୟାରୁ ସ୍ପଷ୍ଟ ହୁଏ। ସମୁଦ୍ର କୂଳରେ ଥିବା ପ୍ରାକୃତିକ ପ୍ରତିରୋଧକ ଯଥା ହେନ୍ତାଳ ବନ ଏବଂ ବାଲୁକା ସ୍ତୂପଗୁଡ଼ିକର କ୍ଷୟ ହେବା ଯୋଗୁଁ ସାମୁଦ୍ରିକ ଜୁଆର ସିଧାସଳଖ ଜନବସତି ଉପରେ ପଡ଼ୁଛି। ଏହା ଆର୍ଥିକ ଏବଂ ଭିତ୍ତିଭୂମିର ଏପରି ଏକ କ୍ଷତି କରୁଛି ଯାହା ଅନେକ ସମୟରେ ଅପୂରଣୀୟ ହୋଇ ରହୁଛି। ପରିବେଶର ଏହି ବିନାଶ କେବଳ ଭୌତିକ ସମ୍ପତ୍ତିକୁ ନୁହେଁ; ବରଂ ସେଠାକାର ଜୈବ ବିବିଧତାକୁ ମଧ୍ୟ ନିଶ୍ଚିହ୍ନ କରିବାରେ ଲାଗିଛି।

ଜଳବାୟୁ ପରିବର୍ତ୍ତନ ଯୋଗୁଁ ଉଦ୍ଭିଦ ଓ ପ୍ରାଣୀ ଜଗତରେ ଘଟୁଥିବା ଅବକ୍ଷୟ ପରସ୍ପର ସହ ଗଭୀର ଭାବେ ଜଡ଼ିତ। ବିଜ୍ଞାନ ସମ୍ମତ ଭାବେ ଏହି ସଙ୍କଟକୁ ଦୁଇ ଭାଗରେ ବିଭକ୍ତ କରାଯାଇପାରେ: ପ୍ରାଥମିକ ବିଲୁପ୍ତି, ଯାହା ଜଳବାୟୁ କିମ୍ବା ବାସସ୍ଥଳୀର ପରିବର୍ତ୍ତନ ଯୋଗୁଁ ହୁଏ, ଏବଂ ଦ୍ୱିତୀୟରେ ସହ-ବିଲୁପ୍ତି । ଗବେଷଣା ଅନୁଯାୟୀ, ଜଳବାୟୁ ପରିବର୍ତ୍ତନ ଯୋଗୁଁ ହେଉଥିବା ପ୍ରାଥମିକ ବିଲୁପ୍ତି ଅପେକ୍ଷା ସହ-ବିଲୁପ୍ତିର ପ୍ରଭାବ ପ୍ରାୟ ୧୮୪.୨% ଅଧିକ। ଯେତେବେଳେ ଖାଦ୍ୟ ଶୃଙ୍ଖଳାର ଏକ ମୁଖ୍ୟ ପ୍ରଜାତି ବିଲୁପ୍ତ ହୋଇଯାଏ, ସେତେବେଳେ ତାହା ଉପରେ ନିର୍ଭରଶୀଳ ଥିବା ଅନ୍ୟ ସମସ୍ତ ପ୍ରଜାତି ମଧ୍ୟ ବିଲୁପ୍ତି ପଥରେ ଯାଆନ୍ତି। ଏହା ସମ୍ପୂର୍ଣ୍ଣ ଜୈବିକ ନେଟୱାର୍କକୁ ନଷ୍ଟ କରିଦେବା ସହ ପରିବେଶୀୟ ପ୍ରତିରୋଧ ଶକ୍ତିକୁ ଦୁର୍ବଳ କରିଦିଏ। ଜୈବ ବିବିଧତା ହ୍ରାସ ପାଇବା ଫଳରେ ପରିବେଶର 'ପରିସଂସ୍ଥା ସହନଶୀଳତା' ନଷ୍ଟ ହୁଏ, ଯାହା ଜଳବାୟୁର ଚରମ ପରିସ୍ଥିତିକୁ ସାମ୍ନା କରିବାରେ ଆମକୁ ଅସମର୍ଥ କରିଦିଏ। ବର୍ତ୍ତମାନର ସ୍ଥିତିରେ 'ସ୍ଥାୟୀ ପରିବର୍ତ୍ତନ' ଆଣିବା ଏକ କଷ୍ଟସାଧ କଳ୍ପନା ପରି ମନେହୁଏ। ଯଦି ଆମେ ଆଞ୍ଚଳିକ ସହଯୋଗ ଏବଂ ରଣନୈତିକ ପଦକ୍ଷେପ ଗ୍ରହଣ ନକରିବା, ତେବେ ପ୍ରକୃତିର ଏହି ପ୍ରତିଶୋଧକୁ ରୋକିବା ଅସମ୍ଭବ। ଆଗାମୀ ଭବିଷ୍ୟତ ପାଇଁ ନିମ୍ନଲିଖିତ ଦିଗ ଉପରେ ତୁରନ୍ତ ଧ୍ୟାନ ଦେବା ଆବଶ୍ୟକ: ଗ୍ଲାସିୟର ହ୍ରଦ ବିସ୍ଫୋରଣ ଜନିତ ବନ୍ୟା ପାଇଁ ପୂର୍ବ ସୂଚନା ପ୍ରଦାନକାରୀ ବୈଷୟିକ ଜ୍ଞାନକୌଶଳର ବ୍ୟବହାର ଏବଂ ଜଳବାୟୁ ପ୍ରତିରୋଧକ ଭିତ୍ତିଭୂମି ପାଇଁ 'ଗ୍ରୀନ୍ ବଣ୍ଡ' ମାଧ୍ୟମରେ ପୁଞ୍ଜି ନିବେଶ। ସୀମା ବାହାରେ ଥିବା ନଦୀଗୁଡ଼ିକର ଜଳ ସମ୍ପଦ ପରିଚାଳନା ପାଇଁ ଡାଟା ଶେୟାରିଂ ଏବଂ ପ୍ରକୃତି ଭିତ୍ତିକ ସମାଧାନ ଯଥା ହେନ୍ତାଳ ବନର ପୁନରୁଦ୍ଧାର। ଯଦି ଆମେ ଆଜି ଏହି ଚ୍ୟାଲେଞ୍ଜକୁ ସାମ୍ନା କରିବା ପାଇଁ ଏକଜୁଟ ନହେବା, ତେବେ ଆଗାମୀ ପିଢ଼ି କିପରି ଏକ ବିପର୍ଯ୍ୟସ୍ତ ଓ ଅସୁରକ୍ଷିତ ପୃଥିବୀରେ ନିଜକୁ ବଞ୍ଚାଇ ରଖିବେ, ତାହା ଆଜିର ସମୟ ପାଇଁ ସବୁଠାରୁ ବଡ଼ ପ୍ରଶ୍ନବାଚୀ।

ଅଧ୍ୟକ୍ଷ, ମଡେଲ ଡିଗ୍ରୀ କଲେଜ,
ନୟାଗଡ଼ - ୭୫୨୦୭୯
ମୋ: ୯୪୩୭୪୭୯୦୪୫



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଆଇଏଏସ୍ ପାହ୍ୟାକୁ ଉନ୍ନୀତ ୧୪ ଅଧିକାରୀଙ୍କୁ ନୂଆ ଦାୟିତ୍ୱ

ଭୁବନେଶ୍ୱର,୧୮।୯(ସମିସ): ନୂତନ ଭାବେ ଆଇଏଏସ୍ ପାହ୍ୟାକୁ ଉନ୍ନୀତ ହୋଇଥିବା ୧୪ ଜଣ ଅଧିକାରୀଙ୍କୁ ନୂତନ ଦାୟିତ୍ୱ ଦେଇଛନ୍ତି ରାଜ୍ୟ ସରକାର। ୧୪ ଜଣ ଆଇଏଏସ୍ ଅଧିକାରୀଙ୍କ ନୂତନ ଦାୟିତ୍ୱ ସମ୍ପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଛି। କେତେକ ଅଧିକାରୀଙ୍କୁ ବର୍ତ୍ତମାନର ପଦରେ ଅବ୍ୟାହତ ରଖାଯାଇଥିବା ବେଳେ ଅନ୍ୟ କେତେଜଣ ଅଧିକାରୀଙ୍କୁ ବିଭିନ୍ନ ବିଭାଗରେ ଯୁଗ୍ମ ସଚିବ ଭାବେ ନିଯୁକ୍ତି ମିଳିଛି। ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ ପଞ୍ଚାୟତିରାଜ ବିଭାଗରେ ୩ ଅଧିକାରୀ ସୂର୍ଯ୍ୟନାରାୟଣ ଦାଶ, ସୌଦାମିନୀ ସେଠୀ ଏବଂ ଶୁଭ୍ରା ମହାନ୍ତିଙ୍କୁ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର ଯୁଗ୍ମ ସଚିବ ଭାବେ ନିଯୁକ୍ତ କରାଯାଇଛି। ସେହିପରି ଜ୍ୟୋତିର୍ମୟୀ ପ୍ରଧାନ ଓ ବବିତା ମହାନ୍ତିଙ୍କୁ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଯୁଗ୍ମ ସଚିବ, ମଧୁମିତା ନାୟକଙ୍କୁ ଶ୍ରମ ଓ ଇଏସ୍ଆଇ ବିଭାଗର ଯୁଗ୍ମ ସଚିବ, ଅନୁଜ କୁମାର ଦାସ ପଟ୍ଟନାୟକଙ୍କୁ ଯୋଜନା ଓ ସଂଯୋଜନ ବିଭାଗର ଯୁଗ୍ମ ସଚିବ ଏବଂ ଜ୍ୟୋତିରଞ୍ଜନ ମିଶ୍ରଙ୍କୁ ଶିକ୍ଷ ବିଭାଗର ଯୁଗ୍ମ ସଚିବ ଭାବେ ନିଯୁକ୍ତି ଦିଆଯାଇଛି। ସଂଘମିତ୍ରା ଶତପଥୀଙ୍କୁ ଗ୍ରାମ୍ୟ ଉନ୍ନୟନ ବିଭାଗର ଯୁଗ୍ମ ସଚିବ ଏବଂ ହିମାଂଶୁ ଶେଖର ବେହେରାଙ୍କୁ ଗୃହ ବିଭାଗର ଯୁଗ୍ମ ସଚିବ ଭାବେ ଦାୟିତ୍ୱ ଦିଆଯାଇଛି। ଅନ୍ୟପକ୍ଷରେ ସୁମିତା ସରକାର, ବାଲମୁକୁନ୍ଦ ଭୂୟାଁ, ମଧୁମିତା ନାୟକ ଓ ସୁରେନ୍ଦ୍ର କୁମାର ପଣ୍ଡାଙ୍କୁ ବର୍ତ୍ତମାନର ପଦରେ ଅବ୍ୟାହତ ରଖାଯାଇଛି। ମଧୁମିତା ନାୟକଙ୍କୁ ଇଏସ୍ଆଇ ନିର୍ଦ୍ଦେଶକଙ୍କ ଅତିରିକ୍ତ ଦାୟିତ୍ୱରେ ମଧ ନିଯୁକ୍ତ କାରଯାଇଛି। ସୂଚନା ଥାଉ କି ଗତ ୩ ତାରିଖରେ ଏହି ଅଧିକାରୀମାନଙ୍କୁ ଆଇଏଏସ୍ ପାହ୍ୟାରେ ନିଯୁକ୍ତି ନେଇ କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା।

### ନିର୍ଭରଯୋଗ୍ୟ ବିଦ୍ୟୁତ ସେବା ନିଶ୍ଚିତ କରିବା ଲକ୍ଷ୍ୟ

## ୫ ବର୍ଷରେ ଟାଟା ପାୱାର ନିବେଶ କରିବ ୯୧୯୩ କୋଟି

ଭୁବନେଶ୍ୱର,୧୮।୯(ସମିସ): ବିଦ୍ୟୁତ ସେବାକୁ ନିର୍ଭରଯୋଗ୍ୟ କରିବା ପାଇଁ ଟାଟା ପାୱାର ବିତରଣ କମ୍ପାନୀଗୁଡିକ ୨୦୨୬-୨୭ରୁ ୨୦୩୦-୩୧ ମଧ୍ୟରେ ୯୧୯୩ କୋଟିଟଙ୍କାର ଏକ ବହୁବର୍ଷୀୟ ପୁଞ୍ଜିନିବେଶ ଯୋଜନା ଦରଖାସ୍ତ ଓଇଆରସିରେ ଦାଖଲ କରିଛନ୍ତି। ୨୦୨୬-୨୭ ପାଇଁ ୧୫୦୨ କୋଟି ଟଙ୍କାର ନିବେଶକୁ ଓଇଆରସି ଅନୁମୋଦନ କରିଥିବାବେଳେ ଅବଶିଷ୍ଟ ପୁଞ୍ଜିନିବେଶ ଯୋଜନାକୁ ଅନୁମୋଦନ କରିବା ପାଇଁ ଆୟୋଗ ଏକ ସାର୍ବଜନୀନ ସୂଚନା ଜାରିକରି ଜନସାଧାରଣଙ୍କ ମତାମତ ଆହ୍ୱାନ କରିଥିଲେ। ଏହାର ଜନ ଶୁଣାଣି ଆସନ୍ତା ୨୨ରେ ଓଇଆରସି କାର୍ଯ୍ୟାଳୟରେ ହେବ। ଟାଟା ଦରଖାସ୍ତରୁ ସ୍ପଷ୍ଟ ହୋଇଛିଯେ ଓଡ଼ିଶା ବିଦ୍ୟୁତସେବା ଦାୟିତ୍ୱ ଗ୍ରହଣ କରିବା ପରେ ୨୦୨୦-୨୧ ରୁ ୨୦୨୫-୨୬ ମଧ୍ୟରେ ଟାଟା ପାୱାର ଓଡ଼ିଶାରେ ୬୫୪୮ କୋଟିଟଙ୍କା ପୁଞ୍ଜିନିବେଶ କରିଛି। ସେଥିରୁ ୫୬୯୮ କୋଟିଟଙ୍କାର କାମ ସମ୍ପୂର୍ଣ୍ଣ ହୋଇଥିବା ବେଳେ ବାକି ୮୫୦ କୋଟି ଟଙ୍କା କାମ ନିର୍ମାଣାଧୀନ ରହିଛି। ତେବେ ଓଡ଼ିଶା ବିଦ୍ୟୁତସେବା ଭାର ଟାଟା ଗ୍ରହଣ କଲାପରେ ପୁଞ୍ଜିନିବେଶ ବାବଦକୁ କେତେ ପରିମାଣର ସରକାରୀ ଅନୁଦାନ ପାଇଛନ୍ତି ଓ ସେଥିରୁ କେତେ ନିବେଶ କରିଛନ୍ତି ତାହାର ତଥ୍ୟ ଦରଖାସ୍ତରେ ନାହିଁ।

ଚଳିତ ବର୍ଷପାଇଁ ୨୪ ମାର୍ଚ୍ଚରେ ଓଇଆରସି ଜାରିକରିଥିବା ଟାରିଫ ଆଦେଶରୁ ଜଣାପଡିଛି ଯେ ସରକାରୀ ପୁଞ୍ଜିନିବେଶ ପରିମାଣକୁ ୧୫୨୮୯ କୋଟି ଟଙ୍କାରେ ଅନୁମୋଦନ କରିବା ପାଇଁ ଟାଟା ପ୍ରସ୍ତାବ ଦେଇଥିଲା। ସେଥିରୁ ଆୟୋଗ ୧୧୭୮୩ କୋଟିଟଙ୍କା ଅନୁମୋଦନ କରି ଚଳିତ ବର୍ଷର ଟାରିଫ ନିର୍ଣ୍ଣୟ କରିଥିଲେ। ଆଶ୍ଚର୍ଯ୍ୟଜନକ କଥାଟି ହେଉଛି ୨୦୨୦-୨୧ ରୁ ୨୦୨୫-୨୬ ମଧ୍ୟରେ ଟାଟାର ପୁଞ୍ଜିନିବେଶ ପରିମାଣକୁ ଓଇଆରସି ୧୨୭୮୬ କୋଟି ଟଙ୍କା ଅନୁମୋଦନ କରି ଟାରିଫ ନିର୍ଣ୍ଣୟ କରିଥିବାବେଳେ ଟାଟା ଦରଖାସ୍ତରେ ମାତ୍ର ୫୬୯୮ କୋଟିଟଙ୍କା

**ପୂର୍ବରୁ ଓଇଆରସି ୮୯୬୭ କୋଟି ଟଙ୍କା ଅନୁମୋଦନ କରିଛନ୍ତି**

**ଓଇଆରସି ତଥ୍ୟ ଓ ଟାଟା ପୁଞ୍ଜିନିବେଶ ତଥ୍ୟରେ ତାଳମେଳ ନାହିଁ**

**୨୦ ହଜାର କୋଟି ପୁଞ୍ଜିନିବେଶ ପରେ ବି ବିଦ୍ୟୁତସେବା ଅନୁନ୍ନତ: ଶକ୍ତି ସମୀକ୍ଷକ**

ଦର୍ଶାଯାଇଛି। ଟାଟାର ପୁଞ୍ଜିନିବେଶ ଯୋଜନା ଦରଖାସ୍ତ ଉପରେ ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ର ୩୧ ପୃଷ୍ଠାର ଏକ ସର୍ବସାଧାରଣ ମତାମତ ସତ୍ୟପାଠ ଜରିଆରେ ଓଇଆରସିରେ ଦାଖଲ କରି କହିଛନ୍ତି ଯେ ଚାରୋଟି ଟାଟା ବିତରଣ କମ୍ପାନୀ ଦାଖଲ କରିଥିବା ପୁଞ୍ଜିନିବେଶ ଯୋଜନାରେ ତାଳମେଳ ନାହିଁ। ଏହା ଆଞ୍ଚଳିକ ଭେଦଭାବକୁ ପ୍ରୋତ୍ସାହିତ କରିବ। ଓଡ଼ିଶା ବିଦ୍ୟୁତ ବିତରଣ କମ୍ପାନୀଗୁଡିକୁ ୨୦୨୦-୨୧ରେ ଟାଟାକୁ ହସ୍ତାନ୍ତର ହେବାପରେ ଉଭୟ ଘରୋଇ ଓ ସରକାରୀ ପୁଞ୍ଜିନିବେଶ ପ୍ରାୟ ୨୦ ହଜାର କୋଟିଟଙ୍କା ହୋଇଥିବା ବେଳେ ବିଦ୍ୟୁତ ବିତରଣ ବ୍ୟବସ୍ଥା ସମ୍ପୂର୍ଣ୍ଣ ମିଟରିଙ୍ଗ ନହେବା, ବିଦ୍ୟୁତ ବିଭ୍ରାଟ ଓ ଦୁର୍ଘଟଣାରେ ଆଖିଦୃଷ୍ଟିଆ ଉନ୍ନତି ପରିଲକ୍ଷିତ ନହେବା ଓ ଖୋଲା ତାର ଓ ଟ୍ରାନସଫର୍ମର ବିପଦଶଙ୍କୁଳ ଅବସ୍ଥାରେ ରହିବା ପୁଞ୍ଜିନିବେଶ ଅନୁମୋଦନ ପ୍ରକ୍ରିୟାରେ ଥିବା ଗଳାବାଟକୁ ସ୍ପଷ୍ଟ ଇଙ୍ଗିତ କରୁଛି। କେନ୍ଦ୍ରୀୟ ଓ ପଶ୍ଚିମ ଓଡ଼ିଶା ବିତରଣ କମ୍ପାନୀ ବିଦ୍ୟୁତ ବିତରଣ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ମିଟରିଙ୍ଗ କରିବା ପାଇଁ ଯୋଜନା କରିଥିବାବେଳେ ଦକ୍ଷିଣ ଓ ଉତ୍ତର ଓଡ଼ିଶା ବିଦ୍ୟୁତ ବିତରଣ କମ୍ପାନୀ ସେଥିପାଇଁ କୌଣସି ପ୍ରସ୍ତାବ ଦେଇନାହାନ୍ତି। ପୁଞ୍ଜିନିବେଶ ଯୋଜନାକୁ ଅନୁମୋଦନ କରିବା ପାଇଁ ଆୟୋଗ ପ୍ରଣିତ କରିଥିବା ନିୟମ ଅନୁସାରେ ଟାଟା ବିତରଣ କମ୍ପାନୀଗୁଡିକ ଆବଶ୍ୟକୀୟ ତଥ୍ୟ ଦାଖଲ କରିନାହାନ୍ତି। ରାସ୍ତାକଡରେ ଯାଇଥିବା ଏଲଟି ଖୋଲା ବିଦ୍ୟୁତ ତାରକୁ ଏବି କେବୁଲରେ ପରିଣତ କରିବା ପାଇଁ ଦକ୍ଷିଣ ଓ ଉତ୍ତର ଓଡ଼ିଶା ବିଦ୍ୟୁତ କମ୍ପାନୀ କିଲୋମିଟର ପିଛା ୭ ରୁ ୮ ଲକ୍ଷ ଟଙ୍କା ଖର୍ଚ୍ଚ ପ୍ରସ୍ତାବ ଦେଇଥିବା ବେଳେ କେନ୍ଦ୍ରୀୟ ଓ ପଶ୍ଚିମ ଓଡ଼ିଶା ବିତରଣ କମ୍ପାନୀ ୧୧ ରୁ ୧୨ ଲକ୍ଷ ଟଙ୍କା ଖର୍ଚ୍ଚ ପ୍ରସ୍ତାବ ଉପରେ ଶ୍ରୀ ମହାପାତ୍ର ଆପତ୍ତି ଉଠାଇଛନ୍ତି।

ସେହିପରି ଟାଟାର ପୁଞ୍ଜିନିବେଶ ପ୍ରସ୍ତାବ କାର୍ଯ୍ୟକାରୀ ହେଲେ ତାହାର ବାର୍ଷିକ ବୋଝ ତଥା ଉପଭୋକ୍ତାର ଖୁଚୁରା ବିଦ୍ୟୁତମୂଲ୍ୟ କେତେ ପ୍ରଭାବିତ ହେବ, ତାହାକୁ ଆକଳନ କରିବାରେ ଟାଟା ବିଫଳ ହୋଇଛି। ଟାଟା ପାୱାର ଦାଖଲ କରିନଥିବା ଆବଶ୍ୟକୀୟ ତଥ୍ୟକୁ ଅବିଳମ୍ବେ ଦାଖଲ କରିବା ପାଇଁ ଆୟୋଗଙ୍କୁ ଏକ ନିର୍ଦ୍ଦେଶ ଜାରି କରିବା ପାଇଁ ଶ୍ରୀ ମହାପାତ୍ର ପାର୍ଥନା କରିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ପଶ୍ଚିମବଙ୍ଗରେ ହଟଚମଟ...

ନିଜ ପ୍ରାର୍ଥିତ୍ୱ ପ୍ରତ୍ୟାହାର କରିଛନ୍ତି। ସଞ୍ଚିତା ନିଜର ନାମାଙ୍କନ ପ୍ରତ୍ୟାହାର କରିନେବା ପରେ ମମତା ବାନାର୍ଜୀ ନନ୍ଦୀଗ୍ରାମରେ କଂଗ୍ରେସ ପ୍ରାର୍ଥୀ ମିଳନ ପ୍ରଧାନଙ୍କୁ ସମର୍ଥନ ଘୋଷଣା କରିଛନ୍ତି। ଇଣ୍ଡିଆ ମେଣ୍ଟକୁ ଶକ୍ତିଶାଳୀ କରିବା ଏହି ନିଷ୍ପତ୍ତିର ଉଦ୍ଦେଶ୍ୟ ବୋଲି ମମତା କହିଛନ୍ତି।

କଂଗ୍ରେସ ମମତାଙ୍କ ନିଷ୍ପତ୍ତି ଉପରେ କୌଣସି ମନ୍ତବ୍ୟ ଦେଇନଥିଲେ ହେଁ କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ କହିଛନ୍ତି ଯେ ଦଳ ମମତାଙ୍କ ସମର୍ଥନ ମାଗିନଥିଲା ବୋଲି କହିଛନ୍ତି। ତେବେ ମମତା କଂଗ୍ରେସ ପ୍ରାର୍ଥୀ ମିଳନ ପ୍ରଧାନଙ୍କୁ ସମର୍ଥନ ଘୋଷଣା କରିବା ପରେ କଲକତା ପୁଲିସ ଏକ ପୁରୁଣା ହତ୍ୟା ମାମଲା ଆଧାରରେ କଂଗ୍ରେସ ପ୍ରାର୍ଥୀ ମିଳନ ପ୍ରଧାନଙ୍କୁ ଗିରଫ କରିଛି। ମାମଲାଟି ୨୦୦୭ର ନନ୍ଦୀଗ୍ରାମ ଜମି ଅଧିଗ୍ରହଣ ବିରୋଧୀ ଆନ୍ଦୋଳନ ସମୟର ଘଟଣା ସହ ଜଡ଼ିତ। ପୁଲିସ ପକ୍ଷରୁ ତୁରନ୍ତ ବିସ୍ତୃତ ଆଧିକାରିକ ବିବୃତି ମିଳି ନ ଥିଲେ ମଧ, ଜଣେ ପୁଲିସ ଅଧିକାରୀଙ୍କ ଅନୁସାରେ ପ୍ରଧାନଙ୍କ ବିରୋଧରେ ପୁରୁଣା ଗିରଫ ପରୱାନା ଥିଲା ଏବଂ ତାଙ୍କୁ ଶନିବାର କୋର୍ଟରେ ହାଜର କରାଯିବ।

ନନ୍ଦୀଗ୍ରାମର ଏହି ଘଟଣାକୁ ନେଇ କଂଗ୍ରେସ ଓ ମମତା ଗୋଷ୍ଠୀ ପକ୍ଷରୁ ପ୍ରଶ୍ନ ଉଠାଯାଇଛି। ପୁଲିସ ସୂତ୍ର ଅନୁସାରେ ଗିରଫଦାରିଟି ନିର୍ବାଚନ ସହ ଜଡ଼ିତ ନୁହେଁ, ବରଂ ପୁରୁଣା ଲମ୍ବିତ ପରୱାନା ଆଧାରରେ ହୋଇଛି। ଏହି ଦୁଇ ଭିନ୍ନ ଦାବି ମଧ୍ୟରେ ମାମଲାଟି ରାଜନୈତିକ ଚର୍ଚ୍ଚାର କେନ୍ଦ୍ର ପାଲଟିଛି। ଅକ୍ଟୋବର ୬ରେ ନନ୍ଦୀଗ୍ରାମ ଓ ରେଜିନଗରରେ ଉପନିର୍ବାଚନ ହେବାକୁ ଥିବାବେଳେ ୯ ତାରିଖରେ ଭୋଟ ଗଣତି ହେବ। ଏହା ପୂର୍ବରୁ ତୃଣମୂଳର ନାମ-ଚିହ୍ନ ବିବାଦ, ନନ୍ଦୀଗ୍ରାମରେ ପ୍ରାର୍ଥୀ ପ୍ରତ୍ୟାହାର, କଂଗ୍ରେସକୁ ସମର୍ଥନ ଓ ପରେ ମିଳନ ପ୍ରଧାନଙ୍କ ଗିରଫଦାରି ପଶ୍ଚିମବଙ୍ଗର ଉପନିର୍ବାଚନ ରାଜନୀତିକୁ ଆହୁରି ଜଟିଳ କରିଛି। ତେବେ ତୃଣମୂଳର ମୂଳ ନାମ ଓ ପାରମ୍ପରିକ ଚିହ୍ନ ଉପରେ ଚୂଡ଼ାନ୍ତ ଅଧିକାର କେଉଁ ଗୋଷ୍ଠୀର ରହିବ, ସେନେଇ ନିର୍ବାଚନ କମିଶନଙ୍କ ଅନ୍ତିମ ନିଷ୍ପତ୍ତି ଅପେକ୍ଷାରେ ରହିଛି।

### ଆଜି ସୃଷ୍ଟି ହେବ...

ଜିଲ୍ଲାକୁ ପ୍ରବଳ ବର୍ଷା ଜନିତ ଚେତାବନୀ ଜାରି କରାଯାଇଛି। ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି, ଉତ୍ତର ଆଣ୍ଡାମାନ ସାଗର ଓ ନିକଟବର୍ତ୍ତୀ ଅଞ୍ଚଳରେ ବାଦଲ ଅଧିକ ଘନୀଭୂତ ହେବାରେ ଲାଗିଛି। ୧୯ ସେପ୍ଟେମ୍ବର ବେଳକୁ ଏଠାରେ ଏକ ଲଘୁଚାପ ସୃଷ୍ଟି ହୋଇ ପରେ ଆହୁରି ଘନୀଭୂତ ହୋଇପାରେ। ବିଶ୍ୱ ଓ ଭାରତୀୟ ପାଣିପାଗ ମଡେଲ୍ର ଆକଳନ ଅନୁସାରେ, ଲଘୁଚାପ ସୃଷ୍ଟି ହେବା ପରେ ଏହା ଧୀରେ ଧୀରେ ଶକ୍ତିଶାଳୀ ହୋଇ ଅବପାତ ହେବାର ସମ୍ଭାବନା ବଢ଼ୁଛି। ପରେ ଏହା ଗଭୀର ଅବପାତରେ ପରିଣତ ହୋଇପାରେ। ଆହୁରି ଶକ୍ତିଶାଳୀ ହୋଇ ବାତ୍ୟା ହେବାର ସମ୍ଭାବନାକୁ ମଧ ଏବେ ସୁଦ୍ଧା ବାଦ୍ ଦିଆଯାଇପାରୁ ନାହିଁ। କିନ୍ତୁ ଏଥିରେ ସମସ୍ତ ମଡେଲ୍ ଏପର୍ଯ୍ୟନ୍ତ ଏକମତ ହୋଇନାହାନ୍ତି। ବିଭିନ୍ନ ମଡେଲ୍ର ଆକଳନ ମଧ୍ୟରେ ପାର୍ଥକ୍ୟ କମୁଛି, କିନ୍ତୁ କେଉଁ ସ୍ଥାନରେ ଏହା ଉପକୂଳ ଅତିକ୍ରମ କରିବ ତାହା ଏପର୍ଯ୍ୟନ୍ତ ସ୍ଥିର ହୋଇନାହିଁ। ଏହା ଗଭୀର ଅବପାତରେ ସୀମିତ ରହିବ କି ବାତ୍ୟାର ରୂପ ନେବ, ସେଥିରେ ମଧ ଅନିଶ୍ଚିତତା ରହିଛି। ତେବେ ଏହି ଲଘୁଚାପ ଯୋଗୁଁ ୨୨ ପରେ ରାଜ୍ୟରେ ବର୍ଷା ବଢ଼ିବ। ୨୩-୨୫ ସେପ୍ଟେମ୍ବରରେ ବର୍ଷାର ପରିମାଣ ସବୁଠୁ ଅଧିକ ରହିବ। ଗତିପଥ ଉତ୍ତର ଆଡ଼କୁ ରହିଲେ ଉପକୂଳ, ଉତ୍ତର ଉପକୂଳ ଓ ଏହାକୁ ଲାଗିଥିବା ଆଭ୍ୟନ୍ତରୀଣ ଜିଲ୍ଲାଗୁଡ଼ିକରେ ଅଧିକ ବର୍ଷାର ସମ୍ଭାବନା ବଢ଼ିବ। ଗତି ଧୀର ହେଲେ ୨୫-୨୬ ସେପ୍ଟେମ୍ବର ପର୍ଯ୍ୟନ୍ତ ମଧ ପ୍ରଭାବ ରହିପାରେ। କେଉଁ ଜିଲ୍ଲାରେ କେତେ ବର୍ଷା ହେବ, ତାହା ଶେଷ ଗତିପଥ ଉପରେ ନିର୍ଭର କରିବ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି।

ଅନ୍ୟପଟେ ଏବେ ଓଡ଼ିଶା ଉପରେ ଗୋଟିଏ ଟ୍ରଫ୍ ଲାଇନ୍ ରହିଛି। ଏହା ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ମେଘୁଆ ପାଗ ସାଙ୍ଗକୁ ବିଜୁଳି ଘଡ଼ଘଡ଼ି ସହ ବର୍ଷା ଅନୁଭୂତ ହେଉଛି। ଶୁକ୍ରବାର ବାରିପଦାରେ ୬୫ ମିମି ବର୍ଷା ହୋଇଥିବା ବେଳେ ଦାରିଙ୍ଗବାଡ଼ି ୩୮, ଭଦ୍ରକ ୪୩, ଚାନ୍ଦବାଲିରେ ୨୯ ଓ କଟକରେ ୧୪ ମିମି ବର୍ଷା ରେକର୍ଡ କରାଯାଇଛି। ଶନିବାର ମଧ ଅନେକ ସ୍ଥାନରେ ସମାନ ସ୍ଥିତି ଜାରି ରହିବ ବୋଲି ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି। କେନ୍ଦୁଝର ଓ ମୟୂରଭଞ୍ଜରେ ବର୍ଷାର ପ୍ରଭାବ ସବୁଠୁ ଅଧିକ ରହିବ ବୋଲି ପାଣିପାଗ କେନ୍ଦ୍ର କହିଛି।

### ବାଚସ୍ପତିଙ୍କୁ ହାଇକୋର୍ଟଙ୍କ...

ଆବେଦନକାରୀ ଅଭିଯୋଗ କରିଛନ୍ତି। ଅଭିଯୋଗ ଉପରେ ଉପଯୁକ୍ତ ଭାବେ ଶୁଣାଣି ନ କରି, ଆବେଦନକାରୀଙ୍କୁ ପକ୍ଷ ରଖିବାକୁ ସୁଯୋଗ ନ ଦେଇ ଏଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଂଗ ସଂପର୍କିତ ପିଟିସନ ଖାରଜ କରାଯିବା ଆଇନ ଅନୁସାରେ ଗ୍ରହଣୀୟ ନୁହେଁ ଆବେଦନକାରୀ ହାଇକୋର୍ଟଙ୍କ ନିକଟରେ ପିଟିସନ ଦାଖଲ କରି ଓଡିଶା ବିଧାନସଭା ସଚିବାଳୟର ୨୦୨୬ ଜୁନ ୧୯ର ବିଜ୍ଞପ୍ତିକୁ ରଦ୍ଦ ପାଇଁ ଅନୁରୋଧ କରିଛନ୍ତି। ଏହି ମାମଲାରେ ଓଡିଶା ବିଧାନସଭା ବାଚସ୍ପତି, ସଚିବ ଓ ବିଧାୟକଙ୍କୁ ପକ୍ଷଭୁକ୍ତ କରାଯାଇଛି। ଆବେଦନକାରୀଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ମିଳନ କାନୁନଗୋ ମାମଲା ପରିଚାଳନା କରୁଥିବା ବେଳେ ଆଶିଷ କୁମାର ମିଶ୍ର ମାମଲା ସହାୟତା କରୁଛନ୍ତି।

### ବନ୍ଧାହେଲେ ଅତିରିକ୍ତ...

ଅବିବାହିତ। ସେ ପରିବହନ ବିଭାଗରେ କାର୍ଯ୍ୟରତ ଅଛନ୍ତି। ତାଙ୍କୁ ଅରୁଣ ଭୟଭୀତ କରାଇ ଧମକ ଦେଇ ଶାରୀରିକ ସମ୍ପର୍କ ରଖିଥିବା ଅଭିଯୋଗ ହୋଇଛି। ଗୁରୁବାର ବିଳମ୍ବିତ ରାତିରେ ଯୁବତୀଙ୍କ ଘରେ ପଶି ଶ୍ରୀ ବିଶ୍ୱାଳ ପୀଡ଼ିତାଙ୍କ ସହ ଅସଦାଚରଣ କରିଥିବା ନେଇ ଯୁବତୀ ଜଣକ ଖାରବେଳନଗର ଥାନାରେ ଏତଲା ଦେଇଛନ୍ତି। ଏତଲାକୁ ଆଧାର କରି ପୁଲିସ ମାମଲା (ନଂ.୬୫୭/୨୦୨୬) ରୁଜୁ କରି ତଦନ୍ତ ଜାରି ରଖିଛି। ଘଟଣାସ୍ଥଳରେ ସିସିଟିଭି ଫୁଟେଜ, ଅନ୍ୟାନ୍ୟ ଡିଜିଟାଲ ପ୍ରମାଣ, ସାକ୍ଷୀମାନଙ୍କ ବୟାନ ରେକର୍ଡ କରାଯାଉଛି ବୋଲି ଆଇଆଇସି କହିଛନ୍ତି। ଅନ୍ୟପକ୍ଷରେ ଶ୍ରୀ ବିଶ୍ୱାଳଙ୍କ ଓକିଲ କହିଛନ୍ତି ଏହା ସମ୍ପୂର୍ଣ୍ଣ ଏକ ବ୍ଲାକ୍ ମେଲିଂ ମାମଲା। ତାଙ୍କ ମହକିଲଙ୍କୁ ଏଥିରେ ଫସାଯାଉଛି ବୋଲି କହିଛନ୍ତି। ସେପଟେ ଯୁବତୀଙ୍କ ଡାକ୍ତରୀ ମାଇନା କରାଯିବା ସହ ମାଜିଷ୍ଟ୍ରେଟ୍ଙ୍କ ସାମ୍ନାରେ ବୟାନ ରେକର୍ଡ କରାଯାଇଛି।

### ନରାଜରେ ହେବ...

ଏହି ସମ୍ମିଳନୀ ଅବସରରେ ରାଜ୍ୟ ସରକାର ପ୍ରାୟ ୨୩୬୦୦ କୋଟି ଟଙ୍କାର ନିବେଶ ପ୍ରସ୍ତାବ ପାଇଛନ୍ତି, ଯାହାଦ୍ୱାରା ପ୍ରାୟ ୬,୧୦୦ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହା ସହିତ ସିଲିକନ୍ କାର୍ବାଇଡ୍ ସବଷ୍ଟ୍ରେଟ୍ ୱାଫର ପ୍ରସ୍ତୁତି ପାଇଁ 'କ୍ୱାଡକ୍ୱାଣ୍ଟମ' ସଂସ୍ଥା ସହ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ନୂଆଦିଲ୍ଲୀରେ ଚାଲିଥିବା ଏହି ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ଜାପାନ, ସ୍ୱିଡେନ୍ ଏବଂ ତାଇୱାନର ଆନ୍ତର୍ଜାତୀୟ ପ୍ରତିନିଧି ଦଳ ସହ ଗୁରୁତ୍ୱପୂର୍ଣ୍ଣ ବୈଠକ କରିଛନ୍ତି। ଏହାବ୍ୟତୀତ ଲ୍ୟାମ୍ ରିସର୍ଚ୍ଚ, ଆପ୍ଲାଏଡ୍ ମେଟେରିଆଲ୍ସ, ସିକ ସେମ୍, ଥ୍ରୀ-ଡି ଗ୍ଲାସ୍ ସୋଲୁସନ ଏବଂ ସାଇଏଣ୍ଟ ଭଳି ପ୍ରମୁଖ ବିଶ୍ୱସ୍ତରୀୟ କମ୍ପାନିଗୁଡ଼ିକର ଅଧିକାରୀମାନେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଆଲୋଚନା କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ 'ସେମିକନ୍ ଇଣ୍ଡିଆ ୨୦୨୬'ରେ ଶିଳ୍ପ ଜଗତର ଅଗ୍ରଣୀ ବ୍ୟକ୍ତିବିଶେଷଙ୍କ ସହ ଆମର ଆଲୋଚନା ଏହି ଗତିକୁ ଆହୁରି ଆଗକୁ ବଢ଼ାଇବା ଏବଂ ଓଡ଼ିଶାକୁ ପରବର୍ତ୍ତୀ ପର୍ଯ୍ୟ?ାୟର ସେମିକଣ୍ଡକ୍ଟର ନିବେଶ ଆଣିବା ଉପରେ କେନ୍ଦ୍ରୀଭୂତ ରହିଛି। ମୁଖ୍ୟମନ୍ତ୍ରୀ ଓଡ଼ିଶା ପାଭିଲିୟନକୁ ଯାଇ ଏଠାରେ ପ୍ରଦର୍ଶିତ ହୋଇଥିବା "ସାଣ୍ଡ ଟୁ ସିଲିକନ୍' (ବାଲିରୁ ସିଲିକନ୍) ପ୍ରଦର୍ଶନୀ ରାଜ୍ୟର ଏହି ନୂତନ ଯାତ୍ରାକୁ ବେଶ୍ ଆକର୍ଷଣୀୟ ଭାବେ ଉପସ୍ଥାପନ କରୁଛି ବୋଲି କହିଛନ୍ତି। ଏହା ଓଡ଼ିଶାର "ମାଇନ୍ ଇକୋନୋମି' (ଖଣି ଅର୍ଥନୀତି)ରୁ "ମାଇଣ୍ଡ ଇକୋନୋମି' (ଜ୍ଞାନ ଅର୍ଥନୀତି) ଆଡ଼କୁ ଅଗ୍ରସର ହେବାର ବୃହତ୍ତର ଦୂରଦୃଷ୍ଟି ସହିତ ମଧ ଓତଃପ୍ରୋତ ଭାବେ ଜଡ଼ିତ। ରାଜ୍ୟ ସରକାର ସେମିକଣ୍ଡକ୍ଟର ନୀତିକୁ ବିକଶିତ ଇଣ୍ଡିଆ ସେମିକଣ୍ଡକ୍ଟର ମିଶନ ୨.୦ ସହିତ ସମନ୍ୱୟ ରକ୍ଷା କରିବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛନ୍ତି। ଏହାର ସେମିକଣ୍ଡକ୍ଟର ନୀତିର ସଦ୍ୟତମ ତୃତୀୟ ସଂଶୋଧନ ମାଧ୍ୟମରେ ସେମିକଣ୍ଡକ୍ଟର ଶିଳ୍ପ ପ୍ରତିଷ୍ଠା ପାଇଁ ସହାୟତାକୁ ଆହୁରି ବ୍ୟାପକ କରାଯାଇଛି।

ଏହି ସଂଶୋଧନ ଜରିଆରେ ଓଡ଼ିଶା ପକ୍ଷରୁ ସେମିକଣ୍ଡକ୍ଟର ଉପକରଣ ତିଆରି, ସେମିକଣ୍ଡକ୍ଟର-ଗ୍ରେଡ୍ ଗ୍ୟାସ୍, କଞ୍ଚାମାଲ ଏବଂ ଯୋଗାଣ ଶୃଙ୍ଖଳା ବିଭାଗରେ ଓଝଗ-ଅନୁମୋଦିତ ପ୍ରକଳ୍ପଗୁଡ଼ିକୁ ୨୫ ପ୍ରତିଶତ ଅତିରିକ୍ତ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି। ବର୍ତ୍ତମାନର ନୀତିଗତ ବ୍ୟବସ୍ଥା ଅଧୀନରେ ୱାର୍କଫୋର୍ସର ଦକ୍ଷତା ବୃଦ୍ଧି, ଇଣ୍ଟର୍ନସିପ୍, ଆନ୍ତର୍ଜାତୀୟ ପେଟେଣ୍ଟ ଏବଂ ଗବେଷଣା ତଥା ବିକାଶ ପାଇଁ ମଧ ସହାୟତା ଯୋଗାଇ ଦିଆଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ କହିଛନ୍ତି, ଆମେ ବିଶେଷଜ୍ଞ ପ୍ରତିଭା (ଟ୍ୟାଲେଣ୍ଟ) ନିର୍ମାଣ ଏବଂ କମ୍ପାନିଗୁଡ଼ିକୁ ରାଜ୍ୟରେ ସେମାନଙ୍କର କାର୍ଯ୍ୟ ଆରମ୍ଭ କରିବା ଓ ସେଗୁଡ଼ିକୁ ଆହୁରି ବଢ଼ାଇବା ପାଇଁ ଆବଶ୍ୟକ ସମସ୍ତ ଅନୁକୂଳ ପରିସ୍ଥିତି ସୃଷ୍ଟି କରିବାରେ ନିବେଶ କରୁଛୁ। 'ସେମିକନ୍ ଇଣ୍ଡିଆ ୨୦୨୬' ରେ ଓଡ଼ିଶା ଏକ ଅଗ୍ରଣୀ ସେମିକଣ୍ଡକ୍ଟର ହବ୍ ଭାବେ ନିଜକୁ ପ୍ରତିଷ୍ଠା କରୁଛି, ଯାହା ଏକ "ବିକଶିତ ଭାରତ ପାଇଁ ସମୃଦ୍ଧ ଓଡ଼ିଶା' ଗଠନ ଦିଗରେ ଏକ ନୂତନ ଅଧ୍ୟାୟ ଯୋଡ଼ିଛି।


13001/1863/2627

**ଯାଜପୁର ପୌର ପରିଷଦ କାର୍ଯ୍ୟାଳୟ, ଯାଜପୁର**
**OFFICE OF THE MUNICIPAL COUNCIL: JAJPUR**
At/PO/Dist- Jajpur (Odisha), Pin-755001
E-mail: jajpur.m.1869@gmail.com, Phone No. 06728-222073

No. 3498 JM. Dated. 18 . 09 . 2026

**EXPRESSION OF INTEREST (EOI)**

Jajpur Municipality invites EOI from experienced, competent and eligible Agencies / Suppliers / Bidders for supply and installation of the different items as mentioned below for Kusuma Park.

| Sl. No. | Name of the item required |
|---|---|
| 1 | Repairing & Renovation of Tensile Canopy |

The Quotation Paper will be available at Works Section of Jajpur Municipality @ Rs. 6000.00 (Rupees Six Thousand) only per each schedule from Dt. 18.09.2026 11.00 A.M. to Dt. 29.09.2026 of 3.00 P.M (within working days & Office hours). The Quotation Paper will be received up to 5.00 P.M of Dt.29.09.2026. The Quotation Paper will be opened on Dt.30.09.2026 at 11.00 A.M in presence of the Quotationers or their Authorised representatives. The Quotation documents can be seen in our Office Website "www.jajpurmunicipality.co.in".

Any other clarifications regarding EOI may contact Works Section of Jajpur Municipality.

The Authority reserves the right to accept, reject or cancel any or all the Quotations without assigning any reason thereof.

Executive Officer,
Jajpur Municipality

OIPR-13001/13171/1/26-27/0009

**OFFICE OF THE SUPERINTENDING ENGINEER POTTERU IRRIGATION DIVISION, BALIMELA**
**e-mail Id : eepid78@gmail.com**
**e-Procurement Notice No.- SE-PID-BML-06/2026-27**

32001/881/2627

1. Type of Works : System Improvement Works
2. Total No. of Works : Twenty (20) Nos.
3. Estimated Cost : Varies From 8.74 Lakh to 19.94 Lakh
4. Period of Completion : Four (4) Calender Months

| Procurement Officer | Bid Identification No. | Bid Amount (Rs. In Lakhs) | Availability & Submission of Bids - on line |
|---|---|---|---|
| Superintending Engineer, Potteru Irrigation Division, Balimela, Malkangiri | SE-PID-BML-06(1)/2026-27 to SE-PID-BML-06(20)/2026-27 | Varies from Rs. 8.74 Lakh to Rs. 19.94 Lakh | From 21.09.2026 10.00 A.M. to 30.09.2026 5.00 P.M. |

Date of opening of the Technical Bid: - 01.10.2026 at 11.00 A.M
Further details can be seen from the Govt. Website www.tendersodisha.gov.in

Superintending Engineer
Potteru Irrigation Division,
Balimela

OIPR-32001/32052/1/26-27/0017

34001/808/2627

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**GANJAM[R&B]DIVISION NO.I BERHAMPUR.**
Phone/Fax:(0680) 2233683,e-mail :eernb1_bam@yahoo.com
"e" Procurement Notice

Bid Identification No.SE R&B Divn. No.I Bam. 20/ 2026-27 Lr. No. 8519 dtd..07.09.2026

| | | |
|---|---|---|
| Name of work | : | Civil Works. |
| No of works | : | (5) No's |
| Estimated Cost | : | Approximately Rs. 57.36 to 91.74 Lakh |
| Period of completion. | : | 3 (Three)month,5(Five) month |
| Date and time of Availability of bid document in the portal. | : | From 10.00 hours of 18.09.2026 to 16.00 hours of 24.09.2026. |
| Last date / time for receipt of bids in the portal | : | Upto 16.00 hours of 24.09.2026. |
| Name & address of the Officer Inviting Bid | : | SuperintendingEngineer, Ganjam(R&B)Division No.I, Berhampur. |

Further details can be seen from the e-Procurement portal https://tendersodisha.gov.in

Superintending Engineer,
Ganjam(R&B)Division No.I
Berhampur

OIPR-34001/34109/1/26-27/0021

19001/252/2627

**ବ୍ଲକ ସ୍ତରୀୟ ସାମାଜିକ ସମୀକ୍ଷା ଜନ ଶୁଣାଣି ବିଜ୍ଞାପନ**

ଏତଦ୍ୱାରା ଗଜପତି ଜିଲ୍ଲାର ଗ୍ରାମାଞ୍ଚଳରେ ବସବାସ କରୁଥିବା ଜନସାଧାରଣଙ୍କୁ ଜଣାଇ ଦିଆଯାଉଛି କି ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (MGNREGS)2025-26(2nd cycle) ଆର୍ଥିକ ବର୍ଷର, ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି ପାଇଁ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ପ୍ରକାରେ ଦିନ ଧାର୍ଯ୍ୟ କରାଯାଇଛି । ଏହି ଜନଶୁଣାଣି କାର୍ଯ୍ୟକ୍ରମରେ ସମସ୍ତ ଜନସାଧାରଣ ଅନୁକୁଶଳୀ ଶ୍ରମିକ ହିତାଧିକାରୀ ଯୋଜନା ସହିତ ସମ୍ପୃକ୍ତ ଥିବା ସଂଗଠନ ବିଭିନ୍ନ ସରକାରୀ ବିଭାଗ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ତ୍ରି- ସ୍ତରୀୟ ପଞ୍ଚାୟତିରାଜ ନିର୍ବାଚିତ ପ୍ରତିନିଧୀଙ୍କୁ ଉପସ୍ଥିତ ରହିବାକୁ ଅନୁରୋଧ ।

ଗଜପତି ଜିଲ୍ଲା ପ୍ରଶାସନ ତରଫରୁ ଆପଣମାନଙ୍କୁ ଅନୁରୋଧ କରାଯାଉଛି କି ଏହି ବ୍ଲକ ସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି କାର୍ଯ୍ୟକ୍ରମରେ ଯୋଗଦାନ କରି ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (MGNREGS) ର କାର୍ଯ୍ୟକାରିତାରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱକୁ ସୁନିଶ୍ଚିତ କରିବା ଏବଂ ଯୋଜନାକୁ ସଫଳତାର ସହିତ ଆଗେଇ ନେବା ପାଇଁ ଆପଣମାନଙ୍କ ସହଭାଗିତା ବହୁମୂଲ୍ୟ ମତାମତ ଓ ଆପତ୍ତି ଅଭିଯୋଗ ଉପସ୍ଥାପନା କରିବା ହେବେ ।

| କ୍ରମିକ ସଂଖ୍ୟା | ପଞ୍ଚାୟତ ସମିତିର ନାମ | ତାରିଖ (ସମୟ ପୂର୍ବାହ୍ନ ୧୧:୦୦ ଘଣ୍ଟା) | ସ୍ଥାନ | କେଉଁ ପଦାଧିକାରୀ ଅଧକ୍ଷତା କରିବେ |
|---|---|---|---|---|
| ୧ | ଆର. ଉଦୟଗିରି | ୨୪.୦୯.୨୦୨୬ | ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସର, ଆର. ଉଦୟଗିରି | ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), ଗଜପତି |
| ୨ | ଗୁମ୍ମା | ୧୯.୦୯.୨୦୨୬ | ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସର, ଗୁମ୍ମା | ମୁଖ୍ୟ ଉନ୍ନୟନ ଅଧିକାରୀ -ତଥା-କାର୍ଯ୍ୟନିର୍ବାହୀ ଅଧିକାରୀ, ଜି.ପ, ଗଜପତି |
| ୩ | ନୂଆଗଡ | ୨୩.୦୯.୨୦୨୬ | ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସର, ନୂଆଗଡ | ଅତିରିକ୍ତ ଜିଲ୍ଲାପାଳ (ସାଧାରଣ), ଗଜପତି |
| ୪ | ଗୋଶାଣି | ୧୮.୦୯.୨୦୨୬ | ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସର, ଗୋଶାଣି | ଅତିରିକ୍ତ ଜିଲ୍ଲାପାଳ (ସାଧାରଣ), ଗଜପତି |
| ୫ | ମୋହନା | ୧୭.୦୯.୨୦୨୬ | ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସର, ମୋହନା | ଉପ-ଜିଲ୍ଲାପାଳ ପାରଳାଖେମୁଣ୍ଡି |
| ୬ | ରାୟଗଡ | ୨୨.୦୯.୨୦୨୬ | ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସର, ରାୟଗଡ | ଉପ-ଜିଲ୍ଲାପାଳ ପାରଳାଖେମୁଣ୍ଡି |
| ୭ | କାଶୀନଗର | ୨୫.୦୯.୨୦୨୬ | ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସର, କାଶୀନଗର | ଅତିରିକ୍ତ ନିର୍ବାହୀ ଅଧିକାରୀ, ଜି.ପ. ଗଜପତି |

ଜିଲ୍ଲାପାଳ-ତଥା-କାର୍ଯ୍ୟନିର୍ବାହୀ
ଅଧିକାରୀ, ଜିଲ୍ଲା ପରିଷଦ, ଗଜପତି

OIPR-19001/19364/1/26-27/0001

**ଡକ୍ୟୁମେଣ୍ଟ ହଜିଛି**

ମୁଁ, ପ୍ରଣତି ମହାରାଣା, ସ୍ୱାମୀ - ପ୍ରମୋଦ ମହାରାଣା, ବୟସ ୩୫ ବର୍ଷ, ସା/ପୋ - ଡାଲକା, ଜିଲ୍ଲା - ଢେଙ୍କାନାଳ, ଓଡ଼ିଶା - ୭୫୯୦୨୭, ଏତଦ୍ୱାରା ଗମ୍ଭୀରତାର ସହ ଘୋଷଣା କରୁଛି ଯେ, ମୌଜା - ଢେଙ୍କାନାଳ ସହର, ଥାନା - ଢେଙ୍କାନାଳ ସଦର, ଜିଲ୍ଲା - ଢେଙ୍କାନାଳ ଅନ୍ତର୍ଗତ ଖାତା ନଂ- ୩୪୭୦/୫୯୦୧, ପ୍ଲଟ୍ ନଂ- ୪୩୯୬/୬୮୨୫/୨୧୦୪୧ (କ୍ଷେତ୍ରଫଳ ୦.୦୫ ଡିସିମିଲ୍) ଏବଂ ପ୍ଲଟ୍ ନଂ- ୪୩୯୬/୬୮୨୫/୨୦୯୭୫ (କ୍ଷେତ୍ରଫଳ ୦.୦୫ ଡିସିମିଲ୍), ଅର୍ଥାତ୍ ମୋଟ ୦.୧୦ ଡିସିମିଲ୍ ଜମି, ଯାହା ମୁଁ (ପ୍ରଣତି ମହାରାଣା) ରଞ୍ଜୁବାଳା ବେହେରାଙ୍କ ଠାରୁ ୧୩.୦୮.୨୦୨୫ ତାରିଖର ଦଲିଲ୍ ନଂ- ୧୦୫୦୨୫୦୩୭୦୫ ମାଧ୍ୟମରେ କ୍ରୟ କରିଥିଲି ଏବଂ ଯାହା ମୋ ଦଖଲରେ ରହିଛି, ତାହା ହେଉଛି, ପୂର୍ଣ୍ଣପ୍ରଭା ନାୟକଙ୍କ ସପକ୍ଷରେ ପୂର୍ବ ମୂଳ RSD ଲେଖା ସଂଖ୍ୟା-୧୦୫୦୧୦୫୩୧୧ ତାରିଖ ୦୨.୦୮.୨୦୧୦, ସ୍ୱେତାଲିନା ମହାନ୍ତିଙ୍କ ସପକ୍ଷରେ ମୂଳ R S D ଲେଖା ସଂଖ୍ୟା-୪୨୮୦ ତାରିଖ ୦୭.୧୦.୨୦୦୬,ଉକ୍ତ ଜମି ସମ୍ବନ୍ଧୀୟ ଅଜିତ୍ କୁମାର ପଟ୍ଟନାୟକଙ୍କ ନାମରେ ଥିବା ମୂଳ R S D ( ନଂ- 4811, ତାରିଖ- 21.11.2006), 15.09.2026 ରିଖ ସକାଳ 10ଟା ସମୟରେ ଘରୁ ଢେଙ୍କାନାଳ ବସ୍ ଷ୍ଟାଣ୍ଡ (ପିନ୍- 759001)କୁ ଯିବା ବାଟରେ କେଉଁଠାରେ ହଜିଯାଇଛି। ବହୁତ ଖୋଜାଖୋଜି କରିବା ସତ୍ତ୍ୱେ ମଧ ଏହା ମିଳିପାରିନାହିଁ ଏବଂ ଏହା ଆଉ ଉଦ୍ଧାର କରିବା ସମ୍ଭବ ନୁହେଁ। ଯେ କୌଣସି ପକ୍ଷଙ୍କୁ ଏହି ନୋଟିସ ପ୍ରକାଶନ ର 15 ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରିତ ଭାବରେ ତାଙ୍କର ଦାବି ଦାଖଲ କରିବାକୁ ପଡିବ। ଏପରି ନ ହେଲେ ଏହା ଧରି ନିଆଯିବ ଯେ ଉକ୍ତ ଡକୁମେଣ୍ଟ ଗୁଡିକ ସହିତ ଜଡିତ ସମ୍ପତି ଭାରାମୁକ୍ତ ଏବଂ ଆବେଦନ କାରୀ ଏବଂ ବନ୍ଧକ ଭାବରେ କମ୍ପାନୀ ବିରୁଦ୍ଧରେ ଏହି ନୋଟିସ ପ୍ରକାଶନ ର **15ଦିନ** ବିତିବା ପରେ ଏହା ସମ୍ପର୍କର ଯେ କୌଣସି ଦାବି ଗ୍ରହଣ କରାଯିବ ନାହିଁ । ଯଦି କୌଣସି ବ୍ୟକ୍ତି ଉପରୋକ୍ତ ହଜି ଯାଇଥିବା ଡକୁମେଣ୍ଟ (କାଗଜ ପତ୍ର) ପାଆନ୍ତି ତେବେ ଦୟାକରି ଏହି ମୋବାଇଲ ନମ୍ବର ରେ ଯୋଗାଯୋଗ କରନ୍ତୁ।

ଅଶ୍ୱିନୀ ଦେବତା (ଆଡଭୋକେଟ୍)
ମୋ: ୦୮୩୨୮୯୭୯୦୭୭

**LOST OF DOCUMENT**

Notice is hereby given that the documents Original Sale Deed bearing Registration No. 05775/1990 has been lost/misplaced at Kataka and not traceable yet. The report of the same has been lodged at the Lalbag Police Station, Kataka on 10/09/2026 vide report no.G.D.No.-001/26. If found, kindly inform to Mrs. Gayatri Devi Singhania, W/o: Ram Gopal Singhania, Resident of at: Parekh complex, Kazi Bazar, PO: Chandin Chowk, PS: Lalbag, Kataka-753002, Odisha, Mobile No.-7749830998, Date: 11/09/2026

**NOTICE FOR MINOR**

By virtue of an affidavit sworn before Court of Executive Magistrate,Anandapur dated-18/09/2026 Bhima Majhi, Address At/Po- Raighati ,Ps-Soso, Dist-Keonjhar,Pin-758078 Odisha declare that I have Changed the name of my daughter from Sanami Majhi to Salami Majhi. Henceforth,She shall be known as **Salami Majhi** for all Purposes.

**FOR SALE**

1 Number of TATA INTRA V30, Registration No.- OD-09-Y-7126, Model- 2023, ENGINE NO – 15CR09EWXS62863, CHASSIS NO - MAT535324PYE23321, For Details, contact –8895219438, SUNDARAM FINANCE LTD., 2ND FLOOR, PLOT NO 454 & 518, NH-6, MADHAPUR, IN FRONT OF MOCHIBANDHA HIGH SCHOOL, KEONJHAR, KENDUJHAR - 758001.

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no -1090, dated 11-09-2026, I, AMAR BISSOYI, S/o - Bhaskar Bissoyi, permanent resident of Village - Taragam, PO - Taragam, PS - Nabarangpur, Dist - Nabarangpur, Odisha, Pin - 764059, declare that I have changed the name of my Son from PRABUNPRATIK BISOI to PRAGUN PRATIK BISSOYI. Henceforth, he shall be known as **PRAGUN PRATIK BISSOYI** for all purposes.

Sd/- Amar Bissoyi

**AFFIDAVIT**

By virtue of an affidavit sworn before the Notary Public, Sonepur, dtd.11.09.2026, I, BARSHARANI MAHAKUR, Village Pudapali, P.O. Barpada, P.S. Bheden, Dist. Bargarh, Odisha, PIN-768104, do hereby declare that I have changed my name from BARSHARANEE MAHAKUR to BARSHARANI MAHAKUR. Henceforth, I shall be known as **BARSHARANI MAHAKUR** for all purposes.

Sd/- BARSHARANI MAHAKUR

**AFFIDAVIT**

By virtue an affidavit sworn before excutive magistrate, affidavit No -94,dated-18.09.2026, Bhubaneswar.I, Anarashi Raman,s/o-Anarashi Satyanarayan Patra , resident of At- Anand villa- C-16, Palaspalli, Aerodrum Area, Bhubaneswar, pin - 751020, Odisha, declare that I have changed my name from Anarasi Raman and A. Raman to Anarashi Raman .Henceforth ,I shall be known as **Anarashi Raman** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no -1206, dated 11-09-2026, I, MANDAR NAYAK, S/o - Dhansingh Nayak, permanent resident of Village - Chercheta, PO - Chercheta, PS - Papadahandi, Dist - Nabarangpur, Odisha, Pin - 764071, declare that I have changed the name of my Son from SUKAR NAYAK to SUPARSAI NAYAK. Henceforth, he shall be known as **SUPARSAI NAYAK** for all purposes.

Sd/- Mandar Nayak

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no -1089, dated 11-09-2026, I, PARBATI KEUTA, W/o - Late. Durjan Keuta, permanent resident of Village - Sanamasigam, PO - Sanamasigam, PS - Nabarangpur, Dist - Nabarangpur, Odisha, Pin - 764063, declare that I have changed the name of my Daughter from KISHORE KEUTO to KESHARI KEUTA. Henceforth, she shall be known as **KESHARI KEUTA** for all purposes.

Sd/- Parbati Keuta

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no -1065, dated 08.09.2026 I, REBATI JANI, D/o - Meta Jani & W/o - Gurubandhu Jani, permanent resident of Village - Murlabai, PO - Jhadabandhaguda, PS - Khatiguda, Dist - Nabarangpur, Odisha, Pin - 764078, declare that I have changed my name from RANJIT BAGH to REBATI JANI. Henceforth, I shall be known as **REBATI JANI** for all purposes.

Sd/-Rebati Jani

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no -1070, dated 09.09.2026, I, SANGEETA SUNA, W/o - Niran Kumar Suna, permanent resident of - Gadabaguda, Nabarangpur, PO/PS/Dist - Nabarangpur, Odisha, Pin - 764059, declare that I have changed my name from SANGEETA UJE to SANGEETA SUNA. Henceforth, I shall be known as **SANGEETA SUNA** for all purposes.

Sd/-Sangeeta Suna

**AFFIDAVIT**

By virtue of an affidavit no.1102 sworn before the Executive Magistrate, Nabarangpur, dtd.18.09.2026, I, SUNITA PARIDA, W/o- Monoranjan Parida, At: Pujari Street, PO/PS/Dist.: Nabarangpur, PIN-764059, do hereby declare that I have changed my name from SUNITA PRADHAN to SUNITA PARIDA. Henceforth, I shall be known as **SUNITA PARIDA** for all purposes.

Sd/- Sunita Parida

**AFFIDAVIT**

By virtue of an affidavit No-311359 sworn before The Notary Public Cuttack on dtd-17/09/2026. I, **Siya J Mehta,** aged 20 year's, D/o- Jayesh Mehta and Mamta J Mehta, permanent resident of Flat No 608, Paras Plaza, Tinikonia Bagicha, Dist- Cuttack, PIN-753001, Odisha declared that I have changed my mother's name from **Mamata Meheta** (old name ) to **Mamta J Mehta** (new name). Henceforth, she shall be known as **Mamta J Mehta** for all future purposes.

Sd/- Siya J Mehta

### ସଂଶୋଧିତ ଏମ୍‌ଏମ୍‌ଡିଆର ଆଇନକୁ ବିରୋଧ

# ସୁନ୍ଦରଗଡ଼ରେ 'ଇଣ୍ଡିଆ' ମେଣ୍ଟର ବିକ୍ଷୋଭ

ରାଉରକେଲା, ୧୮।୯ (ସମିସ)

ଖଣି ଓ ଖଣିଜ (ବିକାଶ ଏବଂ ନିୟନ୍ତ୍ରଣ) ସଂଶୋଧନ ଆଇନ, ୨୦୨୬କୁ ବିରୋଧ କରି ତଥା ଏହାକୁ ତୁରନ୍ତ ପ୍ରତ୍ୟାହାର ଦାବିରେ ଶୁକ୍ରବାର ସୁନ୍ଦରଗଡ଼ ଠାରେ 'ଇଣ୍ଡିଆ' ମେଣ୍ଟ ପକ୍ଷରୁ ଏକ ବିଶାଳ ଶୋଭାଯାତ୍ରା ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଶତାଧିକ ଆନ୍ଦୋଳନକାରୀ ରାଜରାସ୍ତାକୁ ଓହ୍ଲାଇ ଏହି ସଂଶୋଧିତ ଆଇନ ବିରୋଧରେ ନାରାବାଜି କରିବା ସହ ଜନବିରୋଧୀ ଆଇନକୁ ତୁରନ୍ତ ରଦ୍ଦ କରିବାକୁ ସରକାରଙ୍କ ନିକଟରେ ଦାବି କରିଛନ୍ତି।

**ସେପ୍ଟେମ୍ବର ୨୯ରେ ବିଧାନସଭା ଘେରାଉ ଚେତାବନୀ**



ଆଜି ସୁନ୍ଦରଗଡ଼ର ଅଟଳ ଚୌକରୁ ଏକ ବିଶାଳ ଶୋଭାଯାତ୍ରା ବାହାରି ସୁନ୍ଦରଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଅଭିମୁଖେ ଯାଇଥିଲା। ସେଠାରେ ବିକ୍ଷୋଭକାରୀମାନେ ଧାରଣା ଦେଇଥିଲେ। ଯଦି ସରକାର ଏହି ସଂଶୋଧିତ ଆଇନ ପ୍ରତ୍ୟାହାର ନ କରନ୍ତି, ତେବେ ଆଗାମୀ ସେପ୍ଟେମ୍ବର ୨୯ ତାରିଖରେ ଓଡ଼ିଶା ବିଧାନସଭା ଘେରାଉ କରାଯିବା ସହ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ବିକ୍ଷୋଭକାରୀମାନେ ଚେତାବନୀ ଦେଇଛନ୍ତି। ଏହାସହ ଆଗାମୀ ଦିନରେ ସାରା ରାଜ୍ୟରେ ଖଣି ଚଳାଚଳ ସମ୍ପୂର୍ଣ୍ଣ ଠପ୍ କରାଯିବ ବୋଲି ମଧ୍ୟ ଘୋଷଣା କରାଯାଇଛି।

ଏହି ପ୍ରସଙ୍ଗରେ ଆଲୋଚନା ପାଇଁ ରାଜ୍ୟ ସରକାର ତୁରନ୍ତ ଏକ ସର୍ବଦଳୀୟ ବୈଠକ ଡକାଇବା ସହ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡକାନ୍ତୁ ବୋଲି ବିକ୍ଷୋଭକାରୀମାନେ ଦାବି ରଖିଛନ୍ତି। ଏଥିସହ କେନ୍ଦ୍ର ସରକାର ପ୍ରଭାବିତ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀମାନଙ୍କ ସହ ବିଚାରବିମର୍ଶ କରିବାକୁ ସେମାନେ ଆହ୍ୱାନ ଦେଇଛନ୍ତି। ବିକ୍ଷୋଭ ପ୍ରଦର୍ଶନରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ଭକ୍ତ ଚରଣ ଦାସ, ପ୍ରଭାରୀ ଲାଲଜୀ ଭାଇ ଦେଶାଇ, ସନ୍ତୋଷ ସିଂହ ସାଲୁଜା, ରାଜଗାଙ୍ଗପୁର ବିଧାୟକ ଡା. ସି. ଏସ୍. ରାଜନ ଏକ୍କାଙ୍କ ସମେତ 'ଇଣ୍ଡିଆ' ମେଣ୍ଟର ବହୁ ପ୍ରମୁଖ ନେତା ଓ କର୍ମୀ ଉପସ୍ଥିତ ଥିଲେ।

# ଆରପିଏଫ୍ ପକ୍ଷରୁ ବାଇକ୍ ହଟାଇବାକୁ ନେଇ ଉତ୍ତେଜନା

**ରାଉରକେଲା, ୧୮।୯ (ସମିସ):** ରାଉରକେଲା ରେଳ କର୍ତ୍ତୃପକ୍ଷଙ୍କ ମନମୁଖୀ ଶାସନରେ ଏବେ ଅତିଷ୍ଠ ହେବାକୁ ବସିଲାଣି ଲୋକେ। ଷ୍ଟେସନ ପରିସରରେ ଅଟୋ ପାର୍କିଂକୁ ରେଳ କର୍ତ୍ତୃପକ୍ଷଙ୍କ ବିରୋଧକୁ ନେଇ ବିବାଦ ଲାଗି ରହିଥିବା ବେଳେ ଗୁରୁବାର ରାତିରେ ଷ୍ଟେସନ ପରିସର ବାହାରେ



ଏକ ଛକ ନିକଟରେ ପାର୍କିଂ କରାଯାଇଥିବା ବାଇକ୍‌ଗୁଡ଼ିକୁ ରେଳ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ କ୍ରମେ ରେଳବାଇ ସୁରକ୍ଷା ବଳ (ଆରପିଏଫ୍) ପକ୍ଷରୁ ହଟାଇ ଦିଆଯିବା ପରେ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହୋଇଥିବା ଜଣାପଡ଼ିଛି।

ଆରପିଏଫ୍‌ର ଏପରି ମନମୁଖୀ କାର୍ଯ୍ୟକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର ହେଉଛି। ପୂର୍ବରୁ ଷ୍ଟେସନ ପରିସର ଭିତରେ ପାର୍କିଂ ହେଉଥିବା ବାଇକ୍‌ଗୁଡ଼ିକୁ ଆରପିଏଫ୍ ପକ୍ଷରୁ ହଟାଯାଉଥିଲା। କିନ୍ତୁ ଏବେ ଷ୍ଟେସନ ପରିସର ବାହାରେ ଥିବା ଅଞ୍ଚଳରୁ ମଧ୍ୟ ଗାଡ଼ି ହଟାଯିବାକୁ ସାଧାରଣ ଲୋକେ ବିରୋଧ କରିଛନ୍ତି। ଷ୍ଟେସନରେ ବାରମ୍ବାର ନିୟମ ଓ ବ୍ୟବସ୍ଥାରେ ପରିବର୍ତ୍ତନ ହେଉଥିବାରୁ ଯାତ୍ରୀମାନେ ଅଧିକ ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ଏକ ସ୍ଥାୟୀ ଓ ଯାତ୍ରୀ-ଅନୁକୂଳ ବ୍ୟବସ୍ଥା ଲାଗୁ କରାଯାଉ ନ ଥିବା ନେଇ ମଧ୍ୟ ବିଭିନ୍ନ ମହଲରେ ପ୍ରଶ୍ନ ଉଠିଛି। ଏପରି ସ୍ଥିତିରେ ଷ୍ଟେସନରେ ବାରମ୍ବାର ଦେଖାଦେଉଥିବା ବିବାଦର ସ୍ଥାୟୀ ସମାଧାନ ପାଇଁ ସ୍ଥାନୀୟ ବାସିନ୍ଦାମାନେ ଦାବି ଜଣାଇଛନ୍ତି। ସ୍ଥାନୀୟ ପ୍ରଶାସନ ଓ ରେଳ କର୍ତ୍ତୃପକ୍ଷ ଏହି ମାମଲାରେ ହସ୍ତକ୍ଷେପ କରି ସମସ୍ତ ପକ୍ଷ ସହ ଆଲୋଚନା ମାଧ୍ୟମରେ ବିବାଦର ସମାଧାନ କରିବା ସହ ଷ୍ଟେସନରେ ସ୍ୱାଭାବିକ ପରିସ୍ଥିତି ଫେରାଇ ଆଣିବାକୁ ସେମାନେ ଅନୁରୋଧ କରିଛନ୍ତି। ଏନେଇ ଜନପ୍ରତିନିଧି ମଧ୍ୟ ଧ୍ୟାନ ଦେଉନଥିବା ଅଭିଯୋଗ ହୋଇଛି।

### ■ ସୁନ୍ଦରଗଡ଼ କାହ୍ନାକୁଣ୍ଡରେ ପୁଣି ଅଘଟଣ

# ଇବ୍ ନଦୀରେ ଭାସିଗଲେ ମହିଳା

**ରାଉରକେଲା, ୧୮।୯ (ସମିସ):** ସୁନ୍ଦରଗଡ଼ ଜିଲ୍ଲା ବାଲିଶଙ୍କରା ବ୍ଲକ ତଳସରା ଥାନା ଅନ୍ତର୍ଗତ ଘୋଘର ନିକଟସ୍ଥ ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ କାହ୍ନାକୁଣ୍ଡରେ ପୁଣି ଏକ ଅଘଟଣ ଘଟିଛି। ଗୁରୁବାର ଇବ୍ ନଦୀର ପ୍ରଖର ସ୍ରୋତରେ ଭାସିଯାଇ ସୁନ୍ଦରଗଡ଼ ସହରର ବାସିନ୍ଦା ପ୍ରଜ୍ଞାଶ୍ରୀ ପଣ୍ଡା ନିଖୋଜ ହୋଇଯାଇଛନ୍ତି। ପ୍ରଜ୍ଞାଶ୍ରୀ ନିଜ ପରିବାର ସହିତ ଆସି କାହ୍ନାକୁଣ୍ଡରେ ବୁଲୁଥିବାବେଳେ ଅସାବଧାନତାବଶତଃ ଗୋଡ଼ ଖସିଯିବାରୁ ନଦୀରେ ପଡ଼ି ପ୍ରଖର ସ୍ରୋତରେ ଭାସି ଯାଇଥିଲେ। ଉଲ୍ଲେଖଯୋଗ୍ୟ ଯେ, ପୂର୍ବରୁ ମଧ୍ୟ କାହ୍ନାକୁଣ୍ଡରେ ଅନେକ ଦୁଃଖଦ ଘଟଣା ଘଟିଛି। ସ୍ଥାନୀୟ ସୂଚନା ମୁତାବକ, ପୂର୍ବରୁ ଏଠାରେ ପାଣିରେ ବୁଡ଼ି ପ୍ରାୟ ୮ ଜଣଙ୍କର ପ୍ରାଣହାନୀ ଘଟିଛି। ବାରମ୍ବାର ଘଟୁଥିବା ଏଭଳି ଅଘଟଣକୁ ରୋକିବା ତଥା ଜୀବନ ରକ୍ଷା ପାଇଁ ବର୍ଷା ଦିନରେ ଏହି ଅଞ୍ଚଳକୁ 'ନିଷିଦ୍ଧାଞ୍ଚଳ' ଘୋଷଣା କରିବାକୁ ଦାବି ଜୋର୍ ଧରିଛି।

### ରାଉରକେଲା ବନଖଣ୍ଡ ପକ୍ଷରୁ ଧରପଗଡ଼

# ବିପୁଳ ପରିମାଣର ବନଜାତ ଦ୍ରବ୍ୟ ଜବତ

**ରାଉରକେଲା, ୧୮।୯ (ସମିସ):** ରାଉରକେଲା ବନଖଣ୍ଡ ଅଞ୍ଚଳରେ ଗତ ୧୦ ଦିନ ମଧ୍ୟରେ ବେଆଇନ କାର୍ଯ୍ୟକଳାପରେ ଲିପ୍ତ ଥିବା ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ଚାଲାଣ ପାଇଁ ଉଦ୍ଦିଷ୍ଟ ଜଙ୍ଗଲଜାତ ଦ୍ରବ୍ୟ ଜବତ କରାଯାଇଛି। ଏ ବିଷୟରେ ରାଉରକେଲା ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ ରାଉରକେଲା ବନଖଣ୍ଡ ଅଧିକାରୀ ରବିକାନ୍ତ ମିନା କହିଛନ୍ତି ଯେ, ଗତ ସେପ୍ଟେମ୍ବର ୬ ଦିନ ସମଲେଶ୍ୱରୀ ଏକ୍ସପ୍ରେସ ଟ୍ରେନ୍ ଯୋଗେ ୧.୨ ଟନ୍ କେନ୍ଦୁପତ୍ର ଆସୁଥିବା ବେଳେ ତାକୁ ପାନପୋଷ ରେଳଷ୍ଟେସନ୍ ଠାରେ ଧରାଯାଇଥିଲା। ସେହିପରି ସେପ୍ଟେମ୍ବର ୮ ଦିନ ଫର୍ଟିଲାଇଜର ଅଞ୍ଚଳରୁ ଗାଡିରେ ଆସୁଥିବା ବେଳେ ୪/୫ ବର୍ଗ ଫୁଟ୍ କାଠ ଜବତ କରାଯାଇଛି। ସେପ୍ଟେମ୍ବର ୧୦ରେ ବୀରମିତ୍ରପୁର ଅଞ୍ଚଳରେ ୨୨୦ଟି ଶିମିଳି ପଟା ଜବତ୍ କରାଯାଇଛି।



ସେହିପରି ସେପ୍ଟେମ୍ବର ୧୫ରେ ଏକ ବଡ଼ ଅଭିଯାନରେ ପାନପୋଷ ଠାରେ ଦୁଇଟି ଟ୍ରକରେ ୩୦ ଟନ୍‌ରୁ ଅଧିକ ଜଙ୍ଗଲଜାତ ଦ୍ରବ୍ୟ ଅର୍ଥାତ୍ ପଥର ଜବତ କରାଯାଇଥିଲା। ସେପ୍ଟେମ୍ବର ୧୭ରେ ବିଶ୍ରା ଅଞ୍ଚଳରୁ ୨୪୪ ଶିମିଳି ପଟା ଧରାଯାଇଥିଲା। ଡିଏଫ୍‌ଓ ଶ୍ରୀ ମିନା ଆହୁରି କହିଛନ୍ତି ଯେ, ଯଦି କୌଣସି ବ୍ୟକ୍ତି ବେଆଇନ ଭାବେ ଜଙ୍ଗଲଜାତ ଦ୍ରବ୍ୟ ଯଥା, ବାଲି, ପଥର୍, ମାଇନର୍ ମିନେରାଲ, ମେଜର ମିନେରାଲ କିମ୍ବା କାଠ ଇତ୍ୟାଦିକୁ ଚୋରାଚାଲାଣ କରେ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଶିଆରମାଲ ଗାଁର ୨୯ ଜଣଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ

**ରାଉରକେଲା, ୧୮।୯ (ସମିସ):** ଆଜି ହେମଗିରି ତହସିଲ ଅନ୍ତର୍ଗତ ଶିଆରମାଲ ଗାଁର ୨୯ ଜଣଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରାଯାଇଛି। ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଙ୍କ କନଫରେନ୍ସ ହଲ୍‌ରେ ଆୟୋଜିତ ପଟ୍ଟା ପ୍ରଦାନ କାର୍ଯ୍ୟକ୍ରମରେ ଯୋଗ୍ୟ ହିତାଧିକାରୀଙ୍କୁ ଏହି ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରାଯାଇଥିଲା। ଏଥିରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଅଭିମନ୍ୟୁ ମାଝୀ, ସଦର ଉପଜିଲ୍ଲାପାଳ ତେଜସ୍ୱିନୀ ବେହେରା, ସୁନ୍ଦରଗଡ଼ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଧୀରେନ୍ଦ୍ର କୁମାର ସେଠୀ ଉପସ୍ଥିତ ରହି ହିତାଧିକାରୀଙ୍କୁ ପଟ୍ଟା ବଣ୍ଟନ କରିଥିଲେ।



# ଦ୍ରୌପଦୀ ମୁର୍ମୁଙ୍କ ଜୀବନୀ ପୁସ୍ତକ ଉନ୍ମୋଚିତ



**ରାଉରକେଲା, ୧୮।୯ (ସମିସ):** ଭାରତର ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପ୍ରେରଣାଦାୟକ ଜୀବନଯାତ୍ରା ଉପରେ ରଚିତ ଏକ ପୁସ୍ତକ ରାଉରକେଲା ବିଧାୟକ ଶାରଦା ପ୍ରସାଦ ନାୟକଙ୍କ ଦ୍ୱାରା ଉନ୍ମୋଚିତ ହୋଇଛି। ରଶ୍ମିତା ରାଉତ ଓ ସରୋଜ କୁମାର ରାଉତଙ୍କ ଦ୍ୱାରା ରଚିତ ଏହି ପୁସ୍ତକରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ବାଲ୍ୟଜୀବନରୁ ଆରମ୍ଭ କରି ତାଙ୍କର ସଂଘର୍ଷମୟ ଜୀବନଯାତ୍ରା, ଶିକ୍ଷା, ସାମାଜିକ ଓ ରାଜନୈତିକ ଜୀବନ ତଥା ଦେଶର ସର୍ବୋଚ୍ଚ ସାମ୍ବିଧାନିକ ପଦବୀ ରାଷ୍ଟ୍ରପତି ଭବନ ପର୍ଯ୍ୟନ୍ତ ପହଞ୍ଚିବାର ପ୍ରେରଣାଦାୟକ ଯାତ୍ରା ସମ୍ପର୍କିତ ବିଭିନ୍ନ ତଥ୍ୟ ସ୍ଥାନ ପାଇଛି। ପୁସ୍ତକଟି ପଢ଼ିବା ପରେ ବିଧାୟକ ଶ୍ରୀ ନାୟକ ଏହାର ବିଷୟବସ୍ତୁ ଓ ଉପସ୍ଥାପନାକୁ ପ୍ରଶଂସା କରିଥିଲେ।

# ନାବାଳିକାଙ୍କୁ ଦୁଷ୍କର୍ମ ଅଭିଯୋଗ; ସମ୍ପର୍କୀୟ ମାମୁ ଗିରଫ

**ବଣାଇଁଗଡ଼, ୧୮।୯ (ସମିସ):** ଗୁରୁଣ୍ଡିଆ ଥାନା ଅଞ୍ଚଳରେ ଜଣେ ୭ ବର୍ଷୀୟା ନାବାଳିକାଙ୍କୁ ଦୁଷ୍କର୍ମ ଓ ଅସଦାଚରଣ ଅଭିଯୋଗରେ ଜଣେ ସମ୍ପର୍କୀୟ ମାମୁଁଙ୍କୁ ଗୁରୁଣ୍ଡିଆ ପୁଲିସ ଗିରଫ କରିଛି। ଗତ ୧୬ ତାରିଖ ଦିନ ପ୍ରାୟ ୨ଟାରେ ଘରେ କେହି ନଥିବା ସୁଯୋଗରେ ଅଭିଯୁକ୍ତ ନାବାଳିକାଙ୍କୁ ଏକୁଟିଆ ପାଇ ଏଭଳି ଅପରାଧ ଘଟାଇଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ପରିବାର ଲୋକେ ଘରକୁ ଫେରିବା ପରେ ନାବାଳିକା କାନ୍ଦିବା ସହ ଘଟଣା ସମ୍ପର୍କରେ କହିଥିଲା। ଗୁରୁବାର ପ୍ରାୟ ୩ଟା ସମୟରେ ନାବାଳିକାଙ୍କ ପରିବାର ପକ୍ଷରୁ ଗୁରୁଣ୍ଡିଆ ଥାନାରେ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରି ସମ୍ପର୍କୀୟ ମାମୁଁଙ୍କୁ ଶୁକ୍ରବାର ଗିରଫ କରିଛି।

# ରାଉରକେଲା ଆଇନ ମହାବିଦ୍ୟାଳୟରେ ଆନ୍ତଃ ମହାବିଦ୍ୟାଳୟ ଆବର୍ଣ୍ଣନ ପ୍ରତିଯୋଗିତା



**ରାଉରକେଲା, ୧୮।୯ (ସମିସ):** ରାଉରକେଲା ଆଇନ ମହାବିଦ୍ୟାଳୟରେ ଭାରପ୍ରାପ୍ତ ଅଧ୍ୟକ୍ଷା ଡକ୍ଟର ସମ୍ପାଦିକା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆନ୍ତଃମହାବିଦ୍ୟାଳୟ ଆବର୍ଣ୍ଣନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଯାହା 'ରାଷ୍ଟ୍ର ନିର୍ମାଣରେ ଯୁବ ନେତୃତ୍ୱ' ବିଷୟ ବସ୍ତୁ ଉପରେ ଆଧାରିତ ଥିଲା। ଏହା ଉଭୟ ଓଡ଼ିଆ ଏବଂ ଇଂରାଜିରେ ପରିବେଶିତ ହୋଇଥିଲା। ଏଥିରେ ପ୍ରାୟ ୧୦ ଟି ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଭାଗନେଇ ନିଜନିଜର ମତାମତ ଉପସ୍ଥାପନା କରିଥିଲେ। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚନ୍ଦ୍ରଶେଖର ଶତପଥୀ ଛାତ୍ରଛାତ୍ରୀମାନଙ୍କ ଉପସ୍ଥାପନାକୁ ପରଖି ସେମାନଙ୍କ ସ୍ଥାନ ନିର୍ଦ୍ଧାରଣ କରିଥିଲେ। ଓଡ଼ିଆରେ ଉପସ୍ଥାପନା କରି ରାଉରକେଲା ଆଇନ ମହାବିଦ୍ୟାଳୟର ସ୍ନିଗ୍ଧା ସାହୀଦ ପ୍ରଥମ ଓ ଧରିତ୍ରୀ ରଞ୍ଜନ ମହାନ୍ତି ଦ୍ୱିତୀୟ ସ୍ଥାନ ଏବଂ ପ୍ରଜ୍ଞାନ ରଞ୍ଜନ ବାରିକ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ଇଂରାଜୀରେ ଜି ବ୍ୟଷ୍ଣବୀ ରେଡ୍ଡୀ ପ୍ରଥମ, ତାନିୟା ୱାରସି ଦ୍ୱିତୀୟ ଓ ରିମ୍‌ଝିମ ନାୟକ ତୃତୀୟ ସ୍ଥାନ ଅଧିକାର କରିଥିଲେ। ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ଆଇନ ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ପୁରସ୍କୃତ କରାଯିବ। ଭାରପ୍ରାପ୍ତ ଅଧ୍ୟକ୍ଷା ଡକ୍ଟର ସମ୍ପାଦିକା ମହାନ୍ତି ସ୍ୱାଗତ ଭାଷଣ ଦେଇଥିବାବେଳେ ଛାତ୍ର ଅଜୟ କୁମାର ମଞ୍ଚ ପରିଚାଳନା କରିଥିଲେ।

# ବିଭିନ୍ନ ସ୍ଥାନରେ ଆଶୀର୍ବାଦର ଦୀପ ପ୍ରଜ୍ୱଳନ

**ରାଉରକେଲା, ୧୮।୯ (ସମିସ):** ରାଉରକେଲାର ସେକ୍ଟର-୩ ଜଗନ୍ନାଥ ମନ୍ଦିରରେ ଆଶୀର୍ବାଦ ଦୀପ ପ୍ରଜ୍ୱଳନ କାର୍ଯ୍ୟକ୍ରମ ବିଜେପି ରାଉରକେଲା



ସାଂଗଠନିକ ଜିଲ୍ଲା ତରଫରୁ ଜିଲ୍ଲା ସଂଯୋଜକ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଦୁର୍ଗା ଚରଣ ତନ୍ତୀଙ୍କ ନେତୃତ୍ୱରେ ଜଗନ୍ନାଥଙ୍କ ନିକଟରେ ସହସ୍ର ଘିଅ ଦୀପ ପ୍ରଜ୍ୱଳନ କରି ପ୍ରାର୍ଥନା କରାଯାଇଛି। କାର୍ଯ୍ୟକ୍ରମରେ ବିଜେପିର ରାଜ୍ୟ, ଜିଲ୍ଲା, ମଣ୍ଡଳର ନେତୃବୃନ୍ଦଙ୍କ ସମେତ ବହୁ ପୁରୁଷ ଓ ମହିଳା ଉପସ୍ଥିତ ଥିଲେ।

ସେହିପରି ସେକ୍ଟର-୮ ସ୍ଥିତ ସାଇ ମନ୍ଦିର ପରିସରରେ ହରି ରାଉତରାୟ, ଅମିତାଭ ସାମଲ, ରାଜା ରାୟ, ପ୍ରଭୀ ପାତ୍ରଙ୍କ ସମେତ ବହୁ ସଂଖ୍ୟାରେ ଶୁଭେଚ୍ଛୁ ତଥା ସମର୍ଥକ ଉପସ୍ଥିତ ରହି ଦୀପ ପ୍ରଜ୍ୱଳନ କରିଥିଲେ। ବାସନ୍ତୀ କଲୋନୀ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ନିହାର ରାୟଙ୍କ ନେତୃତ୍ୱରେ ମଧ୍ୟ ବହୁ ପୁରୁଷ ମହିଳା ଦୀପ ପ୍ରଜ୍ୱଳନ କରିଥିଲେ।

ସ୍ଥାନୀୟ ମା' ସମଲେଶ୍ୱରୀ ମନ୍ଦିର ଏବଂ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ



ପ୍ରାୟ ୪୫୦ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ ଅଂଶଗ୍ରହଣ କରିଥିଲେ ଏବଂ ମନ୍ଦିର ପରିସରରେ ୮୦୦ ଦୀପ ଜଳା ଯାଇଥିଲା। ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ସନ୍ତୋଷ ଅମାତ, ଅତିରିକ୍ତ ଜିଲ୍ଲାପାଳ ସୂରଜ ପଟ୍ଟନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଅଭିମନ୍ୟୁ ମାଝୀ ତଥା ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀମାନେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

**ବଣାଇଗଡ଼:** ବଣାଇଁ ଉପଖଣ୍ଡରେ ସେବା ସଂକଳ୍ପ ଅଭିଯାନ ଓ ଆଶୀର୍ବାଦର ଦୀପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବଣାଇ ଆଇଟିଡିଏ ସଭାଗୃହଠାରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ତଥା ସୁନ୍ଦରଗଡ଼ ସାଂସଦ ଜୁଏଲ ଓରାମ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ସୁନ୍ଦରଗଡ଼ ଜିଲ୍ଲା ଉନ୍ନୟନ ମୁଖ୍ୟ ନିର୍ବାହୀ ଅଧିକାରୀ ସୁରଞ୍ଜନ କୁମାର ସାହୁ, ବଣାଇ ଉପ ଜିଲ୍ଲାପାଳ ସନ୍ତୋଷ କୁମାର ପାତ୍ର, ଡିଏଫଓ ଯଶୋବନ୍ତ ସେଠି, ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ସ୍ୱଦୀପ ଟପ୍ପୋ, ସହକାରୀ ବନ ସଂରକ୍ଷକ ପିକେ ସର୍ବଜିତ, ବଣାଇଁ ବିଡ଼ିଓ ଦିବ୍ୟଶଙ୍କର ଜୟପୁରିଆ ଦୀପ ପ୍ରଜ୍ୱଳନ କରିଥିଲେ। ସୁଭଦ୍ରା ଯୋଜନାର ୨ବର୍ଷ ପୂର୍ତ୍ତି ଅବସରରେ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ କେକ୍ କାଟି ଉପସ୍ଥିତ ହିତାଧିକାରୀଙ୍କୁ ସ୍ୱାଗତ କରିଥିଲେ। ପରେ ବାବା ବାଣେଶ୍ୱର ମନ୍ଦିରକୁ ଯାଇ ଦୀପ ପ୍ରଜ୍ୱଳନ କରିଥିଲେ।

# ଆର୍‌ଏସ୍‌ପି ପକ୍ଷରୁ ସ୍ୱଚ୍ଛତା ପାକ୍ଷିକ ପାଳନ ଆରମ୍ଭ




**ରାଉରକେଲା, ୧୮।୯ (ସମିସ):** ରାଉରକେଲା ଇସ୍ପାତ କାରଖାନା (ଆରଏସପି)ରେ 'ସ୍ୱଚ୍ଛତା ପଖୱାଡ଼ା-୨୦୨୬' ପାଳନ ଆରମ୍ଭ ହୋଇଯାଇଛି। ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପକ୍ଷ ପାଳନ ନିମନ୍ତେ କାରଖାନାର ବିଭିନ୍ନ ବିଭାଗରେ କ୍ରମାଗତ ଅନେକ କାର୍ଯ୍ୟକ୍ରମମାନ ଆୟୋଜିତ ହେଉଛି। ଆରଏସପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ତାଙ୍କ କାର୍ଯ୍ୟାଳୟର ମନ୍ଥନ କନଫରେନ୍ସ ହଲରେ ଆୟୋଜିତ ଶପଥ ଗ୍ରହଣ ସମାରୋହର ନେତୃତ୍ୱ ନେଇଥିଲେ। ଇଡି (ୱାର୍କସ) କନଫରେନ୍ସ ହଲରେ ଆୟୋଜିତ ଏକ ଅନୁରୂପ କାର୍ଯ୍ୟକ୍ରମରେ ନିର୍ବାହୀ ନିର୍ଦ୍ଦେଶକ (ୱାର୍କସ) ବିଶ୍ୱରଞ୍ଜନ ପାଲାଇ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ସ୍ୱଚ୍ଛତା ଶପଥ ଗ୍ରହଣ କରିଥିଲେ। ସମାଧାନ କନଫରେନ୍ସ ହଲରେ ଆୟୋଜିତ ଅନ୍ୟ ଏକ କାର୍ଯ୍ୟକ୍ରମରେ ନିର୍ବାହୀ ନିର୍ଦ୍ଦେଶକ (ଏଚ.ଆର)ଙ୍କର ଅତିରିକ୍ତ ଦାୟିତ୍ୱରେ ଥିବା ମୁଖ୍ୟ ମହାପ୍ରବନ୍ଧକ (ଏଚ.ଆର) ମାନସ ରଞ୍ଜନ ରଥ ସ୍ୱଚ୍ଛତା ଶପଥ ପାଠ କରାଇଥିଲେ। ଏହି ଶପଥ ଗ୍ରହଣ ସମାରୋହରେ ଏଚ୍‌ଆର ବିଭାଗର ବହୁ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ନିର୍ବାହୀ ନିର୍ଦ୍ଦେଶକ (ଏମଏମ) କନଫରେନ୍ସ ହଲରେ ମଧ୍ୟ ଏକ ଶପଥ ଗ୍ରହଣ ସମାରୋହ ଆୟୋଜିତ ହୋଇଥିଲା, ଯେଉଁଠାରେ ମ୍ୟାଟେରିଆଲସ ମ୍ୟାନେଜମେଣ୍ଟ ବିଭାଗର ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ସ୍ୱଚ୍ଛତା ଶପଥ ନେଇଥିଲେ। କାରଖାନାର ବିଭିନ୍ନ ୟୁନିଟଗୁଡ଼ିକରେ ମଧ୍ୟ ଶପଥ ଗ୍ରହଣ ସମାରୋହ ଆୟୋଜିତ ହୋଇଥିଲା, ଯେଉଁଠାରେ ସିଜିଏମ ଏବଂ ବିଭାଗୀୟ ମୁଖ୍ୟମାନେ କର୍ମଚାରୀମାନଙ୍କୁ ସ୍ୱଚ୍ଛତା ଶପଥ ପାଠ କରାଇଥିଲେ। ଆରଏସପିର କର୍ମଚାରୀମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ଆରଏସପିର ବିଭିନ୍ନ ବିଶ୍ୱକର୍ମା ପୂଜା ମଣ୍ଡପଗୁଡ଼ିକରେ ମଧ୍ୟ 'ସ୍ୱଚ୍ଛତା ପଖୱାଡ଼ା' ବ୍ୟାନର ପ୍ରଦର୍ଶିତ କରାଯାଇଥିଲା।

### ସେମିକନ୍ ଇଣ୍ଡିଆ-୨୦୨୬

# ଓଡ଼ିଶାର ଚିପ୍ ଡିଜାଇନ୍ କ୍ଷମତା ପ୍ରଦର୍ଶନ କଲା ଏନ୍‌ଆଇଟି ରାଉରକେଲା

ରାଉରକେଲା, ୧୮।୯ (ସମିସ)

ନୂଆଦିଲ୍ଲୀର ଯଶୋଭୂମିଠାରେ ସେପ୍ଟେମ୍ବର ୧୭ରୁ ୧୯ ପର୍ଯ୍ୟନ୍ତ ଆୟୋଜିତ ସେମିକନ୍ ଇଣ୍ଡିଆ-୨୦୨୬ରେ ନ୍ୟାସନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଏନ୍‌ଆଇଟି) ରାଉରକେଲା ଓଡ଼ିଶାର ବିକଶିତ ହେଉଥିବା ସ୍ୱଦେଶୀ ସେମିକଣ୍ଡକ୍ଟର ଓ ଚିପ୍ ଡିଜାଇନ୍ କ୍ଷମତାକୁ ପ୍ରଦର୍ଶନ କରିଛି।

ଦେଶର ଏହି ପ୍ରମୁଖ ସେମିକଣ୍ଡକ୍ଟର ମହୋତ୍ସବରେ ଭାରତର ୨୦ଟି ଶିକ୍ଷାନୁଷ୍ଠାନର ଅବଦାନକୁ ନେଇ ପ୍ରସ୍ତୁତ ଏକ ବିଶେଷ ପ୍ରତୀକଚିହ୍ନରେ ଏନ୍‌ଆଇଟି ରାଉରକେଲା ଦ୍ୱାରା ଡିଜାଇନ୍ କରାଯାଇଥିବା ଚିପ୍‌କୁ ସ୍ଥାନ ଦିଆଯାଇଥିଲା। ଏହି ପ୍ରତୀକଚିହ୍ନକୁ ଭାରତର ଉଦୀୟମାନ ସେମିକଣ୍ଡକ୍ଟର ପ୍ରତିଭାର ପ୍ରତିନିଧିତ୍ୱ କରୁଥିବା ଛାତ୍ର ଡିଜାଇନରମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ପ୍ରଦାନ କରିଥିଲେ। ଏହି ଅବସରରେ ଏନ୍‌ଆଇଟି ରାଉରକେଲାର




ଇଲେକ୍ଟ୍ରୋନିକ୍ସ ଆଣ୍ଡ କମ୍ୟୁନିକେସନ୍ ଇଞ୍ଜିନିୟରିଂ (ଇସିଇ) ବିଭାଗର ପିଏଚ୍‌ଡି ଗବେଷକ ପ୍ରଦୀପ କୁମାର ମହାନ୍ତି ଛାତ୍ର ଡିଜାଇନର ଭାବେ ପ୍ରଧାନମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ।

ପ୍ରଦର୍ଶିତ ଆସ୍କବ ଏଇଏଡି ସିକ୍ୟୁରିଟି ଚିପ୍ ଏନ୍‌ଆଇଟି ରାଉରକେଲାର ପିଏଚ୍‌ଡି ଗବେଷକ ପ୍ରଦୀପ କୁମାର ମହାନ୍ତିଙ୍କ ଦ୍ୱାରା ପ୍ରଫେସର ଆୟାସ କାନ୍ତ ସ୍ୱାଇଁ ଓ ପ୍ରଫେସର କମଳାକାନ୍ତ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଡିଜାଇନ୍ କରାଯାଇଛି। ଏହି ହାଲୁକା ଓ କମ୍ ସମ୍ପଦ ଆବଶ୍ୟକ କରୁଥିବା କ୍ରିପ୍ଟୋଗ୍ରାଫିକ୍ ସୁରକ୍ଷା ଚିପ୍‌ଟି ସୀମିତ ସମ୍ପଦ ଥିବା ଇଣ୍ଟରନେଟ୍ ଅଫ୍ ଥିଙ୍ଗ୍ସ ଏବଂ ଏମ୍ବେଡେଡ୍ ସିଷ୍ଟମ୍‌ରେ ତଥ୍ୟର ସୁରକ୍ଷିତ ଏନ୍‌କ୍ରିପ୍ସନ୍ ଓ ପ୍ରାମାଣିକତା ନିଶ୍ଚିତ କରିବା ଉଦ୍ଦେଶ୍ୟରେ ଡିଜାଇନ୍ କରାଯାଇଛି।

ଏହି ଚିପ୍‌ଟି କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟର ଚିପ୍ ଟୁ ଷ୍ଟାର୍ଟଅପ୍ କାର୍ଯ୍ୟକ୍ରମ ଅଧୀନରେ ବିକଶିତ ହୋଇଛି। ଏନ୍‌ଆଇଟି ରାଉରକେଲାରେ ଚାଲିଥିବା ସିଟୁଏସ୍ ପ୍ରକଳ୍ପର ନେତୃତ୍ୱ ପ୍ରଫେସର କମଳାକାନ୍ତ ମହାପାତ୍ର ଓ ପ୍ରଫେସର ଆୟାସ କାନ୍ତ ସ୍ୱାଇଁ ନେଇଛନ୍ତି। ଏହି ଚିପ୍‌ଟି ମୋହାଲି ସ୍ଥିତ ସେମିକଣ୍ଡକ୍ଟର କମ୍ପ୍ଲେକ୍ସ ଲିମିଟେଡରେ ଫ୍ୟାବ୍ରିକେଟ୍ କରାଯାଇଛି। ଏହା ସ୍ୱଦେଶୀ ଚିପ୍ ଡିଜାଇନ୍‌କୁ ବାସ୍ତବ ସିଲିକନ୍ ଚିପ୍‌ରେ ପରିଣତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ସେମିକନ୍ ଇଣ୍ଡିଆ ୨୦୨୬ରେ ଏଭଳି ସ୍ୱୀକୃତି ହାସଲ କରିଥିବା ଓଡ଼ିଶାର ଏକମାତ୍ର ଶିକ୍ଷାନୁଷ୍ଠାନ ହେଉଛି ଏନ୍‌ଆଇଟି ରାଉରକେଲା। ଏହି ସଫଳତା ଭାରତର ବିକଶିତ ହେଉଥିବା ସେମିକଣ୍ଡକ୍ଟର ପରିବେଶରେ ଓଡ଼ିଶାର ଅବଦାନକୁ ଆହୁରି ପ୍ରତିପାଦିତ କରିଛି।

# ବିଭିନ୍ନ ସ୍ଥାନରେ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା






**ବୌଦ୍ଧ,୧୮ ।୯ (ସମିସ):** ବୌଦ୍ଧ ସହରର ବିଭିନ୍ନ ଜାଗାରେ ବିଶ୍ୱକର୍ମା ପୂଜା ପାଳିତ ହୋଇଛି । ପୂର୍ତ୍ତ ବିଭାଗ କାର୍ଯ୍ୟାଳୟରେ ପୂଜକ ଭାବେ ରାମଚନ୍ଦ୍ର ପାଣିଗ୍ରାହୀ ପୂଜା କରିଥିଲେ। କନିଷ୍ଠ ଯନ୍ତ୍ରୀ ଦୀପକ ଦାସ କର୍ତ୍ତା ଥିଲେ। ସେହିପରି ଘରୋଇ ବସ୍ ମାଲିକ ସଂଘ, ଟ୍ରକ୍ ମାଲିକ ସଂଘ, ଅଟୋମାଲିକ ସଂଘ, ମା' ଭୈରବୀ ପାଇପ୍ ମିସ୍ତ୍ରି ସଂଘ, ଟ୍ୟାକ୍ସି ସଂଘ ଓ ଦୁଇଚକିଆ ମେକାନିକ୍ ସଂଘ ପକ୍ଷରୁ ମଧ୍ୟ ବିଶ୍ୱକର୍ମା ପୂଜା ପାଳନ କରାଯାଇଛି ।

**ମନମୁଣ୍ଡା:** ମନମୁଣ୍ଡା ଡାକବଙ୍ଗଳାରେ ବିଶ୍ୱକର୍ମାଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି । ଠିକାଦାର ଶିବନାରାୟଣ ଚୌଳିଆଙ୍କ ତତ୍ତ୍ୱାବଧାନରେ ପରମାନନ୍ଦ ରଥ ପୂଜା କରିଥିବାବେଳେ କନିଷ୍ଠ ଯନ୍ତ୍ରୀ ପ୍ରଭାତ ମେହେର କର୍ତ୍ତା ଥିଲେ । ଏହି କାର୍ଯ୍ୟକ୍ରମରେ ରଞ୍ଜନ ପଟ୍ଟନାୟକ, ବୁବୁନ କଣ୍ଟା, ରାଧାମାଧବ ବାଘ, ପ୍ରଦୀପ ମହାନ୍ତି, ବସନ୍ତ ନାୟକ, ଗଣେଶ ସାଣ୍ଡ, ସରୋଜ ତ୍ରିପାଠୀ, ରାଜ କୁମାର ନାୟକ ପ୍ରମୁଖ ସହଯୋଗ କରିଥିଲେ ।

**କଣ୍ଟାମାଳ:** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ପରିସରରେ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି। ଏହି ପୂଜାରେ କର୍ତ୍ତା ଭାବେ ଗୋବିନ୍ଦ ଚନ୍ଦ୍ର ନାୟକ ଦାୟିତ୍ୱ ତୁଲାଇଥିବା ବେଳେ ପୂଜକ ଯଜ୍ଞସେନ ମିଶ୍ର ବିଧିବିଧାନ ଅନୁଯାୟୀ ପୂଜାକାର୍ଯ୍ୟ ସମ୍ପନ୍ନ କରିଥିଲେ। କନିଷ୍ଠ ଯନ୍ତ୍ରୀ ମନୋରଞ୍ଜନ ନାୟକ ସାମିଲ ହୋଇଥିଲେ। ସେହିଭଳି କଣ୍ଟାମାଳ ହାଟପଦାଠାରେ କଣ୍ଟାମାଳ ବ୍ଲକ୍ ଡ୍ରାଇଭର ସଂଘ ପକ୍ଷରୁ ବିଶ୍ୱକର୍ମା ପୂଜା ପାଳିନ କରାଯାଇଛି ।

**ତରଭା:** ତରଭା ଅଞ୍ଚଳରେ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା ପାଳିତ ହୋଇଛି । ତରଭା ବିଦ୍ୟୁତ କାର୍ଯ୍ୟାଳୟ, ୟୁନିଭର୍ସାଲ ଡ୍ରାଇଭର ସଂଘ କାର୍ଯ୍ୟାଳୟ, ବିଭିନ୍ନ କ୍ରସର, ବୈରାସର ଅଟୋ ଚାଳକ ସଂଘ ସହ ବିଭିନ୍ନ କଳ କାରଖାନାରେ ବିଶ୍ୱକର୍ମାଙ୍କ ପୂଜା କରାଯାଇଥିଲା । ତରଭା ବିଦ୍ୟୁତ କାର୍ଯ୍ୟାଳୟରେ ସେକ୍ସନ ଅଧିକାରୀ ସୁନୀଲ ରାଉଳଙ୍କ ତତ୍ତ୍ୱାବଧାନରେ ରୁଦ୍ର ପ୍ରତାପ ନାଏକ କର୍ତ୍ତା ଥିବା ବେଳେ ପଣ୍ଡିତ ସନ୍ତୋଷ ହୋତା ପୂଜାର୍ଚ୍ଚନା କରିଥିଲେ। କମର୍ସିଆଲ ଜେଇ ମିନ ଶଙ୍କର ସାହୁ, ରାଧାକାନ୍ତ ବାରିକ, ବିଜୟ ପ୍ରକାଶ ମେହେର, ରାମ ନାଏକ, ପରେଶ ପାକଲ, ଅନନ୍ତ ନାଏକ, ଅମରେଶ ଶତପଥୀ, ପବିତ୍ର ସାହୁ, ସରୋଜ ମହଲା, ଦିଲୀପ ପାଢ଼ୀ ପ୍ରମୁଖ ସହଯୋଗ କରିଥିଲେ। ସେହିପରି ଡୁମ୍ବେର ବାହଲ ଗ୍ରୀଡ୍ ବଘିଆ ଗ୍ରୀଡ୍, ଚାରାଭଟା ଗ୍ରୀଡ୍‌ରେ ବିଶ୍ୱକର୍ମାଙ୍କ ପୂଜା ଅନୁଷ୍ଠିତ ହୋଇଥିଲା । ବିଭିନ୍ନ ଗ୍ୟାରେଜ ଓ ଫେବ୍ରିକେଶନ ୟୁନିଟ୍ ଗୁଡ଼ିକରେ ଦେବଶିଳ୍ପୀଙ୍କ ପୂଜାର୍ଚ୍ଚନା ହୋଇଥିଲା । ୟୁନିଭର୍ସଲ ଡ୍ରାଇଭର ସଂଘରେ ପୂଜକ ଭାବେ ନୀଳମଣି ମିଶ୍ର ପୂଜା କାର୍ଯ୍ୟ ତୁଲାଇ ଥିବା ବେଳେ କର୍ତ୍ତା ଭାବେ ପ୍ରଭାତ ମହାଲିଙ୍ଗ ଦାୟିତ୍ୱ ତୁଲାଇ ଥିଲେ ।

**ମୁରିବାହାଲ:** ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ୍ ଗୁଡ଼ିଘାଟ ସବ୍‌ଗ୍ରୀଡ୍‌ରେ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା ପାଳିତ ହୋଇଯାଇଛି । ପୁରୋହିତ କୁଞ୍ଜ ବିହାରୀ ଯୋଶୀ ପୂଜାର୍ଚ୍ଚନା ସମ୍ପନ୍ନ କରିଥିଲେ। ପୂଜାରେ କର୍ତ୍ତା ଭାବେ ଲବ ସାହୁ ଓ ଶୋଭାଗିନୀ ସାହୁ ଦାୟିତ୍ୱ ତୁଲାଇଥିଲେ। ବରିଷ୍ଠ ଚାର୍ଜମ୍ୟାନ୍ ଅଜିତ ତରିଆଙ୍କ ନେତୃତ୍ୱରେ ପୂଜା ପାଳିତ ହୋଇଥିଲା । ସୁରେନ୍ଦ୍ର ଆଚାରୀ, ଦେବକାନ୍ତ ମହାକୁର, ରବିନାରାୟଣ ମହାକୁର, ସୁଦାମ ବିଶି, ନିପେଶ ବିଶି, ରୋହିତ ମାଝୀ, ପରକ୍ଷିତ ମାଝୀ, ଦୁଷ୍ମନ୍ତ ହଂସ, ଅଶୋକ ଖରସେଲ, ଭୁବନେଶ୍ୱର ଥନାପତି ଓ ଗଂଜିତ ତରିଆ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ମୁରିବାହାଲ ମୁଖ୍ୟ ଗ୍ରୀଡ୍‌ରେ ମଧ୍ୟ ବିଶ୍ୱକର୍ମା ପୂଜା ପାଳିତ ହୋଇଛି ।















# ସୁବର୍ଣ୍ଣପୁରରେ ଜିଲ୍ଲାସ୍ତରୀୟ ବିଜ୍ଞାନ ସେମିନାର

**ଡୁଙ୍ଗୁରିପାଲି,୧୮ ।୯ (ସମିସ):** ସୋନପୁର ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ବିଜ୍ଞାନ ସେମିନାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ଚୟନ ହୋଇଥିବା ୬ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରି ନିଜର ଗବେଷଣାଧର୍ମୀ ସନ୍ଦର୍ଭ ଉପସ୍ଥାପନ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଚଢେଇପଙ୍କ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରଥ ବାରିକ, ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଅମ୍ଲାନ ପାଣ୍ଡିଆ, ମହାରାଜା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅନୁଲିତା ମିଶ୍ର ଓ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ବାଲୀଜୀ ବିଶ୍ୱନାଥ ପ୍ରମୁଖ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ସୁଜିତ ମିଶ୍ର, ପ୍ରଗତି ପୁରୋହିତ ଓ ସୁରଥ ବାରିକ ବିଚାରକ ଦାୟିତ୍ୱ ତୁଲାଇ କୃତୀ ପ୍ରତିଯୋଗୀଙ୍କ ମୂଲ୍ୟାଙ୍କନ କରିଥିଲେ। 'ଭାରତୀୟ ଶକ୍ତି ଭଣ୍ଡାର ୨୦୪୭: ସମ୍ଭାବନା ଓ ଆହ୍ୱାନ' ଶୀର୍ଷକ ବିଷୟବସ୍ତୁକୁ ନେଇ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ସୋନପୁର ଏଡିଏମ୍ ଆଞ୍ଜେଲିନା ପଧାନ, ଜିଲ୍ଲା ଶିକ୍ଷା ଅଧିକାରୀ ଘନଶ୍ୟାମ ମେହେର, ବିନିକା ବିଇଓ ଲକ୍ଷ୍ମଣ ମିଶ୍ର, ଧର୍ମଶାଳା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପର୍ଶୁରାମ ମେହେର ଓ ପ୍ରଜ୍ଞା ପରମିତା ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ୨୦୪୭ ସୁଦ୍ଧା ଭାରତର ଶକ୍ତି ସୁରକ୍ଷା, ଅକ୍ଷୟ ଶକ୍ତିର ବ୍ୟବହାର, ସ୍ଥାୟୀ ବିକାଶ ଓ ବୈଜ୍ଞାନିକ ଚିନ୍ତାଧାରାର ଗୁରୁତ୍ୱ ସମ୍ପର୍କରେ ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଶ୍ରୀ ପାଣ୍ଡିଆ ସୂଚନା ଦେଇଥିଲେ। ଏହି ପ୍ରତିଯୋଗିତାରେ ଡୁଙ୍ଗୁରିପାଲି ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଖିଳେଶ ଭୋଇ ପ୍ରଥମ ସ୍ଥାନ ଗ୍ରହଣ କରିଥିବାବେଳେ ଝାରବୀହାଲି ଓଡ଼ିଶା ଆଦର୍ଶ ବିଦ୍ୟାଳୟର ସିମ୍ରନ ମେହେର ଦ୍ୱିତୀୟ ସ୍ଥାନ ଏବଂ ବାଉଁଶୁଣୀ ଉଚ୍ଚ ବିଦ୍ୟାଳୟ ନିକି ମୁଦୁଲି ତୃତୀୟ ସ୍ଥାନ ଗ୍ରହଣ କରିଥିଲେ। କୃତୀ ପ୍ରତିଯୋଗୀ ଅଖିଳେଶ ଭୋଇ ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି। କାର୍ଯ୍ୟକ୍ରମ ଶେଷରେ ସମସ୍ତ ଅଂଶଗ୍ରହଣକାରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିବା ବେଳେ ପ୍ରଜ୍ଞା ପରମିତା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।



# ଅଜଣା ଗାଡ଼ି ଧକ୍କାରେ ଅଟୋ ଡ୍ରାଇଭର ମୃତ

**ତରଭା,୧୮ ।୯ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ତରଭା ଥାନା ଅଧୀନ ବୁର୍ଡା-ଅର୍ଜୁନପୁର ରାସ୍ତାରେ ଯାଉଥିବା ବେଳେ ବାସନ୍ତୀ ହୋଟେଲ ନିକଟରେ ଶୁକ୍ରବାର ସକାଳ ୬ଟାରେ ଗୋଟିଏ ଅଜଣା ଗାଡି ଧକ୍କାରେ ଜଣେ ଅଟୋ ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି । ତରଭା ବ୍ଲକ ପାଇକବାହାଲ ପଞ୍ଚାୟତ ଡାହିମାଲ ଗ୍ରାମର ଏହି ଅଟୋ ଡ୍ରାଇଭର ଜଣକ ହେଲେ ରାଜୁ ସେଠ (୩୨) । ସେ ତାଙ୍କ ଅଟୋ (ଓଡି ୩୧ ଡି ୨୦୩୯) ରେ ଯାଉଥିବା ବେଳେ ଗୋଟିଏ ଅଜଣା ଗାଡି ଅଟୋକୁ ଧକ୍କା ଦେବାରୁ ଘଟଣା ସ୍ଥଳରେ ରାଜୁଙ୍କ ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ପରେ ଅଜଣା ଗାଡିଟି ଫେରାର ହୋଇଯାଇଥିଲା । ଖବର ପାଇବା ପରେ ମେଣ୍ଡା ଫାଣ୍ଡି ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। ରାଜୁଙ୍କ ଅକାଳ ବିୟୋଗ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି ।





































ସକାଳ
THE SAKALA



ନୂଆଁଖାଇ ଭେଟଘାଟ

# ନୂଆଁଖାଇ ଏକତା ଓ ଭାଇଚାରାର ପ୍ରତୀକ









**ବଲାଙ୍ଗିର, ୧୮ ।୯ (ସମିସ)**

ନୂଆଁଖାଇ ତିହାର କେବଳ ପଶ୍ଚିମାଞ୍ଚଳ ନୁହେଁ; ବର୍ତ୍ତମାନ ଦେଶ ସୀମା ପାର କରି ବିଶ୍ୱସ୍ତରରେ ପହଞ୍ଚିଛି । ନୂଆଁଖାଇ ସରିଛି । ଏବେ ଜୁହାର ଭେଟର ସମୟ । ଏହି ପର୍ବ ନିଶ୍ଚିତ ଭାବରେ ଆମ ଭିତରେ ଏକତା, ଭାଇଚାରା ସୃଷ୍ଟି କରେ । ଆଜିର ଅଧୁନିକ ସମାଜ ନୂଆଁଖାଇ ତିହାରକୁ ସୁନ୍ଦର ଢଙ୍ଗରେ ପାଳନ କରୁଛି । ଆଗାମୀ ଦିନରେ ଏହି ତିହାର ମାଧ୍ୟମରେ ନିଶ୍ଚିତ ଭାବରେ ସମାଜରେ ଥିବା କୁସଂସ୍କାର, ଅସ୍ପୃଶ୍ୟତା ତଥା ଅରାଜକତାକୁ ଦୂର କରି ହେବ । ୦ନିଜ ପୈତୃକ ଗ୍ରାମ ଛତାମଖନାଠାରେ ଅନୁଷ୍ଠିତ ନୂଆଁଖାଇ ପର୍ବ ପରବର୍ତ୍ତୀ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ନିଜ ବକ୍ତବ୍ୟରେ ଏହା କହିଛନ୍ତି । ଛତାମଖନାର ଆମ୍ବେଦକର କ୍ଲବ୍ ଆନୁକୂଲ୍ୟରେ ଆୟୋଜିତ ଏହି ନୂଆଁଖାଇ କାର୍ଯ୍ୟକ୍ରମରେ ଶ୍ରୀ ମିଶ୍ର ଆହୁରି ମଧ୍ୟ କହିଛନ୍ତି ଯେ ଛତାମଖନା ଏକ ଆଦର୍ଶ ଗ୍ରାମ । ଏହି ଗ୍ରାମରେ କିପରି ଲୋକେ ଉତ୍ତମ ଶିକ୍ଷା ଲାଭ କରିବେ ସେ ଉପରେ ପୂର୍ବ ସୁରିମାନେ ସବୁବେଳେ ଚେଷ୍ଟା କରିଛନ୍ତି । ଛତାମଖନା ଗ୍ରାମର ଅବଦାନ ଅନେକ । ଏହି ଗାଁ ଦେଶର ସମ୍ବିଧାନ ପ୍ରଣେତା ସଭାର ସଭ୍ୟ ଯୁଧିଷ୍ଠିର ମିଶ୍ରଙ୍କୁ ଜନ୍ମ ଦେଇଛି । ଏହି ଗାଁ ରାଜ୍ୟକୁ ଆଇନମନ୍ତ୍ରୀ ତଥା ଜାତୀୟ ଆଇନ କମିଶନ ସଦସ୍ୟ ଦେଇଛି । ତା ସହ ଝାଡ଼ଖଣ୍ଡ ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ମଧ୍ୟ ଏହି ଗାଁର । ତେଣୁ ଛତାମଖନା ଅବଦାନ କେହି ଭୁଲିଯିବା କଥା ନୁହେଁ । ଏହାକୁ ବଜାୟ ରଖିବାକୁ ହେଲେ ସମସ୍ତେ ଶିକ୍ଷା ପ୍ରତି ଧ୍ୟାନ ଦେବା କଥା । ଆମ ଭିତରେ ଥିବା କୁସଂସ୍କାର, ଅସ୍ପୃଶ୍ୟତାକୁ ଦୂର କରି ଭାଇଚାରା ଓ ଏକତା ସୃଷ୍ଟି କରିବାକୁ ଶ୍ରୀ ମିଶ୍ର କହିଛନ୍ତି । ଏହି ଅବସରରେ ଗାଁର ଛୋଟ ଛୋଟ ପିଲାଙ୍କ ଦ୍ୱାରା ଛତାମଖନା ଗାଁର ନାମକରଣକୁ ନେଇଥିବା ଲୋକକଥା ଉପରେ ଏକ କ୍ଷୁଦ୍ର ନାଟକ ପ୍ରଦର୍ଶନ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଯୁବନେତା ଶୁଭ୍ରାଂଶୁ ପଣ୍ଡା ଯୋଗ ଦେଇଥିଲେ । ବିରାଟ ହରିପାଲ ପଞ୍ଚ କରିଥିବା ବେଳେ ହରି ଶିକାଙ୍କ ସଭାପତିତ୍ୱରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା ହୋଇଥିଲା । ରାଜେଶ ଶିକା, ମନୋରମା, ନାରାୟଣ, ବେଦବ୍ୟାସ, ସୂର୍ଯ୍ୟକାନ୍ତ, ହେମନ୍ତ, ବିରେନ, ଜିତେନ, ଦିଲିପ ବିହାରିଙ୍କ ସମେତ ଆମ୍ବେଦକର କ୍ଲବର ସମସ୍ତ ସଭ୍ୟ ଏହି କାର୍ଯ୍ୟକ୍ରମ ପାଇଁ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

**କନ୍ଧମାଳ:** ପଶ୍ଚିମ ଓଡ଼ିଶାର କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ ଅବସରରେ କନ୍ଧମାଳର ଅଗ୍ରଣୀ ଅନୁଷ୍ଠାନ ୟଙ୍ଗ ଷ୍ଟାର ଆସୋସିଏସନ୍ ପକ୍ଷରୁ ସ୍ଥାନୀୟ ବ୍ଲକ ଛକଠାରେ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଉତ୍ସାହ ଓ ଆନନ୍ଦର ସହ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ମହିଧର ରଣା ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ପ୍ରକାଶ ସାହୁ ଉପସ୍ଥିତ ଥିଲେ । ଅନ୍ୟତମ ଅତିଥି ଭାବେ ଆଇନଜୀବୀ ପ୍ରଶାନ୍ତ ସାହୁ, ସଚ୍ଚିତ ସେନାପତି, ଡମ୍ବରୁଧର କୁଅଁର, ସୁମିତ୍ରା ସାହୁ ପ୍ରମୁଖ ଯୋଗ ଦେଇଥିଲେ । ୟଙ୍ଗ ଷ୍ଟାର ଆସୋସିଏସନ୍‌ର ସଭାପତି ପ୍ରେମଲାଲ ମହାନ୍ତି ମଞ୍ଚାସୀନ ଥିଲେ । ପ୍ରଥମେ ଅତିଥିମାନେ ମା' ସମଲେଇଙ୍କ ନିକଟରେ ଦୀପ ପଜ୍ୱଳନ କରି ସଭାକାର୍ଯ୍ୟର ଶୁଭାରମ୍ଭ କରିଥିଲେ । ପରେ ଅତିଥିମାନେ ନୂଆଁଖାଇ ପର୍ବର ମହତ୍ତ୍ୱ, ପରମ୍ପରା ଓ ଭାଇଚାରା ସମ୍ପର୍କରେ ନିଜ ନିଜର ମତବ୍ୟକ୍ତ କରିଥିଲେ । ୟଙ୍ଗ ଷ୍ଟାର କମିଟିର ସଦସ୍ୟ ଶତିଶ ମାହାଣା, ଶିର୍ଦ୍ଧେଶ୍ୱର ପାଣିଗ୍ରାହୀ, ବ୍ରହ୍ମାନନ୍ଦ ପଟ୍ଟନାୟକ, ସୁରଜ ସାହୁ, ସୋରଜ ସାହୁ, ବିଟୁ ବିଶି, ଗୋଲ୍ଡି ବିଶି, ଦୁର୍ଗେସ ବାରିକ, ଶମ୍ଭୁ ପ୍ରସାଦ ସାହୁ, ଗିଟିକାନ୍ତ ବେହେରା, ବୁବୁ, କାଜୁ, ପପୁ, ବିଜୟ, ସୁବ୍ରତ, ରାଜେଶ, ଲିପୁନ, ଯୁଧିଷ୍ଠିର, ବଣ୍ଟୁଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ । 'ଦିଲ୍ ଖୁଜୁଛେ ଦିଲ୍ କେ' ସମ୍ବଲପୁରୀ ଅର୍କେଷ୍ଟ୍ରା କାର୍ଯ୍ୟକ୍ରମ ଏହି ନୂଆଁଖାଇ ଭେଟଘାଟର ମୁଖ୍ୟ ଆକର୍ଷଣ ଥିଲା ।



**ସଇଁତଳା:** ସଇଁତଳା ବ୍ଲକ ଜାମଖୁଣ୍ଟା ଗ୍ରାମରେ ସାଧୁ ଗୌଡେଶ୍ୱର ଯୁବକ ସଂଘ ଆନୁକୂଲ୍ୟରେ ୪୮ତମ ଗଣଶ ପୂଜା ଅବସରରେ ନୂଆଁଖାଇ ଭେଟଘାଟ ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବଡ଼ମାଳ ଫାଣ୍ଡି ଅଧିକାରୀ ସନ୍ତୋଷ ପରୋହିତ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଗୁରୁକୃପା ଟ୍ରଷ୍ଟର ଅଧ୍ୟକ୍ଷ କେଦାର କବାଟ, ଅବିନାଶ ନନ୍ଦ, ଗାଁ ଗୌନ୍ତିଆ ସୂର୍ଯ୍ୟନାରାୟଣ ବଗର୍ତ୍ତୀ, ଶତ୍ରୁଘନ ସେଲମା, ମାଲଗୋବିନ୍ଦ ବଗର୍ତ୍ତୀ ଓ ଗୋବିନ୍ଦ କୁମ୍ଭାର ପ୍ରମୁଖ ଯୋଗ ଦେଇଥିଲେ । ଏଥିସହ ଗଣେଶ ପୂଜା କମିଟି ସଭାପତି ଗୋବିନ୍ଦ ଯାନୀ, ଲବ ବଗର୍ତ୍ତୀ, ଯଶକେତନ ଦଣ୍ଡସେନା, ତପନେ ନାଗ, ନୀଲେଶ ବାରିକ ପ୍ରମୁଖ ଉପସ୍ଥିତ ଥିଲେ । ଗୋକୁଳା, ରୁବି ଓ ଡୋଲେଶ୍ୱରୀ ମଞ୍ଚ ପରିଚାଳନା କରିଥିଲେ । ଶେଷରେ ଯଶକେତନ ଦଣ୍ଡସେନା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା । ସେହିଭଳି ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ଅନୁଷ୍ଠିତ ହୋଇଥିଲା । ନାଚଗୀତର ଆସର ଜମିଥିଲା ।

**ଦେଓଗାଁ:** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଧଣ୍ଡାମାଲ ପଞ୍ଚାୟତ ପିପଲପଦର ଗାଁରେ ଗୁରୁବାର ନୂଆଁଖାଇ ଭେଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କମିଟି ସଭାପତି ମନୋରଞ୍ଜନ ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ, ସମ୍ମାନୀତ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ କସ୍ତୁରୀ ଚରଣ ରାଉତ, ଧଣ୍ଡାମାଲ ପାକ୍ସର ସମ୍ପାଦକ ଭଗବାନ ଗଡ଼ତ୍ୟା, ସମିତିସଭ୍ୟ ଶଙ୍କର ମୁଦୁଲି, ସାମାଜିକ କର୍ମୀ ଦିନେଶ ନାଏକ ପ୍ରମୁଖ ଯୋଗ ଦେଇଥିଲେ । ପ୍ରମୋଦ ପଧାନ, ଆକାଶ ନାଏକ, ସୁନୀଲ ନାଏକ, ସଚିନ ନାଏକ, ବିକାଶ ନାଏକ, ମଦନ ମାହାକୁର, ବିଜୟ ନାଏକ, ବିଶ୍ୱନାଥ ନାଏକ, ମଧୁ ମାହାକୁର, ପ୍ରଦୀପ ବଗର୍ତ୍ତି, ହରୀ ସାହୁ, ଲିଟୁନ ଭୋଇ, ଶ୍ରୀକାନ୍ତ ପାତ୍ର, ଚିତ୍ତ ନାଏକ, ଜଗା ବୁଡେକ, ସମୀର ସାହୁ ପ୍ରମୁଖ ସହଯୋଗ କରିଥିଲେ ।

## ବାଇକ୍‌ରୁ ପଡ଼ି ଯୁବକଙ୍କ ମୃତ୍ୟୁ

**ତୁରେକେଲା, ୧୮ ।୯ (ସମିସ):** ବଲାଙ୍ଗୀର ଜିଲ୍ଲା ତୁରେକେଲା ବ୍ଲକ ବୁଡିବାହାଲ ଗାଁ ମୁଣ୍ଡ ହନୁମାନ ମନ୍ଦିର ଛକରେ ବାଇକ୍‌ରୁ ପଡ଼ି ଜଣେ ଯୁବକଙ୍କ ଅକାଳ ମୃତ୍ୟୁ ଘଟିଛି । ମୃତ ଯୁବକ ହେଲେ ବୁଡିବାହାଲର ଦୁର୍ଯ୍ୟୋଧନ ମାଝୀ । ସେ ତୁରେକେଲା ଆସି ସନ୍ଧ୍ୟାରେ ବାଇକରେ ଘରକୁ ଫେରୁଥିଲେ । ହନୁମାନ ମନ୍ଦିର ନିକଟରେ ହଠାତ୍ ବାଇକରୁ ଭାରସାମ୍ୟ ହରାଇ ପଡ଼ି ଯାଇଥିଲେ । ମୁଣ୍ଡରେ ଆଘାତ ଲାଗି ଅତ୍ୟଧିକ ରକ୍ତସ୍ରାବ ହେତୁ ଘଟଣାସ୍ଥଳରେ ହିଁ ତାଙ୍କ ଜୀବନ ଚାଲିଯାଇଥିଲା । ଖବର ପାଇ ତୁରେକେଲା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲା । କଣ୍ଟାବାଞ୍ଜି ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି । ମାତ୍ର ୬ ମାସ ହେଲା ସେ ବିବାହ କରିଥିଲେ ।

## ବିଲରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**କଣ୍ଟାବାଞ୍ଜି, ୧୮ ।୯ (ସମିସ):** ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ଥାନା ଅଧୀନ ବେଲପଡ଼ା ପଞ୍ଚାୟତର ସର୍ଦ୍ଦାରପୁର ଗାଁରେ ଶୁକ୍ରବାର ସକାଳେ ଏକ ହୃଦୟ ବିଦାରକ ଘଟଣା ସାମ୍ନାକୁ ଆସିଛି । ଗାଁର ଯୁବକ ପୁରୁଷୋତ୍ତମ ପୋଡ଼ (୨୬) ନିଜ ଚାଷ ବିଲରେ ଆତ୍ମହତ୍ୟା କରିଛନ୍ତି । ପୁରୁଷୋତ୍ତମ ଶୁକ୍ରବାର ସକାଳୁ ବିଲକୁ ଯାଇଥିଲେ । ବହୁ ସମୟ ପର୍ଯ୍ୟନ୍ତ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିବା ବେଳେ ତାଙ୍କୁ ଏହି ଅବସ୍ଥାରେ ଦେଖିଥିଲେ । ଏହି ଘଟଣା ସମଗ୍ର ଗାଁରେ ଶୋକର ଛାୟା ଖେଳାଇ ଦେଇଛି । ପୁରୁଷୋତ୍ତମ ଗତ ବର୍ଷ ବଙ୍ଗୋମୁଣ୍ଡା ଥାନା ଅଧୀନ ଡୁମେରପଡ଼ା ଗାଁରେ ବିବାହ କରିଥିଲେ । ତାଙ୍କର ୬ ମାସର ଏକ ଶିଶୁ ପୁତ୍ର ମଧ୍ୟ ଅଛି । ନୂଆ ସଂସାର ଆରମ୍ଭ ହୋଇଥିବା ବେଳେ ହଠାତ୍ ଏଭଳି ନିଷ୍ପତ୍ତି କାହିଁକି ନେଲେ ତାକୁ ନେଇ ଗାଁରେ ନାନା ଚର୍ଚ୍ଚା ଚାଲିଛି । ତାଙ୍କ ମୃତ୍ୟୁ ପରେ ପତ୍ନୀ ଓ କୁନି ପୁଅ ସମ୍ପୂର୍ଣ୍ଣ ବେସାହାରା ହୋଇପଡ଼ିଛନ୍ତି । ତେବେ କେଉଁ କାରଣରୁ ସେ ଏଭଳି ଚରମ ପଦକ୍ଷେପ ନେଲେ ତାର ପ୍ରକୃତ କାରଣ ଏଯାଏଁ ଜଣାପଡ଼ିନାହିଁ । ଖବର ପାଇ ବଙ୍ଗୋମୁଣ୍ଡା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା । କଣ୍ଟାବାଞ୍ଜି ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ କରିବା ପରେ ମୃତ ଶରୀରର ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ଏକ ଅପମୃତ୍ୟୁ ମାମଲା ରୁଜୁ କରି ଅଧିକ ତଦନ୍ତ ଆରମ୍ଭ କରିଛି ।

## ଗଞ୍ଜେଇ ମାମଲାରେ ଅଭିଯୁକ୍ତ ଗିରଫ

**କନ୍ଧମାଳ, ୧୮ ।୯ (ସମିସ):** ଗଞ୍ଜେଇ ମାମଲାରେ ସମ୍ପୃକ୍ତ ଥିବା ଜଣେ ଅଭିଯୁକ୍ତଙ୍କୁ କନ୍ଧମାଳ ପୁଲିସ ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଲେ ବରଗାଁ ପଞ୍ଚାୟତ ସୁର୍କାପଙ୍ଗା ଗ୍ରାମର ରାଧାକାନ୍ତ ରଣା । କନ୍ଧମାଳ ଥାନା ଆଇଆଇସି ଓମ୍ ପ୍ରକାଶ ମହାନ୍ତି ଏହି ସୂଚନା ଦେଇଛନ୍ତି ।

## କଣ୍ଟାବାଞ୍ଜି କେଭି କଲେଜ ଦୁର୍ନୀତି ଚର୍ଚ୍ଚା ସରଗରମ

**କଣ୍ଟାବାଞ୍ଜି, ୧୮ ।୯ (ସମିସ):** ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି କେଭି କଲେଜରେ ଦୁର୍ନୀତି ଅଭିଯୋଗ ନେଇ ସକାଳରେ ଖବର ପ୍ରକାଶିତ ହେବା ଏବେ ବିଭିନ୍ନ ପ୍ରକାରର ଚର୍ଚ୍ଚା ସହରରେ ଜୋର୍ ଧରିଛି । କିଛି ନିର୍ଦ୍ଦିଷ୍ଟ ପରିବାର ଲୋକେ କଲେଜ ଠିକା କାମକୁ ଅକ୍ତିଆର କରିଥିବା ଅଭିଯୋଗ ହେଉଛି । ଏନେଇ କଣ୍ଟାବାଞ୍ଜି କେଭି କଲେଜ ଅଧକ୍ଷ ଡ. ମନୋଜ ପଟ୍ଟନାୟକଙ୍କୁ ପଚାରିବାରୁ ସେ ବର୍ତ୍ତମାନ ନୂଆ ହୋଇ ଆସିଛନ୍ତି । ପୂର୍ବରୁ ପୂର୍ତ୍ତ ବିଭାଗ ସହ ଅନ୍ୟ ବିଭାଗ ଦ୍ୱାରା କୋଠା ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ କଲେଜକୁ ହସ୍ତାନ୍ତର ସାରିଛି; କିନ୍ତୁ ବର୍ତ୍ତମାନ କଲେଜ ଉନ୍ନତୀକରଣ କାମ ପୁଲିସ ହାଉସିଙ୍ଗ ବୋର୍ଡ଼ ଅଧୀନରେ ଚାଲିଛି । ଯଦି କାମରେ ଅନ୍ୟାୟମିମତା କିମ୍ବା କୌଣସି ଦୁର୍ନୀତି କି କାହାର ସମ୍ପୃକ୍ତି ଅଛି ତେବେ ନିହାତି ଭାବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି ।

## ସୁଧୁରିଯିବାକୁ ଅପରାଧୀଙ୍କୁ ଡିଆଇଜିଙ୍କ ପରାମର୍ଶ



**ବଲାଙ୍ଗିର, ୧୮ ।୯ (ସମିସ):** ଚରଣ ସିଂହ ମୀନା ଉତ୍ତରାଞ୍ଚଳ ଡିଆଇଜି ଭାବେ ଦାୟିତ୍ୱ ଗ୍ରହଣ ପରେ ପ୍ରଥମ ଥର ପାଇଁ ବଲାଙ୍ଗୀର ଗସ୍ତ କରି ଆଇନଶୃଙ୍ଖଳା ପରିସ୍ଥିତିର ସମୀକ୍ଷା କରିଛନ୍ତି । ଜିଲ୍ଲା ପୁଲିସ ମୁଖ୍ୟାଳୟରେ ସମୀକ୍ଷା ପରେ ବଲାଙ୍ଗୀର ଟାଉନ୍ ଥାନାରେ ପହଞ୍ଚି ତଦାରଖ କରିବା ସହ ଏସ୍‌ଡିପିଓଙ୍କ କାର୍ଯ୍ୟାଳୟରେ ସମୀକ୍ଷା କରିଛନ୍ତି । ସଙ୍ଗଠିତ ଅପରାଧ, ନିଶା କାରବାର, ଜମି ବ୍ୟବସାହ, ସାଇବର କ୍ରାଇମ ସହ ବେଆଇନ ଟଙ୍କା କାରବାର ଦମନ କରିବା ପାଇଁ ବଲାଙ୍ଗୀର ଏସ୍‌ପି ଅବିଲାଷ ଜୀ.ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଅପରାଧୀଙ୍କୁ କଡା ଚେତାବନୀ ଦେଇ ସୁଧୁରିଯିବାକୁ ପରାମର୍ଶ ଦେଇଛନ୍ତି । ନଚେତ୍ ଅପରାଧୀଙ୍କ ବିରୋଧରେ ପୁଲିସ ଜିରୋ ଟୋଲରେନସ ନୀତି ଅବଲମ୍ବନ କରିବ ବୋଲି ଚେତାବନୀ କହିଛନ୍ତି । ଗଳିକନ୍ଦିରେ ନିଶା କାରବାର ଚଳାଇଥିବା ଅପରାଧୀଙ୍କୁ ଖୋଜି ଗିରଫ କରିବାକୁ ପୁଲିସକୁ ନିର୍ଦ୍ଦେଶ ଦେଇଛନ୍ତି । ଲୋକଙ୍କୁ ସୁରକ୍ଷା ସହ ଥାନାକୁ ଆସୁଥିବା ଲୋକଙ୍କୁ ଉତ୍ତମ ବ୍ୟବହାର କରିବା ସହ ତୁରନ୍ତ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିବାକୁ ଡିଆଇଜି ପୁଲିସକୁ ନିର୍ଦ୍ଦେଶ ଦେଇଛନ୍ତି ।

## ପିକ୍‌ଅପ୍ ଧକ୍କାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ

**କଣ୍ଟାବାଞ୍ଜି, ୧୮ ।୯ (ସମିସ):** ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା-ସିନ୍ଧେକେଲା ୪୨ ନମ୍ବର ରାଜ୍ୟ ରାଜପଥର କନାବିରା ଗାଁ ନିକଟରେ ଆଜି ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଛି । ଦ୍ରୁତ ଗତିରେ ଆସୁଥିବା ଏକ ପିକ୍‌ଅପ୍ ଗୋଟିଏ ବାଇକକୁ ପିଟି ଦେବାରୁ ଘଟଣାସ୍ଥଳରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି । ମୃତ ଯୁବକ ଜଣକ ସିନ୍ଧେକେଲା ଥାନା ଅଧୀନ ବାହାବଲ ଗାଁର କେଦାର ବାଗ । ଗୁରୁତର ଆହତ ଯୁବକ ଜଣକ ହେଲେ ଦୁଷ୍ମନ୍ତ ହଂସ । ଉଭୟ ବାଇକ୍ ଯୋଗେ ଯାଉଥିବା ବେଳେ କନାବିରା ନିକଟରେ ବିପରୀତ ଦିଗରୁ ଆସୁଥିବା ପିକ୍‌ଅପ୍ ଭ୍ୟାନ ସେମାନଙ୍କୁ ଜୋରରେ ଧକ୍କା ଦେଇଥିଲା । ଧକ୍କାର ପ୍ରଭାବରେ ବାଇକ ଚୁରମାର ହୋଇଯାଇଥିଲା । ସ୍ଥାନୀୟ ଲୋକେ ଗୁରୁତର ଆହତ ଦୁଷ୍ମନ୍ତଙ୍କୁ ଉଦ୍ଧାର କରି ତୁରନ୍ତ କଣ୍ଟାବାଞ୍ଜି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ପରେ ତାଙ୍କୁ ବଲାଙ୍ଗୀର ମେଡିକାଲ ସ୍ଥାନାନ୍ତର କରାଯାଇଛି । ଖବର ପାଇ ବଙ୍ଗୋମୁଣ୍ଡା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ପିକ୍‌ଅପ୍ ଅଟକ ରଖି ଅଧିକ ତଦନ୍ତ ଆରମ୍ଭ କରିଛି । ଘଟଣା ସ୍ଥଳରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହେବା ପରେ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା ।

## ଲକ୍ଷାଧିକ ଆଶୀର୍ବାଦ ଦୀପ ପ୍ରଜ୍ୱଳିତ



**ବୌଦ୍ଧ, ୧୮ ।୯ (ସମିସ):** ବୌଦ୍ଧ ଜିଲ୍ଲାରେ ସେବା ସଂକଳ୍ପ ଅଭିଯାନର ଶୁଭାରମ୍ଭ କରାଯାଇଛି । ଏହି ଅବସରରେ ଜିଲ୍ଲାର ବିଭିନ୍ନ ମନ୍ଦିର, ଧାର୍ମିକ ସ୍ଥଳ ଓ ଗ୍ରାମାଞ୍ଚଳରେ ଲକ୍ଷାଧିକ ଆଶୀର୍ବାଦ ଦୀପ ପ୍ରଜ୍ୱଳିତ ହୋଇଥିଲା । ବୌଦ୍ଧ ସହରସ୍ଥିତ ଚନ୍ଦ୍ରଚୂଡ଼ ମନ୍ଦିର ପରିସରରେ ଆୟୋଜିତ ପ୍ରଦୀପ ପ୍ରଜ୍ୱଳନ କାର୍ଯ୍ୟକ୍ରମରେ ବୌଦ୍ଧ ବିଧାୟକ ସରୋଜ ପ୍ରଧାନ, ବିଜେପି ଜିଲ୍ଲା ସଭାପତି ପ୍ରେମାନନ୍ଦ ମିଶ୍ର, ଦେବାଶିଷ ପୁରୋହିତ ପ୍ରମୁଖ ଉପସ୍ଥିତ ଥିଲେ । ମହାନଦୀ ଆଳତୀ ଘାଟରେ ଶହ ଶହ ମହିଳା ଓ ଜନ ସାଧାରଣଙ୍କ ଉପସ୍ଥିତ ଥିଲେ । ସେହିପରି ବୌଦ୍ଧ ରାମେଶ୍ୱର ଶିବ ମନ୍ଦିର ପରିସରରେ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଏଥିରେ କନ୍ଧମାଳ ସାଂସଦଙ୍କ ପ୍ରତିନିଧି ଯୁଗଳ କିଶୋର ସାମଲ, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପଜିଲ୍ଲାପାଳ ବିନୟ ଭୋଇ, ବୌଦ୍ଧ ବିଡିଓ ଯୁଗଳ କିଶୋର ବିଶ୍ୱାଳ, ଜିଲ୍ଲା ସଂସ୍କୃତି ଅଧିକାରୀ ଅଙ୍କିତା ସାହୁ, ଡିଏସଡବ୍ଲୁଓ ସାଗରିକା ଦତ୍ତ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା, ରଶ୍ମିରଞ୍ଜନ ସେଠୀଙ୍କ ସମେତ ବହୁ ଜିଲ୍ଲାସ୍ତରୀୟ ଅଧିକାରୀ, ମହିଳା ଶିଶୁ ବିକାଶ ବିଭାଗ ଅଧିକାରୀ ଯୋଗ ଦେଇଥିଲେ । ରାମେଶ୍ୱର ଶିବ ମନ୍ଦିର ପରିସରରେ ଅନେକ ସ୍ୱୟଂ ସହାୟକ ମହିଳା, ସୁଭଦ୍ରା ହିତାଧିକାରୀ ଏକତ୍ରିତ ହୋଇ ସାମୂହିକ ଭାବେ ଦୀପ ପ୍ରଜ୍ୱଳନ କରିଥିଲେ ।

## ରଞ୍ଜିତା ମହାନ୍ତିଙ୍କ ସ୍ମୃତିରେ ମେଧାବୀ ପ୍ରୋତ୍ସାହନ ବୃତ୍ତିରାଶି ପ୍ରଦାନ

**ବୌଦ୍ଧ, ୧୮ ।୯ (ସମିସ):** ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଜଗତି ଯୁଜି ହାଇସ୍କୁଲ ସଭାଗୃହରେ ରଞ୍ଜିତା ମହାନ୍ତି ସ୍ମୃତି ମେଧାବୀ ଛାତ୍ରଛାତ୍ରୀ ପ୍ରୋସାହନ ବୃତ୍ତି ରାଶି ପ୍ରଦାନ କରାଯାଇଛି । ଜିଲ୍ଲାପାଳ ବିଭୁତି ଭୁଷଣ ନାଏକ, ଜିଲ୍ଲା ଶିକ୍ଷା ଅଧିକାରୀ ଟେମଲାଲ ଦୁବେ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଉତ୍ସବ ସାହୁ, ଅବସରପ୍ରାପ୍ତ ବିଡିଓ ଯାଦବ କିଶୋର କର୍ଣ୍ଣ, ଅବସରପ୍ରାପ୍ତ ସହକାରୀ କୃଷି ଅଧିକାରୀ ସତ୍ୟାନନ୍ଦ ଜେନା, ସହକାରୀ ଶିକ୍ଷକ ସମୀର ଜେନା, ମନମୁଣ୍ଡା ଲୋପାମୁଦ୍ରା ଉଚ୍ଚ ମାଧମିକ ବିଦ୍ୟାଳୟର ଅଧ୍ୟାପକ ମନୋଜ ଗୁରୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରଧାନଶିକ୍ଷକ ଦେବେନ୍ଦ୍ର ଦେହୁରୀ ଅଧ୍ୟକ୍ଷତା କରିଥିଲେ । ୨୦୨୫-୨୬ ହାଇସ୍କୁଲ୍ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଆରୁସିରାଣୀ ବେହେରା ଓ ଶୋଭୋମ ପ୍ରଧାନଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ପୁରସ୍କାର ସହ ସମ୍ମାନିତ କରାଯାଇଥିଲା । ଶିକ୍ଷକ ପଦ୍ମଲୋଚନ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ । ଶିକ୍ଷକ ବିଶ୍ୱେଶ୍ୱର ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ । ସୂଚନାଯୋଗ୍ୟ, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ବିପ୍ରଚରଣ ମହାନ୍ତି ତାଙ୍କ ପତ୍ନୀ ରଞ୍ଜିତାଙ୍କ ସ୍ମୃତିରେ ଏହି ବୃତ୍ତି ଆରମ୍ଭ କରିଛନ୍ତି ।

## ରଡ୍‌ରେ ଆକ୍ରମଣ ଓ ଛୁରାମାଡ଼ କରି ଯୁବକ ଗିରଫ

**ଖପ୍ରାଖୋଲ, ୧୮ ।୯ (ସମିସ):** ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ଥାନା ଅଧୀନ ନନ୍ଦୁପାଲା ଗାଁରେ ଏକ ଅଭାବନୀୟ ଘଟଣା ଘଟିଛି । ଜଣେ ଯୁବକଙ୍କୁ ଗାଳିଗୁଲଜ କରିବା ସହ ଲୁହା ରଡ୍ ଏବଂ ଛୁରିରେ ଆକ୍ରମଣ କରାଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି । ନନ୍ଦୁପାଲା ଗାଁର ମୁଖ୍ୟ ବେହେରା (୪୦) ଏହି ଆକ୍ରମଣର ଶିକାର ହୋଇଛନ୍ତି । ତମ୍ବିପଦର ଛକରେ ସେହି ଗାଁର ବିଶ୍ୱ ପ୍ରଧାନୀ ତାଙ୍କୁ ଗାଳିଗୁଲଜ କରିବା ସହ ଏକ ଲୁହା ରଡ୍‌ରେ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲା । ମୁଖ୍ୟ ବେହେରା ସାହସ କରି ସେହି ଲୁହା ରଡ୍‌ଟିକୁ ଧରି ପକାଇଥିଲେ । ଏହାପରେ ଅଭିଯୁକ୍ତ ବିଶ୍ୱ ଏକ ଛୁରି କାଢ଼ି ମୁଖ୍ୟଙ୍କୁ ଆକ୍ରମଣ କରିଥିଲା । ଅଭିଯୋଗକୁ ଭିତ୍ତିକରି ପୁଲିସ ଅଭିଯୁକ୍ତକୁ ଗିରଫ କରିଛି ।

## ଦେଓଗାଁରେ ଗଣେଶପୂଜା ଉପଲକ୍ଷେ ରାମାୟଣ ପାରାୟଣ



**ଦେଓଗାଁ, ୧୮।୯ (ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଦେଓଗାଁ ଗ୍ରାଜୁଏଟପଡ଼ାରେ ଗଣେଶପୂଜା ଉପଲକ୍ଷେ ରାମାୟଣ ପାରାୟଣ ଅନୁଷ୍ଠିତ ହୋଇଯାଇଛି । ଗଣେଶପୂଜା କମିଟି ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ୟାସଭାବେ ବର୍ଷାରାଣୀ ତ୍ରିପାଠୀ ଯୋଗ ଦେଇଥିଲେ । ହନୁମାନ ଚରିତ୍ରରେ ଶରତ ପୁଟେଲଙ୍କ ଅଭିନୟ ଉପସ୍ଥିତ ଶ୍ରଦ୍ଧାଳୁଙ୍କ ମନ ଛୁଇଁଥିଲା । ସେହିପରି ସ୍ଥାନୀୟ ସାଗରପଡ଼ାରେ ଅନୁଷ୍ଠିତ ଗଣେଶପୂଜା ଉପଲକ୍ଷେ କୃଷ୍ଣଗୁରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ବାନ୍ଧି ରଖିଥିଲା ।

# ବୌଦ୍ଧ ଜିଲ୍ଲାସ୍ତରୀୟ ଗୋ-ସୁରକ୍ଷା ଅଭିଯାନ



**ବୌଦ୍ଧ, ୧୮ ।୯ (ସମିସ)**

ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ସରସରା ପଞ୍ଚାୟତ ବଘାରପାଲି ଚନ୍ଦ୍ରଶେଖର ଶିବମନ୍ଦିରରେ ଗୋ ସମ୍ମାନ ଆହ୍ୱାନ ଅଭିଯାନ ଉପରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି । ପୁରୀ ଜିଲ୍ଲା ବାଲିଘାଇସ୍ଥିତ କ୍ରିୟାଯୋଗ ଆଶ୍ରମ ଆହ୍ୱାନକ୍ରମେ ଏହା ଅନୁଷ୍ଠିତ ହୋଇଥିଲା । ବୌଦ୍ଧ ଜିଲ୍ଲା ସଭାପତି ପ୍ରାଣବନ୍ଧୁ ମହାପାତ୍ର ଓ ସମ୍ପାଦକ ବିଶିକେଶନ ପ୍ରଧାନଙ୍କ ଆୟୋଜନ କ୍ରମେ ମୁଖ୍ୟ ଅତିଥି ଭାବେ ରାଜସ୍ଥାନର ସାଧୁ ଭୂପେନ୍ଦ୍ର ସିଂହ, ଅନ୍ୟତମ ଅତିଥି ଭାବେ ବୌଦ୍ଧ ଜିଲ୍ଲା ଶ୍ରୀ ରାଧାମାଧବ ସେବା ଶ୍ରମ ମୁଖ୍ୟ ଆଚାର୍ଯ୍ୟ ଆଦିତ୍ୟ ଦାସ ବ୍ରହ୍ମଚାରୀ, ପୁରୀ ବାଲିଘାଇ ଆଶ୍ରମର ସାଧୁ କ୍ରିଷ୍ଣାନନ୍ଦ ଗିରି ମହାରାଜା ଓ ସ୍ୱାମୀ ସ୍ୱରୂପାନନ୍ଦ ଗିରି, ଗୋ ସେବା ସମିତି ରାଜ୍ୟ ସଂଯୋଜକ କୁଳମଣି ବାରିକ ପ୍ରମୁଖ ଯୋଗଦେଇ ଗୋ ମହାତ୍ମ୍ୟ, ପାରମ୍ପରିକ କୃଷି ଉପରେ ତାଲିମ ଦେଇଥିଲେ । ଚାଷୀ ଗଦାଧର ମହାକୁଡ଼, କେଦାରନାଥ ସାହୁ, ମାହେଶ୍ୱରୀ ଗୋଶାଳା ସମ୍ପାଦକ କୃତ୍ତିବାସ ପଲିଆ, ବୌଦ୍ଧ ଉନ୍ନୟନ ମଞ୍ଚ ସଭାପତି ଇଂ ବିକାଶ ମହାକୁଡ଼, ସମ୍ପାଦକ କୁନା ମାହାର, ବଘାରପାଲି ଶ୍ରୀ ଚନ୍ଦ୍ରଶେଖର ବାବା ପରିଚାଳନା କମିଟି ସଭାପତି ଗୋବର୍ଦ୍ଧନ ବିଶି ପ୍ରମୁଖ ଉପସ୍ଥିତ ଥିଲେ । ଅଞ୍ଚଳର ଅନେକ ଗୋ ଭକ୍ତ ଓ ଚାଷୀ ଯୋଗଦେଇ ତାଲିମ ନେଇଥିଲେ । ଶେଷରେ ଆୟୋଜକ ବିଶିକେସନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

## ପ୍ରାଦେଶିକ ସଂସ୍କୃତି ମହୋତ୍ସବ ଉଦ୍‌ଘାଟିତ



**ବଲାଙ୍ଗିର, ୧୮ ।୯ (ସମିସ):** ସ୍ଥାନୀୟ କଲେଜ ଛକ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ୩ ଦିନ ଧରି ହେବାକୁ ଥିବା ୨୪ତମ ପ୍ରାଦେଶିକ ସଂସ୍କୃତି ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି । କାର୍ଯ୍ୟକ୍ରମର ଅଧ୍ୟକ୍ଷ ଇଂ. ବେଲାଲ ସିଂ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ମୁଖ୍ୟ ଅତିଥି ଭାବେ ତପୋବନ ଆଶ୍ରମର ସ୍ୱାମୀ ତେଜୋମୟା ନନ୍ଦ, ମୁଖ୍ୟ ବକ୍ତା ଭାବେ ଶିକ୍ଷା ବିକାଶ ସମିତିର କମଳାକାନ୍ତ ମିଶ୍ର, ସମ୍ମାନୀତ ଅତିଥି ଭାବେ ପୂର୍ବ କ୍ଷେତ୍ର କାର୍ଯ୍ୟକାରିଣୀ ସଦସ୍ୟ ଦିବାକର ଘୋଷ ଯୋଗ ଦେଇଥିଲେ । ପ୍ରକାଶ ଚନ୍ଦ୍ର ତ୍ରିପାଠୀ ପରିଚୟ ପ୍ରଦାନ କରିଥିଲେ । ଆଶିଷ ରଥ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ତ୍ରିବିକ୍ରମ ଦାଶ ଧନ୍ୟବାଦ ଦେଇଥିଲେ । ପ୍ରଧାନ ଆଚାର୍ଯ୍ୟ ରବୀନ୍ଦ୍ର ମିଶ୍ର, ସମ୍ପାଦକ ନୀଳାଞ୍ଚଳ ଚିର୍ଗୁନଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଛି ।

## ଆଜିର ରାଶିଫଳ

**ମେଷ:** ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ଭାଳି ପାରନ୍ତି । ଆଜି ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ । ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ । କ୍ରୋଧ ଉପରେ ନିୟନ୍ତ୍ରଣ ରଖିବା ଭଲ । ଆର୍ଥିକ ସମସ୍ୟା ଦେଖାଦେଇ ପାରେ ।

**ବୃଷ:** ବିଦ୍ୟାର୍ଥୀ କଠିନ ପରିଶ୍ରମ କରି ସଫଳ ହୋଇପାରନ୍ତି । ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ । ଦୀର୍ଘ ଦିନର ଆଶା ପୂରଣ ହୋଇପାରେ । କୋର୍ଟ କଚେରୀ ମାମଲାରୁ ବିଜୟୀ ହେବେ ।

**ମିଥୁନ:** ଦୂରଯାତ୍ରାରୁ ଥକ୍କାପଣ ଅନୁଭବ କରିପାରନ୍ତି । ପାରିବାରିକ ସୁଖ ଶାନ୍ତି ମିଳିପାରେ । ଯାନବାହନ କ୍ରୟ କରିପାରନ୍ତି । ଚକ୍ଷୁ ସମସ୍ୟା ହୋଇପାରେ । ପିଲାଙ୍କ ଭବିଷ୍ୟତ ପାଇଁ ପିତାମାତା ଚିନ୍ତା କରିବେ ।

**କର୍କଟ:** ଆଇଟି ଚାକିରିଆଙ୍କ ପାଇଁ ଦିନଟି ଭଲ । ଲୋକ ସମ୍ପର୍କ ବୃଦ୍ଧି ପାଇପାରେ । ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି । କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ । ଆଶା କରିଥିବା ଦିଗରୁ ଧନ ମିଳିପାରେ ।

**ସିଂହ:** ଦିନଟି ଶୁଭଫଳ ପ୍ରଦାନ କରିବ । ମହିଳାମାନେ ସନ୍ତାନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତିତ ରହିପାରନ୍ତି । ଅତିଥି ସତ୍କାର କରିପାରନ୍ତି । ବ୍ୟବସାୟରୁ ଲାଭ ମିଳିପାରେ । ମାନ ସମ୍ମାନ ବୃଦ୍ଧି ପାଇବ ।

**କନ୍ୟା:** ଦିନଟି ବ୍ୟସ୍ତରେ ବିତିବ । ଜମି କିଣାବିକା ପାଇଁ ଭଲ ସମୟ । ଆୟ ଅନୁସାରେ ବ୍ୟୟ କମ୍ ହେବ । ପ୍ରିୟଜନଙ୍କ ସହ ଦୂରଯାତ୍ରା କରିପାରନ୍ତି । ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ ।

**ତୁଳା:** ଯୋଜନା ଅନୁଯାୟୀ କାମ କରିବେ । ଜୀବନସାଥିଙ୍କ ସହ ଖୁସିର ମୁହୂର୍ତ୍ତ ବିତାଇବେ । ଲୋକ ସମ୍ପର୍କ ବୃଦ୍ଧି ପାଇବ । ଧାର୍ମିକ କାର୍ଯ୍ୟ ପ୍ରତି ମନ ବଳାଇବେ । ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ ।

**ବିଛା:** ପାରିବାରିକ ସମସ୍ୟା ଲାଗି ରହିପାରେ । କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ । ସାମାଜିକ ଏବଂ ଧାର୍ମିକ ସମାରୋହ ପାଇଁ ଦିନଟି ଭଲ । ଜୀବନସାଥିଙ୍କ ସହ ଭ୍ରମଣ ଯୋଗ ରହିଛି । ସଙ୍ଗୀତ ପ୍ରତି ରୁଚି ବଢ଼ିବ ।

**ଧନୁ:** ନୂତନ ବ୍ୟବସାୟ ଆରମ୍ଭ କରିବେ । ପତି-ପତ୍ନୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ । ଯାତାୟାତ ସମୟରେ ସତର୍କତା ଅବଲମ୍ବନ କରନ୍ତୁ । ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରିବେ ।

**ମକର:** ଆଜି ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ । ଉଧାର ଦେଇଥିବା ଟଙ୍କା ଫେରି ପାଇବେ । କର୍ମକ୍ଷେତ୍ରରେ ପଦୋନ୍ନତି ଯୋଗ ରହିଛି । ମହିଳାମାନେ ଅଳଙ୍କାର କିଣାକିଣିରେ ସମୟ ଦେବେ ।

**କୁମ୍ଭ:** ତରବରିଆ ଭାବେ ନିଷ୍ପତ୍ତି ନିଅନ୍ତୁନି । ପିତାଙ୍କ ସ୍ୱାସ୍ଥ୍ୟସମସ୍ୟା ଚିନ୍ତିତ କରିପାରେ । ଆଶା କରିଥିବା ଦିଗରୁ ନିରାଶ ହୋଇପାରନ୍ତି । ଧୈର୍ଯ୍ୟ ରଖି ଚାଲନ୍ତୁ । ଧାର୍ମିକ କାର୍ଯ୍ୟରେ ସାମିଲ ରହିବେ ।

**ମୀନ:** ନିଜ କଥା ଉପରେ ନିୟନ୍ତ୍ରଣ ରଖନ୍ତୁ । ବୈବାହିକ ଜୀବନ ସୁଖମୟ ହେବ । ମହିଳାଙ୍କ ଦାୟିତ୍ୱ ବଢ଼ିପାରେ । କୌଣସି କଥାକୁ ନେଇ ଚିନ୍ତା ବଢ଼ିପାରେ । ପୁରୁଣା ନିବେଶରୁ ଲାଭ ମିଳିପାରେ ।

## ଆଜିର ଐତିହ୍ୟ

- ୧୮୯୧- ୱିଲିୟମ୍ ସେକ୍ସପିଅର୍‌ଙ୍କ ବିଶ୍ୱ ପ୍ରସିଦ୍ଧ ନାଟକ 'ମର୍ଚ୍ଚାଣ୍ଟ ଅଫ୍ ଭେନିସ୍'କୁ ପ୍ରଥମ ଥର ମାଞ୍ଚେଷ୍ଟର୍‌ରେ ମଞ୍ଚସ୍ଥ କରାଗଲା ।
- ୧୮୯୩- ସ୍ୱାମୀ ବିବେକାନନ୍ଦ ଆମେରିକାର ସିକାଗୋରେ ଆୟୋଜିତ ବିଶ୍ୱ ଧର୍ମ ମହାସଭାରେ ଐତିହାସିକ ଭାଷଣ ଦେଇଥିଲେ ।
- ୧୯୬୨- ଭାରତର ଉତ୍ତର ସୀମାରେ ଚୀନ୍‌ର ଆକ୍ରମଣ ।
- ୨୦୦୦- କର୍ଣ୍ଣମ୍ ମାଲେଶ୍ୱରୀ ଅଲିମ୍ପିକ୍ ଭାରୋତ୍ତୋଳନ ପ୍ରତିଯୋଗିତାରେ କାଂସ୍ୟ ପଦକ ଜିତିଲେ ।

# ମେସିନ୍ ଲଗାଉଛି ମେହେନ୍ଦି



ଭାରତୀୟ ମହିଳାମାନେ ବିବାହ ତଥା ପର୍ବପର୍ବାଣିଗୁଡ଼ିକରେ ହାତରେ ମେହେନ୍ଦି ଲଗାଇଥାନ୍ତି । ସେହିଭଳି କିଛି ବିଶେଷ ଅବସରରେ ମେହେନ୍ଦି ଆର୍ଟିଷ୍ଟଙ୍କୁ ଡକାଯାଏ । ଯିଏ ଘଣ୍ଟା ଘଣ୍ଟା ଧରି ହାତରେ ସୁନ୍ଦର ସୁନ୍ଦର ମେହେନ୍ଦି ଡିଜାଇନ୍ କରନ୍ତି । ଗ୍ରାହକଙ୍କ ରୁଚିକୁ ଦେଖି ସେମାନେ ଡିଜାଇନ୍‌ଗୁଡ଼ିକ କରନ୍ତି । ନିକଟରେ ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ଏକ ଭିଡିଓ ଏବେ ଏହାକୁ ଜୀବିକା କରି ଚଳୁଥିବା ଲୋକଙ୍କ ପାଇଁ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି । ନିକଟରେ ଆର୍‌ପିଜି ଗ୍ରୁପର ଅଧ୍ୟକ୍ଷ ହର୍ଷ ଗୋଏଙ୍କା ନିଜ 'ଏକ୍ସ' ଆକାଉଣ୍ଟରେ ଏକ ଭିଡିଓ ସେୟାର କରିଛନ୍ତି । ଯେଉଁଥିରେ "ଧାରା ମେହେନ୍ଦି ଡିଜାଇନ୍" ନାମକ ଏକ ସୂକ୍ଷ୍ମ ଯନ୍ତ୍ର ଅତି କମ୍ ସମୟରେ ଅତି ସୁନ୍ଦର ଭାବେ ମେହେନ୍ଦି ଲଗାଉଥିବାର ଦେଖିବାକୁ ମିଳୁଛି । ଏହି ଭିଡିଓଟି ସୋସିଆଲ ମିଡିଆରେ ଭାଇରାଲ ହେବା ସହ "ଆଉ କିଛି ଚାକିରି ଚାଲିଗଲା" ବୋଲି ହର୍ଷ ଲେଖିବା ପରେ ପ୍ରଯୁକ୍ତିବିଦ୍ୟା ଓ ଜୀବିକାକୁ ନେଇ ବ୍ୟାପକ ଚର୍ଚ୍ଚା ଆରମ୍ଭ ହୋଇଛି । ମେସିନ୍‌ରେ ଥିବା ସ୍ମାର୍ଟ ସ୍କ୍ରିନ୍‌ରୁ ଜଣେ ନିଜ ପସନ୍ଦର ମେହେନ୍ଦି ଡିଜାଇନ୍ ବାଛିପାରିବେ । ସାଧାରଣତଃ ହାତରେ ମେହେନ୍ଦି ଲଗାଇବାକୁ ୪୫ ମିନିଟ୍‌ରୁ ଅଧିକ ସମୟ ଲାଗୁଥିବା ବେଳେ ଏହି ମେସିନ୍ ମାତ୍ର କିଛି ସେକେଣ୍ଡ ମଧ୍ୟରେ ସମ୍ପୂର୍ଣ୍ଣ ଡିଜାଇନ୍ ତିଆରି କରିଦିଏ । ଏଥିରେ ଥିବା ରୋବୋଟିକ୍ ନୋଜଲ୍ ଏବଂ ସେନ୍ସର ସାହାଯ୍ୟରେ ବିନା କୌଣସି ଭୁଲରେ ଅତି ସୂକ୍ଷ୍ମ ଡିଜାଇନ୍ ପ୍ରସ୍ତୁତ କରାଯାଏ । ଏହି ଅଟୋମେଟିକ୍ ମେହେନ୍ଦି ମେସିନ୍ ସୋସିଆଲ ମିଡିଆରେ ଚହଳ ପକାଇଥିଲେ ମଧ୍ୟ, ବ୍ୟବସାୟିକ ଭାବେ ଏହା ସବୁ ସ୍ଥାନରେ ସହଜରେ ଉପଲବ୍ଧ ହୋଇନାହିଁ । ଏହାକୁ ନେଇ ଲୋକଙ୍କ ମଧ୍ୟରେ ଭିନ୍ନ ଭିନ୍ନ ମତ ପ୍ରକାଶ ପାଇଛି । କିଛି ଲୋକ ଏହାର ସ୍ପିଡ୍ ଏବଂ ଟେକ୍ନୋଲୋଜିକୁ ପସନ୍ଦ କରୁଥିବାବେଳେ ଅନେକେ ଏହାଦ୍ୱାରା ପାରମ୍ପରିକ ମେହେନ୍ଦି କଳାକାରମାନଙ୍କ ରୋଜଗାର ଉପରେ ପ୍ରଭାବ ପଡ଼ିପାରେ ବୋଲି ଚିନ୍ତା ପ୍ରକଟ କରିଛନ୍ତି ।

# ଡିସେମ୍ବରରେ 'ରାକା'ର ପ୍ରଥମ ଝଲକ୍



ପ୍ୟାନ୍ ଇଣ୍ଡିଆ ଷ୍ଟାର୍ ଅଲ୍ଲୁ ଅର୍ଜୁନ ଏବଂ ସାଉଥ୍ ଇଣ୍ଡଷ୍ଟ୍ରୀର ଆଗଧାଡ଼ିର ନିର୍ଦ୍ଦେଶକ ଏଟ୍‌ଲିଙ୍କ ଆଗାମୀ ଫିଲ୍ମ 'ରାକା'କୁ ନେଇ ସିନେପ୍ରେମୀଙ୍କ ମଧ୍ୟରେ ବେଶ୍ ଉତ୍ସାହ ରହିଛି । ନିକଟରେ ଫିଲ୍ମର ଅଫିସିଆଲ୍ 'ଏକ୍ସ' ହ୍ୟାଣ୍ଡେଲରେ ଏକ ବଡ଼ ଘୋଷଣା କରାଯାଇଛି, ଯାହା ସୋସିଆଲ ମିଡିଆରେ ହଲଚଲ ସୃଷ୍ଟି କରିଛି । ଫିଲ୍ମ ନିର୍ମାତାଙ୍କ ପକ୍ଷରୁ 'ରାକା'ର ଏକ ଆକର୍ଷଣୀୟ ଟାଇଟଲ୍ ପୋଷ୍ଟର୍ ସେୟାର୍ କରାଯାଇଛି । ଏହା ସହିତ ଟ୍ୱିଟ୍ କରାଯାଇଛି ଯେ, ପ୍ରାୟ ତିନି ମାସ ପରେ ଅର୍ଥାତ୍ ଚଳିତ ବର୍ଷ ଡିସେମ୍ବର ୨୦୨୬ରେ 'ରାକା' ଦୁନିଆର ପ୍ରଥମ ଝଲକ୍ ଦେଖିବାକୁ ମିଳିବ । ତେବେ ଏହି ପ୍ରଥମ ଝଲକ୍‌ରେ ଚଳଚ୍ଚିତ୍ରର ଟିଜର୍ ଆସିବ ନା କୌଣସି ସ୍ପେଶାଲ ପ୍ରୋମୋ ଭିଡିଓ, ସେନେଇ ନିର୍ମାତା କିଛି ସ୍ପଷ୍ଟ କରିନାହାନ୍ତି । ଏହି ସାଇନ୍ସ-ଫିକସନ୍ ଆକ୍ସନ ଥ୍ରିଲରରେ ଅଲ୍ଲୁଙ୍କ ସହ ପ୍ରଥମ ଥର ପାଇଁ ଅଭିନେତ୍ରୀ ଦୀପିକା ପାଦୁକୋନ୍ ନଜର ଆସିବେ । ରଶ୍ମିକା ମନ୍ଦାନା ମଧ୍ୟ ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖାଯିବେ । ସନ୍ ପିକ୍ଚର୍ସ ଦ୍ୱାରା ନିର୍ମିତ ଏହି ଫିଲ୍ମରେ ହଲିଉଡ୍ ସ୍ତରର ଭିଏଫ୍‌ଏକ୍ସ ବ୍ୟବହାର କରାଯାଉଛି । ଚର୍ଚ୍ଚା ହେଉଛି ଯେ, ଏହି ଫିଲ୍ମରେ ଅଲ୍ଲୁ ତିନୋଟି ଭିନ୍ନ ଚରିତ୍ରରେ ଅଭିନୟ କରୁଛନ୍ତି, ଯାହା ତାଙ୍କ କ୍ୟାରିୟରର ସବୁଠାରୁ ବଡ଼ ଚ୍ୟାଲେଞ୍ଜିଂ ରୋଲ୍ ହେବ । ତେବେ ଅଫିସିଆଲ୍ ଟାଇଟଲ୍ ପୋଷ୍ଟର୍ ଆସିବା ପରେ ପ୍ରଶଂସକଙ୍କ ମଧ୍ୟରେ ଉତ୍ସାହ ଦ୍ୱିଗୁଣିତ ହୋଇଯାଇଛି । ଦର୍ଶକେ ଏବେ ଡିସେମ୍ବର ମାସକୁ ଅପେକ୍ଷା କରି ରହିଛନ୍ତି, ଯେତେବେଳେ ବଡ଼ ପରଦାରେ ଏଟ୍‌ଲି ଏବଂ ଅଲ୍ଲୁଙ୍କ ଏହି କାଳ୍ପନିକ ଦୁନିଆର ପ୍ରଥମ ଔପଚାରିକ ଝଲକ୍ ସାମ୍ନାକୁ ଆସିବ । 'ରାକା'କୁ ଭାରତୀୟ ସିନେମା ଇତିହାସର ସବୁଠାରୁ ବଡ଼ ପ୍ରୋଜେକ୍ଟ ବୋଲି କୁହାଯାଉଛି । ପ୍ରାୟ ୭୦୦ ରୁ ୮୦୦ କୋଟି ଟଙ୍କାର ବଜେଟ୍‌ରେ ଏହା ନିର୍ମାଣ ହେଉଛି ।

# ହଜିଥିବା ପାର୍ସଲର ବଜାର



ଲୋକେ ଜିନିଷକୁ ଦେଖି, ପରଖି ଏବଂ ତାର ଦାମ୍ ଜାଣି କିଣିଥାନ୍ତି । ସୋସିଆଲ ମିଡିଆରେ ଏବେ ନେଦରଲ୍ୟାଣ୍ଡର ରାଜଧାନୀ ଆମଷ୍ଟରଡ୍ୟାମ୍‌ରୁ ଏମିତି ଏକ ଅନନ୍ୟ ଷ୍ଟ୍ରିଟ୍ ମାର୍କେଟ୍‌ର ଭିଡିଓ ଭାଇରାଲ ହେଉଛି, ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଛି । ଏହି ପ୍ରସିଦ୍ଧ ବଜାରର ଏକ ଷ୍ଟଲରେ ଛୋଟ-ବଡ଼ ଆକାରର ଅସଂଖ୍ୟ ସିଫିଂ ପ୍ୟାକେଟ୍ ବିକ୍ରି ପାଇଁ ରଖାଯାଇଛି । ଆଶ୍ଚର୍ଯ୍ୟର କଥା ହେଉଛି, ଏହି ପାର୍ସଲଗୁଡ଼ିକୁ ଆଜି ପର୍ଯ୍ୟନ୍ତ କେହି ଖୋଲିନାହାନ୍ତି । ପ୍ରକୃତରେ, ଏଗୁଡ଼ିକ ହେଉଛି ସେହିସବୁ ପାର୍ସଲ ଯାହା ଅନଲାଇନ୍ ସପିଂ ସମୟରେ କୋରିୟର କମ୍ପାନିଗୁଡ଼ିକରୁ ହଜିଯାଇଥିଲା କିମ୍ବା ଏୟାରପୋର୍ଟରେ ଯାତ୍ରୀମାନଙ୍କ ଦ୍ୱାରା ଭୁଲରେ ଛାଡ଼ିହୋଇ ଯାଇଥିଲା । ଅନେକ ସମୟ ଧରି କେହି ଏହାର ଦାବିଦାର ନ ହେବାରୁ, ଏବେ ଏହି ବନ୍ଦ ଅବସ୍ଥାରେ ଥିବା ପ୍ୟାକେଟ୍‌ଗୁଡ଼ିକୁ ବଜାରରେ ବିକ୍ରି କରାଯାଉଛି । ଏହି ଦୋକାନର ନିୟମ ଅତି ରୋମାଞ୍ଚକର । ପାର୍ସଲ ଭିତରେ କ'ଣ ଅଛି ତାହା ନା ଦୋକାନୀ ଜାଣିଛନ୍ତି ନା ଗ୍ରାହକ । ଏଗୁଡ଼ିକୁ ଜିନିଷର ଦାମ୍ ଅନୁସାରେ ନୁହେଁ, ବରଂ ଓଜନ ହିସାବରେ ବିକ୍ରି କରାଯାଉଛି । ଲୋକେ କେବଳ ଅନୁମାନ ଲଗାଇ ପ୍ୟାକେଟ୍ ବାଛନ୍ତି । ଭାଗ୍ୟ ଯଦି ସାଥ୍ ଦିଏ, ତେବେ ଅଳ୍ପ କିଛି ଟଙ୍କାରେ ମହଙ୍ଗା ଆଇଫୋନ୍, ବ୍ରାଣ୍ଡେଡ୍ କ୍ୟାମେରା, ଦାମୀ ପୋଷାକ କିମ୍ବା ମୂଲ୍ୟବାନ ଅଳଙ୍କାର ମିଳିଯାଇପାରେ । ଆଉ ଯଦି ଭାଗ୍ୟ ଖରାପ ଥାଏ, ତେବେ ହୁଏତ ପ୍ୟାକେଟ୍ ଭିତରୁ କେବଳ କିଛି ସାଧାରଣ ବହି କିମ୍ବା ପ୍ଲାଷ୍ଟିକ୍ ଖେଳନା ମଧ୍ୟ ବାହାରିପାରେ । ଅନିଶ୍ଚିତତା ହିଁ ଏହି ବଜାରର ସବୁଠାରୁ ବଡ଼ ଆକର୍ଷଣ । ବର୍ତ୍ତମାନ ଏହି ଷ୍ଟଲ୍‌ରେ ସ୍ଥାନୀୟ ଲୋକଙ୍କ ସହ ବିଦେଶୀ ପର୍ଯ୍ୟଟକଙ୍କର ମଧ୍ୟ ପ୍ରବଳ ଭିଡ଼ ଜମୁଛି । ମନସ୍ତତ୍ତ୍ୱବିତ୍‌ଙ୍କ ଅନୁସାରେ, ମଣିଷର 'କୌତୂହଳ ଏବଂ ସସପେନ୍ସ' ପ୍ରତି ଥିବା ଦୁର୍ବଳତା ହିଁ ଏହି ବଜାରର ସଫଳତାର ରହସ୍ୟ । ଲୋକେ ଏଠାକୁ କେବଳ ଜିନିଷ କିଣିବାକୁ ଆସୁନାହାନ୍ତି, ବରଂ ସେହି ବନ୍ଦ ପ୍ୟାକେଟ୍ ଖୋଲିବା ସମୟରେ ମିଳୁଥିବା ରୋମାଞ୍ଚ ଏବଂ ଆନନ୍ଦକୁ ଅନୁଭବ କରିବାକୁ ଏଠାକୁ ଧାଇଁ ଆସୁଛନ୍ତି । ଅନେକ ଲୋକ ଏହି ପ୍ୟାକେଟ୍‌ଗୁଡ଼ିକୁ କିଣି ସୋସିଆଲ ମିଡିଆରେ 'ଅନ୍‌ବକ୍ସିଂ' ଭିଡିଓ ମଧ୍ୟ ପ୍ରସ୍ତୁତ କରୁଛନ୍ତି, ଯାହାକୁ ଲକ୍ଷ ଲକ୍ଷ ଭିୟୁଜ୍ ମିଳୁଛି । ଏହି ଭିଡିଓ ସାମ୍ନାକୁ ଆସିବା ପରେ ଡିଜିଟାଲ ଦୁନିଆରେ ଏକ ନୂଆ ଚର୍ଚ୍ଚା ଆରମ୍ଭ ହୋଇଛି । କେହି କେହି ଏହାକୁ ଏକ ବେଷ୍ଟ ବିଜନେସ୍ ଆଇଡିଆ କହୁଥିବା ବେଳେ, କିଛିଜଣ ଏହାକୁ ଭାଗ୍ୟର ଖେଳ ବୋଲି କହୁଛନ୍ତି ।

## ପ୍ରହେଳିକା

- ବର୍ଷା କାଳ ଗଲେ ସେ ଋତୁ ଆସେ
ନୀଳ ଆକାଶରେ ଚନ୍ଦ୍ରମା ହସେ
କଇଁ ପଦୁଅଁରେ ହସେ ପୋଖରୀ
ଜହ୍ନି ଫୁଲ ଫୁଟେ ହେଲେ ଗୋଧୂଳି
ନଇ ପାଣି ଦିଶେ ଭାରି ନିର୍ମଳ
ଦୁର୍ବାଦଳ ଶିରେ ହସେ ଶିଶିର
ଅତି ମନୋହର ସିଏ
କାଶତଣ୍ଡୀ ଖେଳେ ପବନରେ ଦୋଳି
କୁହତ ତା'ନାମ କିଏ ।
ଉତ୍ତର-ଶରତ ଋତୁ

- ପ୍ରତି ରବିବାର ଭାଦ୍ରବ ମାସେ
ଭକ୍ତିଭାବ ନେଇ ସେ ପୂଜା ଆସେ
ଝିଅ ବୋହୂମାନେ ହୁଅନ୍ତି ମେଳି
ମାତାଙ୍କୁ ପୂଜନ୍ତି ପ୍ରଣତି ଢାଳି
ଶଙ୍ଖ ହୁଳହୁଳି ଭାସି ଆସଇ
ଧୂପ ନୈବେଦ୍ୟର ବାସ ଛୁଟଇ
ସନ୍ଧ୍ୟାରେ ସେ ପୂଜା ହୁଏ
ତଅପୋଇ ଗୀତ ଗାଆନ୍ତି କୁଆଁରୀ
କୁହତ ତା'ନାମ କିଏ ।
ଉତ୍ତର-ଖୁଦୁରୁକୁଣୀ ପୂଜା

- ଭାଦ୍ରବେ ଆସଇ ପବିତ୍ର ବ୍ରତ
ପାଳନ୍ତି ଗୃହିଣୀ ହୋଇ ଏକତ୍ର
ପାଞ୍ଚ ବୁଧବାରେ ହୁଏ ସେ ପୂଜା
ହଳଦୀ କଉଡ଼ି ହୁଅଇ ଖୋଜା
ନିଜ ସନ୍ତାନଙ୍କ ମଙ୍ଗଳ ପାଇଁ
ମାଆ ରଖେ ବ୍ରତ ଉପାସ ରହି
ଓଷା ମଧ୍ୟେ ସାର ସିଏ
ଶିଳ ଶିଳପୁଆ ପ୍ରତିମା ସାଜନ୍ତି
କୁହତ ତା' ନାମ କିଏ ।
ଉତ୍ତର-ବୁଧିବାମନ ଓଷା

- ରାମଚନ୍ଦ୍ର ବେହେରା
ତେନ୍ତୁଳିପଦା, ଜଗତସିଂହପୁର

## ମାଆ ପାଖେ ଛାଡ଼ିଦିଅ



ପ୍ରଶାନ୍ତ କୁମାର ସାହୁ

ଆମେ ପାଞ୍ଚ ଛୁଆ ଓରାଙ୍ଗଉଟାନ
ଖୋଜୁଛୁ ମାଆର ମୁହଁ,
ତୁମର ଜଙ୍ଗଲ ଭଲ ଲାଗୁନାହିଁ
ମାଆ ପାଖେ ଛାଡ଼ିଦିଅ ।
କେଉଁ ସୁଖ ପାଇଁ ଆଣିଲ ଆମଙ୍କୁ
କୁହ ଆହେ ଜୀବଶ୍ରେଷ୍ଠ,
ତୁମ ପିଲାଛୁଆ ରହିଲେ ଦୂରରେ
ଲାଗେନାହିଁ କିବା କଷ୍ଟ?
ମାଆ କୋଳ ପରା ପିଲାଙ୍କ ଝୁଲଣା
ହସଖୁସିର ସଂସାର,
ମାଆ ବିନା ନାହିଁ ଶିଶୁର ଅସ୍ତିତ୍ୱ
ଆଶା ନାହିଁ ବଞ୍ଚିବାର ।
ମାଆ ଥିଲେ ପାଶେ ସ୍ୱର୍ଗ ସୁଖ ମିଳେ
ମାଆ ବିନା ନର୍କ ଭୋଗ,
ଚାଲିଲେ, ବୁଲିଲେ ମାଆ ମନେପଡ଼େ
ଆଣିଲ ଏକି ଦୁର୍ଯୋଗ ।
ଯେତେ ଫଳମୂଳ ଖାଇଲେ କି ହେବ
ମାଆ ପାଶେ ଆମ ମନ,
ମାଆ ବିନା ନାହିଁ ସୁଖ ଏ ଜୀବନେ
ଝୁରୁଅଛୁ ରାତିଦିନ । ■

ଇନ୍ଦିପୁର, ଚନ୍ଦନମଣ୍ଡପ ସାହି, ଢେଙ୍କାନାଳ

## ଶରତ ଆସିଛି



ରମାକାନ୍ତ ଦାସ

ଶରତ ଆସିଛି ମରତ ହସୁଛି
କାଶତଣ୍ଡି ଫୁଟି ହସେ
ଧରଣୀ ରାଣୀର ଅପରୂପ ବେଶ
କେଡ଼େ ମନୋହର ଦିଶେ ॥
ଶରତର ଶୁଭ୍ର ନିର୍ମଳ ଆକାଶେ
ଶୋଭା ବଢ଼ାଏ ବାଦଲ
ମନ କିଣିନିଏ ଇନ୍ଦ୍ରଧନୁ ସାତରଙ୍ଗ
ଫୁଟି ହସେ ନାନା ଜାତି ଫୁଲ ॥
ଶରତ ସକାଳେ ଝରା କାକରରେ
ଶେଫାଳୀ ଫୁଟି ହସଇ
ତା' ମଧୁ ସୁଗନ୍ଧ ମନ ମୋହିନିଏ
ତନୁ ମନ ଯାଏ ଛୁଇଁ ॥
ଶରତ ଇନ୍ଦୁର କିରଣେ ଝଲସେ
ସରୋବରେ ଶୁଭ୍ର କଇଁ
ନିର୍ମଳ ଶୋଭାରେ ଧରା ହସୁଥାଏ
ପୁଲକେ ପ୍ରାଣ ଜଗାଇ ॥
ଶରତ ପରଶେ ହସିଉଠେ ଧରା
ଚତୁର୍ଦ୍ଦିଗେ ଶୋଭା ଛୁଟେ
ଭାରି ମନୋଲୋଭା ଶରତର ଶୋଭା
ପ୍ରକୃତି ରାଣୀ ଓଠେ ହସ ଫୁଟେ ॥■

ନନ୍ଦିଗ୍ରାମ, ନାଉଗାଁ, ଜଗତସିଂହପୁର

## ସୁମନ

# ଉପଯୁକ୍ତ ମନ୍ତ୍ରୀ





ଶିବ ପ୍ରସାଦ ରାଉତ

କାମାଣପୁରର ରାଜା ଚମ୍ପତି ରାୟଙ୍କର ରାଜସଭା ଚାଲିଥାଏ । ବିଭିନ୍ନ ସମସ୍ୟାର ସମାଧାନ ହେଉଥାଏ । ଏହି ସମୟରେ ଜଣେ କୋଡ଼ିଏ, ପଚିଶି ବର୍ଷର ଯୁବକ ଆସି ରାଜାଙ୍କ ଆଗରେ ଗୁହାରୀ ଜଣେଇଲେ । ରାଜା ପଚାରିଲେ, "ତୁମର କ'ଣ ଗୁହାରୀ ? ଯୁବକ ଜଣକ ହାତଯୋଡି କହିଲେ,"ମଣିମା ! ମୁଁ ମୃତ୍ୟୁଦଣ୍ଡ ଚାହୁଁଛି ।" ଯୁବକ ଜଣଙ୍କର ଏତାଦୃଶ କଥା ଶୁଣି ଚମକି ପଡ଼ିଲେ ରାଜା, ମନ୍ତ୍ରୀ ଓ ସଭାସଦ୍ ବର୍ଗ । କେହି ବାଧ କରିନାହାନ୍ତି, ନିଜକୁ ନିଜେ କହୁଛି ମରିବାକୁ ଚାହେଁ । ରାଜା ଯୁବକଙ୍କୁ ତୀକ୍ଷ୍ଣ ନଜରରେ ଚାହିଁ କହିଲେ," କଥା କ'ଣ, ସମସ୍ତେ ତ ଦୋଷ କରି ମଧ୍ୟ ଦୋଷ ଢାଙ୍କି ନିରପରାଧ କହନ୍ତି, ବଞ୍ଚିବାକୁ ଚାହାଁନ୍ତି । ତୁମର ଦୋଷ କ'ଣ ? ମରିବାକୁ କାହିଁକି ଚାହୁଁଛ? ତହୁଁ ଯୁବକ ଜଣକ ଉତ୍ତର ଦେଲେ, "ମଣିମା ! ମୁଁ ଏକ ଗରିବ ଯୁବକ, ଶିକ୍ଷା ଗ୍ରହଣ କରିଛି, ଚାକିରି ନାହିଁ କି କିଛି କାମ କରିବାକୁ ମିଳୁନି । ଚାଷ କରିବାକୁ କ୍ଷେତ ନାହିଁ କି ବେଉସା କରିବାକୁ ଧନ ନାହିଁ । ପିତା ମୋର ବୃଦ୍ଧ, ଶଯ୍ୟାଶାୟୀ । ମୁଁ ଦେଖିଛି ବାପା ଯେତେ ପରିଶ୍ରମ କଲେ ମଧ୍ୟ ଆମେ ଚଳିପାରୁନଥିଲୁ, ଦୁଃଖରେ ଥାଉ । ଏବେ ବାପାଙ୍କ ପରେ ମୋର ପରିବାର ଚଳେଇବାରେ ମଧ୍ୟ ସେଇ ଅବସ୍ଥା ହେବ । ଫଳରେ ଚଳି ନ ପାରିଲେ, ବିଭିନ୍ନ ଚିନ୍ତା ମନକୁ ଆସିବ । ଅନ୍ୟାୟ ଉପାୟରେ ଅର୍ଥ ରୋଜଗାର କରିବି । ଚୋରି କରିବି, ମଣିଷ ବି ମାରିପାରେ । ଏମିତି କରି ତ ଦିନେ ଧରାପଡିବି, ଆଉ ସେତେବେଳେ ଆପଣଙ୍କ ଦ୍ୱାରା ଶୂଳୀ ପାଇବି । ଏଣୁ ପରେ ମରିବା ଅପେକ୍ଷା ଏବେ ମରିଯିବା ଶ୍ରେୟସ୍କର ହେବ ।" ଯୁବକର ଯୁକ୍ତି ରାଜାଙ୍କ ମନକୁ ପାଉଥାଏ । ରାଜା ନୀରବରେ ଶୁଣୁଥାନ୍ତି । ଯୁବକ ଜଣକ ପୁଣି କହିଲେ," ହେ ମଣିମା, ମୋର ପ୍ରାର୍ଥନା ଯଦି ଶୁଣାଯିବ, ମୁଁ ଆପଣଙ୍କ ଠାରେ ମୃତ୍ୟୁ ପରେ ବି କୃତଜ୍ଞ ରହିବି । ମୋ ସହିତ ମୋ ବାପା,ମା',ସାନଭାଇ,ଭଉଣୀ ଓ ଜେଜେମା'ଙ୍କୁ ମଧ୍ୟ ମୃତ୍ୟୁଦଣ୍ଡ ଦେଇଦେଲେ, ଛାମୁଙ୍କର ମଙ୍ଗଳ ହେବ । ଆମେ ସବୁ ଭୋକ ଦାଉରୁ ଓ ଦୁଃଖରୁ ରକ୍ଷା ପାଇଯିବୁ ।" ଯୁବକଙ୍କର ଦୁଃଖଭରା କଥାରେ ରାଜା ପ୍ରଭାବିତ ହେଲେ, ତାଙ୍କୁ ଦୁଃଖରୁ ମୁକ୍ତି ଦେବାପାଇଁ, ତାଙ୍କ ଅନୁରୋଧରେ ସେ ସପରିବାରଙ୍କୁ ମୃତ୍ୟୁଦଣ୍ଡର ଅନୁମତି ଦେବାକୁ ଯାଉଥିଲେ ।

ହଠାତ୍ ମନ୍ତ୍ରୀ ରାଜାଙ୍କ ମନକଥା ଜାଣିପାରି କଥା ମଝିରେ ପଶି କହିଲେ,"ହେ ଯୁବକ, ତୁମ ଗୁହାରୀ ମଣିମା ଶୁଣିଛନ୍ତି, ତୁମକୁ ରାଜ ଦରବାରରେ ରତ୍ନଭଣ୍ଡାର ଦାୟିତ୍ୱରେ ଚାକିରି ଦିଆଗଲା । ଯାଅ, ପରିବାରକୁ ଏକଥା ଜଣେଇଦିଅ । ଆସନ୍ତାକାଲି ଆସି ଚାକିରି ସେବାରେ ଯୋଗଦିଅ ।" ଯୁବକ ଜଣକ କୃତ୍ୟ କୃତ୍ୟ ହୋଇ ରାଜାଙ୍କର ମଙ୍ଗଳକାମନା କରି ଖୁସିରେ ଲେଉଟିଗଲେ । ମନ୍ତ୍ରୀଙ୍କର ଏପରି କଥା ଶୁଣି ମହାରାଜ ଚମ୍ପତିରାୟ ଗମ୍ଭୀର ଗଳାରେ ପଚାରିଲେ,"ମହାମନ୍ତ୍ରୀ, ତୁମର ମୁଣ୍ଡ ଖରାପ ହୋଇଯାଇଛି । ତୁମେ ସେ ଯୁବକକୁ ଭଣ୍ଡାରଘର ରକ୍ଷଣ ଦାୟିତ୍ୱ ଦେଇଦେଲ; ଶୁଣିଲନି, ସେ କହୁଥିଲା ଚୋରୀ କରିବି, ମଣିଷ ମାରିବି, ତଥାପି.. ।" ମନ୍ତ୍ରୀ କହିଲେ," ହେ ମଣିମା, ମୁଁ ତା'ର ସବୁ କଥା ଶୁଣିଲି । ଆଉ ଅଧିକାର ଅଛି ବୋଲି କହୁଛି । ଆପଣ କ'ଣ କରିବାକୁ ଯାଉଥିଲେ? ତାକୁ ମୃତ୍ୟୁଦଣ୍ଡ ପୁଣି ସପରିବାରେ ! କାଲି ପୁଣି ଏକ ଦୁଇ ପରିବାର ମୃତ୍ୟୁଦଣ୍ଡ ଚାହିଁବେ, ତା'ପରଦିନ ଆହୁରି, ଆହୁରି ଏମିତି ଅନେକ । କ'ଣ ଆପଣ ସମସ୍ତଙ୍କୁ ମୃତ୍ୟୁଦଣ୍ଡ ଦେଇପାରିବେ! ଆଉ ଆପଣ ରାଜା ହେବେ କାହା ପାଇଁ? କିଏ ରହିବ ଏ ରାଜ୍ୟର? ମୋର କହିବାର ତାତ୍ପର୍ଯ୍ୟ ଆପଣ କେବେ ବୁଝିବାକୁ ଚେଷ୍ଟା କରିନାହାନ୍ତି ଯେ, ଲୋକମାନେ କିପରି ଅଛନ୍ତି । ଯୁବକଙ୍କ କଥାରୁ ଶୁଣିଲେ ସେ ତାଙ୍କ ପିତା,ମାତାଙ୍କ ସହ ଅଭାବ ଦୁଃଖରେ ଅଛି, ତେଣୁ ଦୁଃଖର କରାଳ ଛାୟାରୁ ମୁକ୍ତି ପାଇଁ ମୃତ୍ୟୁଦଣ୍ଡ ଚାହୁଁଛି । ଏହି ଚିତ୍ର କ'ଣ ଗୋଟିଏ? " ମନ୍ତ୍ରୀ ଭାବବିହ୍ୱଳ ହୋଇ ପୁଣି କହିଲେ,"ଏହି ଦୁଃଖର ଚିତ୍ର ଆଜି ରାଜ୍ୟର କୋଣ ଅନୁକୋଣରେ । ଆପଣ କେବେ ରାଜ୍ୟ ଭ୍ରମଣ କଲେ ନାହିଁ । ପ୍ରଜାର ଦୁଃଖକୁ ବୁଝିଲେ ନାହିଁ । ଆମେ ପ୍ରଜାହିତ ପାଇଁ କିଛି କାମ କଲେ ନାହିଁ । ଏଣୁ ରାଜ୍ୟସାରା ସମସ୍ତେ ଦୁଃଖୀ । ଏହା ଫଳରେ ପ୍ରଜା ଅସନ୍ତୋଷ ଓ ପ୍ରଜାମେଳି ବା ପ୍ରଜାବିଦ୍ରୋହ ହେବ । ନା' ଆପଣ ରହିବେ ନା' ଆମେ ପାରିଷଦ କେହି ରହିବୁ । ପ୍ରଜାମେଳି ନିକଟରେ କି ସୈନ୍ୟବାହାନୀ ! ଆପଣ ଇତିହାସ ଦେଖନ୍ତୁ ଆଜ୍ଞା କେତେ ରାଜ୍ୟ ଛାରଖାର ହୋଇଯାଇଛି ପ୍ରଜାଙ୍କ ଆକ୍ରୋଶରେ ।" ଏଥର ମହାମନ୍ତ୍ରୀ କ୍ଷାନ୍ତ ହୋଇ କହିଲେ," ମଣିମା, ନ କହିବା କଥା ହୁଏତ କହିଦେଲି । ଯେହେତୁ ମୁଁ ମନ୍ତ୍ରୀ, କେତେଦିନ ଆଉ ନୀରବ ରହିଥାନ୍ତି । ଏଣୁ ଆପଣଙ୍କ ମୁହଁ ଉପରେ କଥା କହିଦେଲି । ଆପଣ ସେ ଯୁବକ ପ୍ରତି ବଦଳରେ ମୋତେ ମୃତ୍ୟୁଦଣ୍ଡ ଦେଇପାରିବେ ।" ସିଂହାସନରୁ ଉଠିପଡ଼ି ରାଜା ମନ୍ତ୍ରୀଙ୍କ ନିକଟକୁ ଓହ୍ଲେଇ ଆସି,କୁଣ୍ଢାଇ ପକାଇଲେ ଓ କହିଲେ,"ମୋ ଚେତନା ଜାଗ୍ରତ କରିଦେଲ ମନ୍ତ୍ରୀ, ଭୁଲ୍ ହୋଇ ଗଲାଣି । ଏବେ କେବଳ ପ୍ରଜାଙ୍କ ସୁଖ । ଆହା ! ତୁମେ ଉପଯୁକ୍ତ ମନ୍ତ୍ରୀ । ■

ବଛଡା, ଭଦ୍ରକ

ବି:ଦ୍ର- 'ସକାଳ'ର ସୁମନ୍ ପୃଷ୍ଠାରେ ଗଳ୍ପ, କବିତା ପ୍ରକାଶ କରିବାକୁ ଇଚ୍ଛୁକ ପାଠକ ପାଠିକାମାନେ sakalasishu@gmail.comକୁ ପଠାଇ ପାରିବେ । ଛାତ୍ରଛାତ୍ରୀମାନେ (ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ) ଡ୍ରଇଂ ପଠାଇବାକୁ ଚାହୁଁଥିଲେ ସେମାନଙ୍କର ଏକ ପାସ୍‌ପୋର୍ଟ ସାଇଜ୍ ଫଟୋ ସହ ଶ୍ରେଣୀ, ବିଦ୍ୟାଳୟ ଓ ସହରର ନାମ ଲେଖି ଏହି ମେଲ୍‌ରେ ପଠାଇ ପାରିବେ ।

## ଛୋଟ ହାତର ତୁଳି





ଅଦ୍ୱିକା ହୋତା
ପଞ୍ଚମ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ବଲାଙ୍ଗିର





ବିଦ୍ୟା ବିଶେଶ୍ୱରୀ ପଣ୍ଡା
ତୃତୀୟ ଶ୍ରେଣୀ
ବ୍ରିଜଓ୍ୱେଲ ଗ୍ଲୋବାଲ ସ୍କୁଲ
ସରକଣା, ଖୋର୍ଦ୍ଧା





ଦିବ୍ୟାଂଶ ଶତପଥୀ
ଚତୁର୍ଥ ଶ୍ରେଣୀ
ଡି.ଏ.ଭି ପବ୍ଲିକ୍ ସ୍କୁଲ
ପାରାଦ୍ୱୀପ





ଶାଶ୍ୱତ ସାଇ ଶୁଭମ
ଚତୁର୍ଥ ଶ୍ରେଣୀ
ଡି. ଏ. ଭି ପବ୍ଲିକ୍ ସ୍କୁଲ
ନିମାପଡ଼ା

# ଅବ୍ୟବସ୍ଥା ମଧ୍ୟରେ ୨୦ତମ ଏସିଆନ୍ ଗେମ୍ସ



ଟୋକିଓ,୧୮।୯ (ଏଜେନ୍ସି)

ଅବ୍ୟବସ୍ଥା ଓ ଅରାଜକତା ମଧ୍ୟରେ ଜାପାନର ଆଇଚି-ନାଗୋୟାଠାରେ ଶନିବାରଠାରୁ ଆରମ୍ଭ ହେବାକୁ ଯାଉଛି ଏସିଆ ମହାଦେଶର ସର୍ବବୃହତ୍ ତଥା ବିଶ୍ୱର ଦ୍ୱିତୀୟ ବୃହତ୍ତମ କ୍ରୀଡ଼ା ପ୍ରତିଯୋଗିତା। ଆସନ୍ତାକାଲି ଏହି ପ୍ରତିଯୋଗିତାର ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଛି। କିନ୍ତୁ ଏହା ସଫଳତାର ସହ ଆୟୋଜିତ ହେବ କି ନ ହେବ ତାହା କାର୍ଯ୍ୟକ୍ରମ ପରେ ଜଣାପଡ଼ିବ। କିନ୍ତୁ ଯେଉଁଭଳି ଭାବରେ ଆୟୋଜକ ମାନେ ଖେଳାଳିଙ୍କ ଯିବାଆସିବା, ରହିବା ଓ ଅଭ୍ୟାସର ବ୍ୟବସ୍ଥା କରୁଛନ୍ତି ସେଥିରୁ ଏହି ପ୍ରତିଯୋଗିତା ଅରାଜକତା ମଧ୍ୟରେ ଶେଷ ହେବାର ଆଶଙ୍କା ପ୍ରକାଶ ପାଇଛି। ଅନେକ ଦେଶ ସେମାନଙ୍କ ଅସନ୍ତୋଷ ଖୋଲା ଖୋଲି ପ୍ରକାଶ କରିସାରିଛନ୍ତି। ବିଶେଷ କରି ମହିଳା ପ୍ରତିଯୋଗୀଙ୍କ ସହ ପୁରୁଷଙ୍କୁ ରଖିବା ଲାଗି ସ୍ଥାନ ଦେବା, ସମସ୍ତଙ୍କୁ ରୁମ୍ ଯୋଗାଇ ନ ପାରିବା ଆଦି ଘଟଣା ସମାଲୋଚନାକୁ ନିମନ୍ତ୍ରଣ କରିଛି। ଏହା ମଧ୍ୟରେ ମଧ୍ୟ ପ୍ରତିଯୋଗୀ ସଫଳତାର ଶୀର୍ଷକୁ ଛୁଇଁବେ ବୋଲି ସ୍ୱପ୍ନ ଦେଖୁଛନ୍ତି।

### ୪୬ ଦେଶ, ୧୧୦୦୦ ପ୍ରତିଯୋଗୀ

ସେପ୍ଟେମ୍ବର ୧୯ରୁ ଅକ୍ଟୋବର ୪ ତାରିଖ ଅର୍ଥାତ ୧୬ ଦିନ ଧରି ହେବାକୁ ଥିବା ଏହି ପ୍ରତିଯୋଗିତାରେ ଏସିଆ ମହାଦେଶର ମୋଟ ୪୬ଟି ଦେଶ ଅଂଶଗ୍ରହଣ କରୁଛନ୍ତି। ପଦକ ତାଲିକାରେ ପ୍ରଥମ ଦୁଇଟି ସ୍ଥାନ ଲାଗି ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଚୀନ୍ ଓ ଜାପାନ ବ୍ୟତୀତ ଦକ୍ଷିଣ କୋରିଆ, ଭାରତ, ଯୁଦ୍ଧରେ ଲିପ୍ତ ଇରାନ, କାଜାଖସ୍ଥାନ, ଉତ୍ତରକୋରିଆ ଆଦି ଦେଶ ଏହି ପ୍ରତିଯୋଗିତା ଲାଗି ସର୍ବବୃହତ୍ ପ୍ରତିଯୋଗୀ ଦଳକୁ ପଠାଇଛନ୍ତି। ଏଥିରେ ମୋଟ ୧୧,୦୦୦ କ୍ରୀଡ଼ାବିତ ଓ କର୍ମକର୍ତ୍ତା ଅଂଶଗ୍ରହଣ କରିବେ ବୋଲି ଆଶା କରାଯାଉଛି। ଏଥର ଆୟୋଜକ ଦେଶ ଜାପାନ ସର୍ବାଧିକ ୯୧୯ ଜଣ ପ୍ରତିଯୋଗୀଙ୍କୁ ଭାଗନେବାକୁ ଯୋଗ୍ୟ ବିବେଚିତ କରିଛି। ଚୀନ୍ ଦ୍ୱିତୀୟ ସର୍ବାଧିକ ୮୦୩, ଦକ୍ଷିଣ କୋରିଆ ୭୮୦, ଛୋଟିଆ ଦେଶ ହଂକଂ ୫୬୯, କାଜାଖସ୍ତାନ ୫୫୯, ଭାରତ ୪୯୬, ଫିଲିପାଇନ୍ସ ୪୪୭ ଓ ମାଲେସିଆ ୩୫୨ଜଣ ଆଥଲେଟଙ୍କୁ ଭାଗନେବାକୁ ସୁଯୋଗ ଦେଇଛି।

### ୪୩ ଖେଳ, ୪୬୯ ପଦକ

ପ୍ୟାରିସ୍ ଅଲିମ୍ପିକ୍ସରେ ଖେଳାଯାଇଥିବା ଖେଳରୁ ୩ଟିକୁ ବାଦ୍ ଦେଇ ଏସିଆନ ଗେମ୍ସରେ ସମସ୍ତ ଖେଳକୁ ସାମିଲ କରାଯାଇଛି। ଏଥର ମୋଟ ୪୩ଟି ଖେଳରେ ପ୍ରତିଦ୍ୱନ୍ଦ୍ୱିତା ହେବ। ଏଥିରେ ୭୧ଟି ବିଭାଗ ରହିଛି, ଯେଉଁଥିରେ ମୋଟ ୪୬୯ଟି ପଦକ ପ୍ରଦାନର ବ୍ୟବସ୍ଥା ଅଛି। ୨୦୨୨ ହାଙ୍ଗଝୋଉ ଏସିଆନ ଗେମ୍ସରେ ଖେଳାଯାଇଥିବା ଖେଳରୁ ୧୨ଟି ଇଭେଣ୍ଟ କମ୍ ଏଠାରେ ଆୟୋଜିତ ହେବ। ଏଥର ଅଲିମ୍ପିକ୍ କାଉନ୍ସିଲ ଏସିଆ ୭ଟି, ଆଞ୍ଚଳିକ ଖେଳ ୫ଟି, ଆୟୋଜକ କମିଟି ୩ଟି ଖେଳକୁ ସାମିଲ କରିବାକୁ ସୁପାରିସ୍ କରିଥିଲା। ଏଗୁଡିକରେ ଏଥର ପ୍ରତିଯୋଗିତା ହେବ।

### କ୍ରୀଡ଼ା ଗ୍ରାମ ଓ ଭେନ୍ୟୁ



ଏଠାରେ ସବୁଠାରୁ ବଡ଼ ସମସ୍ୟା ସୃଷ୍ଟି କରିଛି କ୍ରୀଡ଼ା ଗ୍ରାମ। ଜାପାନରେ ଘର ତିଆରି ଲାଗି ବ୍ୟବହାର କରାଯାଉଥିବା ଉପକରଣର ମୂଲ୍ୟ ବିଶ୍ୱରେ ସର୍ବାଧିକ। ଏଥିଲାଗି ଆୟୋଜକମାନେ କ୍ରୀଡ଼ାଗ୍ରାମ ନିର୍ମାଣ ନ କରିବାକୁ ନିଷ୍ପତ୍ତି ନେଇଥିଲେ। କ୍ରୀଡ଼ାବିତ ଓ କର୍ମକର୍ତ୍ତାଙ୍କ ମଧ୍ୟରୁ ସର୍ବାଧିକ ସମୁଦ୍ର ମଧ୍ୟରେ ଥିବା ଯୁଦ୍ଧ ଜାହାଜ, ବିଭିନ୍ନ ଅତିଥଗୃହ, ହୋଟେଲ ଆଦିରେ ରଖିବାକୁ ଯୋଜନା କରିବାକୁ ଅବ୍ୟବସ୍ଥା ସୃଷ୍ଟି ହୋଇଛି।

ଅନ୍ୟ ପକ୍ଷରେ ଆଇଚି-ନାଗୋୟା ଟୋକିଓ କିମ୍ବା ଅନ୍ୟ ସହର ପରି ଏତେ ଉନ୍ନତ ନୁହେଁ। ଯାହା ଫଳରେ ସମସ୍ତ ଖେଳ ସେଠାରେ ଆୟୋଜକ କରିବା କଷ୍ଟକର ହୋଇପଡ଼ିଛି। ଏଣୁ କିଛି ଖେଳ ଗ୍ରେଟର ଟୋକିଓ ଏରିଆରେ ଆୟୋଜନ କରାଯାଉଛି। ସାଇକଲ ଚାଳନା ସିଜୁଓକାର ଇଜୁ ଭେଲୋଡ୍ରମ୍‌ରେ ଜଳକ୍ରୀଡ଼ା ଟୋକିଓର ରେନ୍‌ବୋ ପୁଲ୍‌ରେ ଓ ଟୋକିଓ ଆକ୍ୱାଟିକ୍ ସେଣ୍ଟରରେ, ଘୋଡ଼ାଦୌଡ଼ ଟୋକିଓ ଇକ୍ୱେଷ୍ଟ୍ରିଆନ୍ ପାର୍କରେ, ୱାଟର ପୋଲୋ ନିପନ ଗାଇସି ହଲ୍‌ରେ ଖେଳାଯିବାର ବ୍ୟବସ୍ଥାନ ହୋଇଛି। କ୍ରିକେଟ ଖେଳ ନିଶିନ୍‌ରେ କ୍ରିକେଟ ଖେଳାଯାଉଛି। ନାଗୋୟାର ପାଲୋମା ମିଜୁହୋ ସ୍ପୋର୍ଟ୍ସ ପାର୍କରେ ସବୁଠାରୁ ବଡ଼ ଇଭେଣ୍ଟ ଆଥଲେଟିକ୍ସ, ରଗ୍‌ବୀ ଓ ସିପଟାକ୍ର ଇଭେଣ୍ଟ ଖେଳାଯିବ। ଏଠାରେ ମଧ୍ୟ ବାସ୍କେଟବଲ, ଫୁଟବଲ, ଟେନିସ, ମାର୍ଶିଆଲ ଆର୍ଟ୍ସ, ରେସଲିଂ, ୱେଟଲିଫ୍ଟିଂ, ଜିମ୍ନାଷ୍ଟିକ୍ସ, ସାଇକ୍ଲିଂ ଓ ସ୍କ୍ୱାଶ ଖେଳାଯିବ। ସେହିପରି ଆଇଚି ପରଫେକ୍‌ଚରରେ ସଫ୍ଟବଲ, ସେଲିଂ, ମଡର୍ଣ୍ଣ ପେଣ୍ଟାଥଲନ, ଟ୍ରାଏଥଲନ, ବିଚ୍ ଭଲିବଲ, ବ୍ୟାଡ୍‌ମିଣ୍ଟନ, ହ୍ୟାଣ୍ଡବଲ୍, ଭଲିବଲ, ଗଲ୍ଫ, ବକ୍ସିଂ, କ୍ରିକେଟ, ଆର୍ଚରୀ, ବେସ୍‌ବଲ, କବାଡି, କରାଟେ, ସୁଟିଂ ଓ କାନୋଇଂ ଆଦି ପ୍ରମୁଖ ଇଭେଣ୍ଟ ଆୟୋଜିତ ହେବ।

20th Asian Games
Aichi-Nagoya 2026

### ମୋଟୋ, ମାସ୍କଟ ଓ ଏମ୍ବ୍ଲେମ୍

ଏସିଆନ ଗେମ୍ସ ଆରମ୍ଭ ହେବାର ୬ ବର୍ଷ ପୂର୍ବରୁ ଏହାର ମୋଟୋ ସ୍ଥିର କରାଯାଇଥିଲା। 'ଗୋଟିଏ ଏସିଆର କଳ୍ପନା' ହେଉଛି ଆଇଚି-ନାଗୋୟା ଏସିଆନ ଗେମ୍ସର ମୋଟୋ। ୨୦୨୪ ଜୁଲାଇ ୧୪ରେ ମାସ୍କଟ ଉନ୍ମୋଚିତ ହୋଇଥିଲା। ହୋନୋହୋନ୍ ବା ଲେଲିହାନ ଅଗ୍ନିଶିଖା। ଏହାର ଅର୍ଥ ହେଉଛି ଉତ୍ସାହ, ଶକ୍ତ ଓ ଆତ୍ମୀୟତା।

ଏହି କ୍ରୀଡ଼ାର ଏମ୍ବ୍ଲେମ ବା ପ୍ରତୀକ ଭାବେ କିଛି ରଙ୍ଗକୁ ଗ୍ରହଣ କରାଯାଇଛି। ବାଇଗଣି, ସୁନା ଓ ସବୁଜ ରଙ୍ଗକୁ ନେଇ ଏହି ଏମ୍ବ୍ଲେମ୍ ପ୍ରସ୍ତୁତ ହୋଇଛି। ବାଇଗଣି ରଙ୍ଗ ଆଇରିସ୍ ଲାଭିଗାଟା (ଜାପାନର ଏକପ୍ରକାର ଫୁଲ)କୁ ଦର୍ଶାଉଛି। ସୁନା ରଙ୍ଗ 'ଶାଚିହୋକୋ' ନାଗୋୟା ଦୁର୍ଗରେ ଥିବା ସୁନେଲି ବାଘ-ମାଛର ସ୍ଥାପତ୍ୟକୁ ବୁଝାଉଛି। ସବୁଜ ରଙ୍ଗ ପରିବେଶ ସଚେତନତାକୁ ପ୍ରତିନିଧିତ୍ୱ କରୁଛି।

# ଉଦ୍‌ଘାଟନୀ ଉତ୍ସବରେ ମନୁ-ତାଜିନ୍ଦର ଧ୍ୱଜାବାହକ

ନାଗୋୟା, ୧୮।୯ (ଏଜେନ୍ସି): ବିଂଶତମ ଏସୀୟ କ୍ରୀଡ଼ାର ଆନୁଷ୍ଠାନିକ ଉଦ୍‌ଘାଟନ ଉତ୍ସବ ଶନିବାର ଅନୁଷ୍ଠିତ ହେବ। ଜାପାନର ଆଇଚି-ନାଗୋୟାସ୍ଥିତ ପାଲୋମା ମିଜୁହୋ ଷ୍ଟାଡିୟମରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସହ ଏସୀୟ ମହାଦେଶର ଏହି ଶ୍ରେଷ୍ଠ କ୍ରୀଡ଼ା ପ୍ରତିଯୋଗିତା ଆରମ୍ଭ ହେବ। ଭାରତୀୟ ସମୟ ଅପରାହ୍ନ ୨:୩୦ରୁ ୪:୩୦ ମଧ୍ୟରେ ଉଦ୍‌ଘାଟନୀ କାର୍ଯ୍ୟକ୍ରମ ରହିଛି। ୨୦୨୪ ପ୍ୟାରିସ ଅଲିମ୍ପିକ୍ସରେ ଡବଲ୍ ପଦକ ବିଜୟିନୀ ମନୁ ଭାକର ଏବଂ ଦୁଇଥର ସଟ୍ ପୁଟ୍ ଚାମ୍ପିଅନ୍ ତାଜିନ୍ଦରପାଲ ସିଂହ ତୁର ଉଦଘାଟନୀ ସମାରୋହରେ ଭାରତୀୟ କ୍ରୀଡ଼ାବିତ୍ ଦଳର ପତାକାବାହକ ରହିବେ। ଭାରତର ଚେଫ୍-ଡି-ମିଶନ ସହଦେବ ଯାଦବ ଓ ଆଥ୍‌ଲେଟିକ ଫେଡେରେସନ୍ ଅଫ୍ ଇଣ୍ଡିଆ ପକ୍ଷରୁ ଶୁକ୍ରବାର ଏହା ଘୋଷଣା କରାଯାଇଛି।

"ହାରମୋନିକ୍ ହାର୍ଟ ବିଟ୍' ଉଦଘାଟନୀ ଉତ୍ସବର ଥିମ୍ ଅର୍ଥାତ୍ ବିଷୟବସ୍ତୁ ରହିଛି। ଏହାର ଅର୍ଥ ହେଉଛି ସମଗ୍ର ଏସିଆର ଖେଳାଳିମାନଙ୍କୁ ହୃଦୟରୁ ହୃଦୟ ସହିତ ସଂଯୋଗ କରିବାର ପ୍ରତୀକ। ନାଗୋୟାରେ ଜନ୍ମିତ ଚଳଚ୍ଚିତ୍ର ନିର୍ମାତା ୟୁକିହିକୋ ସୁତସୁମି ଉଦଘାଟନୀ ଉତ୍ସବକୁ ନିର୍ଦ୍ଦେଶନା ଦେଉଛନ୍ତି। ଆକ୍ସନ ଫିଲ୍ମ 'ଟୋଣ୍ଟିଥ୍ ସେଞ୍ଚୁରୀ ବଏଜ' ପାଇଁ ସେ ବେଶ୍ ଜଣାଶୁଣା। ସୁତସୁମି ଏଥିପୂର୍ବରୁ ୨୦୨୩ ଏସୀୟ କ୍ରୀଡ଼ାର ଉଦ୍‌ଯାପନୀ ଉତ୍ସବରେ ମଧ୍ୟ ନିର୍ଦ୍ଦେଶନା ଦେଇଥିଲେ।

**ଆରମ୍ଭ: ଅପରାହ୍ଣ ୨ଟା ୩୦**

**ପ୍ରସାରଣ: ସୋନୀ ସ୍ପୋର୍ଟ୍ସ ନେଟୱର୍କ/ସୋନି ଲିଭ୍ ଆପ୍**

# ମହିଳା କ୍ରିକେଟ: ଭାରତ-ବାଂଲା ସେମିଫାଇନାଲ

ନିଶିନ୍,୧୮।୯(ଏଜେନ୍ସି): ଏଠାରେ ଆଜି ଅନୁଷ୍ଠିତ ଏସିଆନ ଗେମ୍ସ ମହିଳା କ୍ରିକେଟ ପ୍ରତିଯୋଗିତାର କ୍ୱାର୍ଟର ଫାଇନାଲ ମୁକାବିଲାରେ ଶ୍ରୀଲଙ୍କା ୮୬ ରନ୍‌ରେ ମାଲେସିଆକୁ ଓ ଭାରତ ୮ ୱିକେଟରେ ଆୟୋଜକ ଜାପାନକୁ ପରାସ୍ତ କରିଛି। ଏହି ମ୍ୟାଚ୍ ପରେ ସେମିଫାଇନାଲରେ କିଏ କାହା ସହ ଖେଳିବେ ତାହା ସ୍ଥିର ହୋଇଯାଇଛି। ସେମିଫାଇନାଲ ମୁକାବିଲା ସେପ୍ଟେମ୍ବର ୨୦ ବା ରବିବାର ଖେଳାଯିବ। ଏହା ମଧ୍ୟରୁ ଶ୍ରୀଲଙ୍କା ଓ ପାକିସ୍ତାନ ମଧ୍ୟରେ ପ୍ରଥମ ଏବଂ ଭାରତ ଓ ବାଂଲାଦେଶ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଖେଳାଯିବ। ସେପ୍ଟେମ୍ବର ୨୨ ବା ମଙ୍ଗଳବାର ଉଭୟ ସ୍ୱର୍ଣ୍ଣ ଓ କାଂସ୍ୟ ପଦକ ଲାଗି ମୁକାବିଲା ହେବ। ଆଜି ଏଠାରେ ଖେଳାଯାଇଥିବା ତୃତୀୟ କ୍ୱାର୍ଟର ଫାଇନାଲରେ ଚାମରି ଆଟାପାଟୁଙ୍କ ୬୩ ଓ କାଭିଶା ଦିଲହାରୀଙ୍କ ଅପରାଜିତ ୪୪ ରନ୍ ସହାୟତାରେ ପ୍ରଥମେ ବ୍ୟାଟିଂ କରି ଶ୍ରୀଲଙ୍କା ୪ ୱିକେଟରେ ୧୬୦ ରନ୍ କରିଥିଲା। ଜବାବରେ ମାଲେସିଆ ସମାନ ସଂଖ୍ୟକ ବା ୨୦ ଓଭର ଖେଳି ୭ ୱିକେଟରେ ୭୪ ରନ୍ କରିବାକୁ ସମର୍ଥ ହୋଇଥିଲା। ଚାମରି, ମିତାଲି ଆୟୋଧା ଓ କାଭିଶା ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ସେହିପରି ଚତୁର୍ଥ ତଥା ଶେଷ କ୍ୱାର୍ଟର ଫାଇନାଲକୁ ଭାରତ ୫ ଓଭରରେ ୨ ୱିକେଟ ହରାଇ ଜିତିନେଇଥିଲା। ଏହି ମ୍ୟାଚ୍‌ରେ ଶ୍ରୀଚରଣି ୧୦ରନ୍‌ରେ ୪ଟି, ଶେଫାଳି ବର୍ମା ୧୩ରନ୍‌ରେ ୨ଟି ୱିକେଟ ନେବା ଫଳରେ ପ୍ରଥମେ ବ୍ୟାଟିଂ କରି ଜାପାନ ୧୯.୫ ଓଭରରେ ୫୭ ରନ୍ କରିଥିଲା। ଜବାବରେ ଭାରତ ୫ ଓଭରରେ ମାତ୍ର ୨ ୱିକେଟ ହରାଇ ବିଜୟୀ ହୋଇଥିଲା। ଦଳ ପକ୍ଷରୁ ଶେଫାଳି ବର୍ମା ୧୫ବଲ୍‌ରେ ୪୦ ଓ ରିଚା ଘୋଷଣ ୬ ବଲ୍‌ରେ ୧୨ ରନ୍ କରି ଅପରାଜିତ ରହିଥିଲେ।

| ସେମିଫାଇନାଲ କାର୍ଯ୍ୟସୂଚୀ | | |
|---|---|---|
| ୨୦।୯ | ଶ୍ରୀଲଙ୍କା-ପାକିସ୍ତାନ | ସକାଳ ୯ଟା |
| ୨୦।୯ | ଭାରତ-ବାଂଲାଦେଶ | ଅପରାହ୍ଣ ୨ଟା |

## ଅବ୍ୟବସ୍ଥାର ଆଉ ଏକ ନମୁନା
# ପ୍ରଣତି-ଅଶୋକଙ୍କୁ ମିଳିଲା ଗୋଟିଏ ରୁମ୍

ନାଗୋୟା, ୧୮।୯ (ଏଜେନ୍ସି): ରାତି ପାହିଲେ ଏସିଆନ ଗେମ୍ସର ୨୦ତମ ସଂସ୍କରଣ ଉଦ୍‌ଘାଟିତ ହେବ। ତେବେ ଏଥିପୂର୍ବରୁ ଖରାପ ବ୍ୟବସ୍ଥାର ଆଉ ଏକ ଘଟଣା ସାମ୍ନାକୁ ଆସିଛି। ଯାହା ଜାପାନର ସମ୍ମାନକୁ ବଦନାମ କରିଛି। ସଦ୍ୟତମ ଘଟଣାଟି ହେଉଛି ଭାରତୀୟ ଜିମ୍ନାଷ୍ଟ ପ୍ରଣତି ନାୟକ ଓ ତାଙ୍କ ପ୍ରଶିକ୍ଷକ ଓଡ଼ିଶାର ଅଶୋକ ମିଶ୍ରଙ୍କୁ ରହିବା ଲାଗି ସମାନ ଗୋଟିଏ କୋଠରୀ ଆବଣ୍ଟିତ କରାଯାଇଥିଲା। ଏହାକୁ ନେଇ ଆୟୋଜକଙ୍କ ନିକଟରେ ଆପତ୍ତି ଉଠାଇଥିଲେ ମଧ୍ୟ କୌଣସି ସମାଧାନ କରାଯାଇ ନ ଥିଲା। ଶେଷରେ ପ୍ରଣତି ଏବଂ ତାଙ୍କ ପ୍ରଶିକ୍ଷକ ଭାରତୀୟ ଅଲିମ୍ପିକ୍ ଆସୋସିଏସନ୍ (ଆଇଓଏ) ଅଧିକାରୀଙ୍କଠାରୁ ସହାୟତା ଲୋଡ଼ିଥିଲେ। ଆଇଓଏ ଅଧିକାରୀମାନେ ଫୋନ୍ କରି ପ୍ରଣତିଙ୍କୁ ଏକ ଅଲଗା କୋଠରୀ ଦେବା ଲାଗି ଆଶ୍ୱାସନା ଦିଆଯାଇଥିଲା। କିନ୍ତୁ ଅଶୋକ ଯେତେବେଳେ ବଦଳ କୋଠରୀର ଚାବି ଆଣିବାକୁ ଗଲେ, ତାଙ୍କୁ ଚାବି ମନା କରାଗଲା। ତାଙ୍କ ନାମ ରେକର୍ଡରେ ନାହିଁ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଥିଲା। ତେବେ ତଦନ୍ତ ପରେ ଏହି ସମସ୍ୟାର ସମାଧାନ ହୋଇଥିଲା। ଶେଷରେ ଗତକାଲି ଅପରାହ୍ନ ପ୍ରାୟ ୨ଟା ସମୟରେ ଅଶୋକ ତାଙ୍କ କୋଠରୀକୁ ପ୍ରବେଶ କରିପାରିଲେ।

# ଅଗରକରଙ୍କ ଉପରେ ନିଷ୍ପତ୍ତି ନେବ ବୋର୍ଡ

ମୁମ୍ବାଇ, ୧୮।୯ (ଏଜେନ୍ସି); ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ)ର ୯୫ତମ ବାର୍ଷିକ ସାଧାରଣ ବୈଠକ (ଏଜିଏମ୍) ମୁମ୍ବାଇସ୍ଥିତ ମୁଖ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକରଙ୍କ ଭବିଷ୍ୟତ ସମ୍ପର୍କରେ କୌଣସି ନିଷ୍ପତ୍ତି ନିଆଯାଇ ନାହିଁ। ଅଗରକରଙ୍କ କାର୍ଯ୍ୟକାଳ ବୃଦ୍ଧି କିମ୍ବା ନୂତନ ମୁଖ୍ୟ ଚୟନକର୍ତ୍ତାଙ୍କୁ ନିଯୁକ୍ତି ଦେବା ନିଷ୍ପତ୍ତି ବୋର୍ଡ ଅଧିକାରୀଙ୍କ ଉପରେ ଛାଡ଼ି ଦିଆଯାଇଛି। ଅଗରକରଙ୍କ କାର୍ଯ୍ୟକାଳ ୬ ଅକ୍ଟୋବରରେ ଶେଷ ହେବାକୁ ଯାଉଛି। ଫଳରେ ବିସିସିଆଇ ତାଙ୍କ ସ୍ଥାନରେ ଚୟନକମିଟିର ନୂତନ ଅଧ୍ୟକ୍ଷ ପଦ ଲାଗି ଆବେଦନ କରିପାରେ।

# ଭାରତକୁ ଜିତାଇଲେ ଜୁନିଅର ସେହ୍ୱାଗ-ଦ୍ରାବିଡ୍

ରାଜକୋଟ, ୧୮।୯ (ଏଜେନ୍ସି): ଭ୍ରମଣକାରୀ ଅଷ୍ଟ୍ରେଲିଆ ଦଳ ବିପକ୍ଷରେ ଶୁକ୍ରବାର ଏଠାରେ ଖେଳାଯାଇଥିବା ପ୍ରଥମ ଯୁଥ୍ (୧୯ ବର୍ଷରୁ କମ୍) ଦିନିକିଆରେ ଭାରତ ୭ ରନରେ ବିଜୟୀ ହୋଇଛି। ଦୁଇ ପୂର୍ବତନ କିଂବଦନ୍ତୀ କ୍ରିକେଟର୍ ବୀରେନ୍ଦ୍ର ସେହ୍ୱାଗ ଓ ରାହୁଲ ଦ୍ରାବିଡଙ୍କ ପୁଅ ଆର୍ଯ୍ୟବୀର ସେହ୍ୱାଗ ଓ ଅନଭୟ ଦ୍ରାବିଡ ଭାରତକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ବର୍ଷା ବାଧାପ୍ରାପ୍ତ ଯୋଗୁଁ ମ୍ୟାଚକୁ ୨୦ ଓଭର ବିଶିଷ୍ଟ କରାଯାଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା ଭାରତ ୨୦ ଓଭରରେ ୮ ୱିକେଟରେ ୧୮୨ ରନ କରିଥିଲା। ଯୁଥ୍ ଦଳରେ ପଦାର୍ପଣ କରିଥିବା ଆର୍ଯ୍ୟବୀର ପିତାଙ୍କ ପରି ଓପନିଂ ଆସି ୨୬ ବଲରେ ୨୮ ରନ କରିଥିଲେ। ଯେଉଁଥିରେ ସେ ୫ଟି ଚୌକା ମାରିଥିଲେ। ସେହିଭଳି ଦ୍ରାବିଡଙ୍କ ସାନ ପୁଅ ଅନଭୟ ୩ ଛକା ଓ ୨ ଚୌକା ବଳରେ ୧୮ ବଲରେ ୩୮ ରନର ଦ୍ରୁତ ପାଳି ଖେଳିଥିଲେ। ଜବାବରେ ଅଷ୍ଟ୍ରେଲିଆ ୭ ୱିକେଟରେ ୧୭୫ ରନ କରିବାକୁ ସମର୍ଥ ହୋଇଥିଲା।

**ଦିନକ ପରେ ଓଡ଼ିଶା ଟି-୨୦ ଲିଗ୍**

# 'ରାଉରକେଲାର ସମସ୍ତେ ବିଜେତା'



ଭୁବନେଶ୍ୱର, ୧୮।୯ (ସମିସ): ଆଇକନିକ ବାରବାଟୀ ଷ୍ଟାଡିୟମରେ ରବିବାରଠାରୁ ଓଡ଼ିଶା ଟି-୨୦ ଲିଗ୍ ଆରମ୍ଭ ହେବାକୁଯାଉଛି। ଏଥିପୂର୍ବରୁ ଶୁକ୍ରବାର ଭୁବନେଶ୍ୱରରେ ରାଉରକେଲା ସୁପରଷ୍ଟାର ଦଳର ଜର୍ସି ଉନ୍ମୋଚିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ କୋଚ୍ ବସନ୍ତ ମହାନ୍ତି କହିଛନ୍ତି ଯେ ରାଉରକେଲା ଦଳରେ ସ୍ଥାନ ପାଇଥିବା ୧୬ଜଣ ଯାକ ଖେଳାଳି ଜଣେ ଜଣେ ମ୍ୟାଚ୍ ବିଜେତା। ବ୍ୟାଟିଂରେ ଅଧିନାୟକ ଗୋବିନ୍ଦ ପୋଦ୍ଦାର ହୁଅନ୍ତୁ କି ସନ୍ଦୀପ ପଟ୍ଟନାୟକ କିମ୍ବା ଅଭିଷେକ ଯାଦବ। ବୋଲିଂରେ ମଧ୍ୟ ସମ୍ବିତ ବରାଳ, ପପୁ ରାୟଙ୍କ ଭଳି ଦକ୍ଷ ଖେଳାଳି ଦଳରେ ରହିଛନ୍ତି। ତେଣୁ ଆଗାମୀ ଓଡ଼ିଶା ଟି-୨୦ ଲିଗ୍‌ରେ ଦଳ ବେଶ୍ ଭଲ ପ୍ରଦର୍ଶନ କରିବ। ବାରବାଟୀ ଗ୍ରାଉଣ୍ଡ ଉପଲବ୍ଧ ହୋଇ ନ ପାରିବାରୁ ଆମେ ସପ୍ତାହେ ହେବ ଆଠଗଡ଼ସ୍ଥିତ ଏମଜିଏମ ଗ୍ରାଉଣ୍ଡରେ ଜୋରଦାର ଅଭ୍ୟାସ କରିଛୁ। ୨୦୧୦ରେ ଜଣେ ଖେଳାଳି ଭାବେ ରାଉରକେଲାକୁ ଓଡ଼ିଶା ପ୍ରିମିୟର ଲିଗ୍‌ରେ ଚାମ୍ପିଅନ କରାଇଥିଲି। ଏବେ କୋଚ୍ ଭାବରେ ଏହି ସଫଳତାକୁ ଦୋହରାଇବାକୁ ଲକ୍ଷ୍ୟ ରଖିଛି ବୋଲି ବସନ୍ତ କହିଛନ୍ତି। ଏହି ଅବସରରେ ସୁପରଷ୍ଟାର୍ସର ସହ-ମାଲିକ ସନ୍ତୁଷ୍ଟ ଭାଟିଆ, ଅନ୍ୟତମ ସହ-ମାଲିକ ପାର୍ଥ ଲୁଥ୍ରା ପ୍ରମୁଖ ଉପସ୍ଥିତ ରହିଥିଲେ।










PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS